
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୩ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 13 March 2026

Vol.No. 36 ■ No.67 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ଆମେରିକା-ଇସ୍ରାଏଲ ସହ ଯୁଦ୍ଧ ଶେଷ ପାଇଁ ୩ ସର୍ତ୍ତ ରଖିଲା ଇରାନ



ନୂଆଦିଲ୍ଲୀ,୧୨/୩ : ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ଆଜି ୧୩ତମ ଦିନରେ ପ୍ରବେଶ କରିଛି। ଇସ୍ରାଏଲ ଓ ଆମେରିକା ମିଳିତ ଭାବେ ଇରାନ ଉପରେ ହମଲା କରୁଥିବା ବେଳେ ତେହରାନ ମଧ୍ୟ ଏହାର ପାଲଟା ଜବାବ ଦେବା ବନ୍ଦ କରିନାହିଁ। ଆମେରିକା ଉପରେ ସିଧାସଳଖ ହମଲା କରିବାରେ ବିଫଳ ହୋଇଥିବା ଇରାନ ମଧ୍ୟପ୍ରାଚ୍ୟରେ ଥିବା ୱାଶିଂଟନର ବିଭିନ୍ନ ବେସକୁ ଟାର୍ଗେଟ କରୁଛି। ସେହିପରି ବିଶ୍ୱ ବାଣିଜ୍ୟର ପ୍ରମୁଖ ଜଳମାର୍ଗ ହର୍ମୁଜକୁ ବନ୍ଦ କରି ଇରାନ ପୂରା ବିଶ୍ୱର ନିଜ ହଜାଇ ଦେଇଛି। ଆମେରିକା ଓ ଇସ୍ରାଏଲ ତୁଳନାରେ ଇରାନ ଅତ୍ୟନ୍ତ ଦୁର୍ବଳ। ତଥାପି ୧୩ ଦିନ କାଳ ଯୁଦ୍ଧରେ ଇରାନ କେବେ ବି ହାର ମାନିନାହିଁ। ବରଂ ସମୟକ୍ରମେ ନିଜ ଆକ୍ରମଣକୁ ଇରାନ ଆହୁରି ତୀବ୍ର କରୁଛି। ଏହାକୁ ଦେଖି ଆମେରିକା ଓ ଇସ୍ରାଏଲ ମଧ୍ୟ ଛାନିଆ ହେବାରେ ଲାଗିଛନ୍ତି। ଏସବୁ ଭିତରେ ପ୍ରଥମଥର ପାଇଁ ଇରାନ ପକ୍ଷରୁ ଯୁଦ୍ଧ ବନ୍ଦ କରିବାର ସଙ୍କେତ ଦିଆଯାଇଛି। ଆମେରିକା-ଇସ୍ରାଏଲ ସହ ଯୁଦ୍ଧ ବନ୍ଦ କରିବା ପାଇଁ ୩ଟି ସର୍ତ୍ତ ଉପସ୍ଥାପନ କରିଛି ଇରାନ। ଯଦି ସର୍ତ୍ତଗୁଡ଼ିକ ପୂରଣ ହେବ, ତା'ହେଲେ ଇରାନ ଆଉ ଯୁଦ୍ଧ କରିବ ନାହିଁ। ଏ ସମ୍ପର୍କରେ ଇରାନର ରାଷ୍ଟ୍ରପତି ମାସୌଦ ପେଜେଶକିଆନ। ତାଙ୍କ କହିବା କଥା ଯେ ଯୁଦ୍ଧକୁ ନେଇ ଯେକୌଣସି ସଂକଳ୍ପ ନିଶ୍ଚିତ ଭାବେ ଇରାନର ସାର୍ବଭୌମତ୍ୱ ଅଧିକାରକୁ ନିଶ୍ଚିତ କରିବ ଓ ଭବିଷ୍ୟତରେ ଯେମିତି ଦେଶ ଉପରେ ଆକ୍ରମଣ କରା ନଯିବ, ତା'ର ଗ୍ୟାରେଣ୍ଟୀ ଦେବ। ସୋଶାଲ ମିଡିଆ ଏକ୍ସରେ ଗୋଟିଏ ପୋଷ୍ଟରେ ପେଜେଶକିଆ ଆହୁରି ଦାବି କରିଛନ୍ତି ଯେ ଯୁଦ୍ଧ ବେଳେ ଇରାନ ସାମ୍ନା କରିଥିବା କ୍ଷତିକୁ ମଧ୍ୟ ଭରଣା କରାଯାଉ। ସେ କହିଛନ୍ତି, "ରୁଷ ଓ ପାକିସ୍ତାନର ନେତାମାନଙ୍କ ସହ କଥା ବାର୍ତ୍ତା କରିବା ସମୟରେ ମୁଁ ଆଞ୍ଚଳିକ ଶାନ୍ତି ପ୍ରତି ଇରାନର ପ୍ରତିବଦ୍ଧତାକୁ ଦୋହରାଇଛି। ଇହୁଦୀ ଶାସନ ଓ ଆମେରିକା ଦ୍ୱାରା ଉସକା ଯାଇଥିବା ଏହି ଯୁଦ୍ଧକୁ ଶେଷ କରିବାର ଏକମାତ୍ର ଉପାୟ ହେଲା- ଇରାନର ବୈଧ ଅଧିକାରକୁ ମାନ୍ୟତା ଦେବା, ପୁନର୍ଗଠନ ପାଇଁ କ୍ଷତିପୂରଣ ଓ ଭବିଷ୍ୟତରେ ଯେକୌଣସି ଆକ୍ରମଣ ବିରୋଧରେ ଠୋସ ଗ୍ୟାରେଣ୍ଟୀ। ◆◆ପୃଷ୍ଠା ୭

## ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ : ୫ ଅଧିକାରୀଙ୍କୁ ନୂଆ ଦାୟିତ୍ୱ




ଭୁବନେଶ୍ୱର, ୧୨/୩ (ନି.ପ୍ର): ରାଜ୍ୟ ସରକାର ପ୍ରଶାସନିକ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି । ଏହି ଅଦଳବଦଳ ଅନୁଯାୟୀ, ବଦଳିଲେ ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ। ତାଙ୍କ ସ୍ଥାନରେ ଆସିଲେ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ। ଆଇଏଏସ୍ ଅଧିକାରୀ ଏ. ଶସ୍ୟ ରେଡ୍ଡୀଙ୍କୁ ବ୍ରହ୍ମପୁର ମହାନଗର ନିଗମର ନୂତନ କମିସନର ଭାବେ ନିଯୁକ୍ତି ଦିଆଯାଇଛି । ଏହା ସହିତ ତାଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ଦିଆଯାଛି । ସେହିପରି ବଣାଇର ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ଅକ୍ଷୟ ପିଲ୍ଲେଙ୍କୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ଅନ୍ୟପକ୍ଷରେ, ଆଇଏଏସ୍ ଅରୁଗୁଲା ସ୍ନେହାଙ୍କୁ ମୟୂରଭଂଜ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଭାବେ ନୂତନ ନିଯୁକ୍ତି ମିଳିଛି । ଜିଲ୍ଲାର ଗ୍ରାମାଞ୍ଚଳ ବିକାଶ ଏବଂ ପଞ୍ଚାୟତରାଜ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଦିଗରେ ସେ କାର୍ଯ୍ୟ କରିବେ ।

## ସସପେନ୍ସ ବଢାଇଲେ ବିଜେଡି ବିଧାୟିକା ସୁବାସିନୀ ଜେନା

ଭୁବନେଶ୍ୱର, ୧୨/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନ ଭୋଟିଂକୁ ନେଇ ପୁଣି ସସପେନ୍ସ ବଢାଇଛନ୍ତି ବିଜେଡି ବିଧାୟିକା ସୁବାସିନୀ ଜେନା। ସେ କହିଛନ୍ତି ମୋ ଭୋଟ କାହାକୁ ଦେବି ମୁଁ କାହିଁକି ଆପଣଙ୍କୁ ଜଣାଇବି। ଦଳୀୟ ଏଜେଂଟଙ୍କୁ ଦେଖାଇ ମୁଁ ଭୋଟ ଦେବି । ସେ ଆହୁରି କହିଛନ୍ତି ମୁଁ ବିଜେଡିରେ ଅଛି । ନବୀନ ବାବୁ ମୋ ନେତା। ମୁଁ ଜଣେ ଶୃଙ୍ଖଳିତ କର୍ମୀ। ରାଜ୍ୟସଭା ନିର୍ବାଚନରେ ଭୋଟ ଦେଲା ପରେ ଏଜେଂଟଙ୍କୁ ଦେଖାଯିବ। ସେହି ଦିନ ଆପଣ ସବୁ ଜାଣି ପାରିବେ। ସଂତୃପ୍ତ ମିଶ୍ରଙ୍କ ମୋ ସହ ଆଲୋଚନା କରିଛନ୍ତି। ଏବଂ ଫୋନ ଯୋଗେ ଦତେଶ୍ୱର ହୋତା ମୋ ସହ ଆଲୋଚନା କରିଛନ୍ତି।

## ଭୁବନେଶ୍ୱର, କଟକ, ପୁରୀରେ ଜମି ଦର ୧୦୦% ବଢ଼ିବ

ଭୁବନେଶ୍ୱର, ୧୨/୩ (ନି.ପ୍ର): ରାଜ୍ୟର ପ୍ରମୁଖ ରିଅଲ ଇଷ୍ଟେଟ୍ ବଜାର ହେଉଛି ଭୁବନେଶ୍ୱର। କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ଏଠାରେ ଉଭୟ ଜମି ଓ ଫ୍ଲାଟ୍ ଦରରେ ଅହେତୁକ ବୃଦ୍ଧି ଘଟିଛି। ୨ବିଏଚ୍‌କେ ଓ ୩ବିଏଚ୍‌କେ ଫ୍ଲାଟ୍ ମୂଲ୍ୟ ବଢ଼ିଛି। ଏଥି ସହିତ ଏକ ଗୋଟି ଟଙ୍କାରୁ ଅଧିକ ଦାମ୍‌ର ବିଳାସପୂର୍ଣ୍ଣ ଫ୍ଲାଟ୍ ମଧ୍ୟ ଅଧିକ ସଂଖ୍ୟାରେ ନିର୍ମାଣ କରାଯାଉଛି। ରିଅଲ୍ ଇଷ୍ଟେଟ୍ ବଜାରର ସେହି ଦରବୃଦ୍ଧି ଧାରା ଏତିକିରେ ଅଟକିବ ନାହିଁ। ଆସନ୍ତା ୨-୪ ବର୍ଷ ମଧ୍ୟରେ ରାଜ୍ୟର ପ୍ରମୁଖ ରିଅଲ ଇଷ୍ଟେଟ୍ ବଜାର ଯଥା ଭୁବନେଶ୍ୱର, କଟକ ଓ ପୁରୀରେ ଜମି ଦର ୧୦୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବ ବୋଲି ପ୍ରପର୍ଟି ସଂସ୍ଥା 'ସ୍କୋୟାର ୟାର୍ଡସ୍' ଆକଳନ କରିଛି। ଏହା ନିଜ ରିପୋର୍ଟରେ କହିଛି ଯେ ଭୁବନେଶ୍ୱର, କଟକ ଓ ପୁରୀ ଭଳି ସହରରେ ବଡ଼ ଧରଣର ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ସେଠାରେ ସହର ଦ୍ରୁତ ଗତିରେ ବଢୁଛି।

## ତରାଇଲାଣି ତାତି, ଆହୁରି ବଢ଼ିବ ପାରଦ: ୨୪ ଘଣ୍ଟାରେ ବଢ଼ିପାରେ ୨ରୁ ୩ ଡିଗ୍ରୀ




ଭୁବନେଶ୍ୱର, ୧୨/୩ (ନି.ପ୍ର): ବସନ୍ତ ସରିନି, ବଢିଲାଣି ଉତ୍ତାପ। ମାର୍ଚ୍ଚ ଅଧା ହୋଇନି, ପ୍ରବଳ ତାତିରୁ ପୋଡି ଯାଉଛି ମୁହଁ । ଘର ବାହାରିବାକୁ ଏବେଠୁ ହେଲାଣି ମୁସ୍କିଲ । ହେଲେ ଏପରି ଯନ୍ତ୍ରଣା ଥମିବନି ବରଂ ଆହୁରି ବଢିବ । ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି, ୨୪ ଘଣ୍ଟା ମଧ୍ୟରେ ପାରଦ ୨ରୁ ୩ ଡିଗ୍ରୀ ବଢ଼ିପାରେ । ରାଜ୍ୟରେ ପାରଦ ଉପରମୁହାଁ ହୋଇଥିବା ବେଳେ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଛି । ବଲାଙ୍ଗିର ଓ ଟିଟଲାଗଡ ରାଜ୍ୟର ପ୍ରମୁଖ ଉତ୍ତପ୍ତ ସହର ମଧ୍ୟରେ ରହିଛି। ଖରା ତାତି ଭିତରେ ସାମାନ୍ୟ ଆଶ୍ୱସ୍ତି ଆଣିପାରେ କାଳବୈଶାଖୀ । ୨୪ ଘଣ୍ଟା ପାଇଁ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ସୁନ୍ଦରଗଡ଼କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସମୟରେ ବିଜୁଳି ଘଡ଼ଘଡ଼ି ସହ ପବନ ବହିପାରେ । ଆସନ୍ତା ୧୫ ଓ ୧୬ ତାରିଖରେ ମଧ ରାଜ୍ୟର ଉତ୍ତର ଓ ଉପକୂଳ ଜିଲ୍ଲାରେ କାଳବୈଶାଖୀ ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ◆◆ପୃଷ୍ଠା ୭

## ଟଙ୍କା ଯାଉଛି ହେଲେ ଖର୍ଚ୍ଚ ହେଉନି: ବିଧାନସଭାରୁ ଆସିଲା ଉଦ୍‌ବେଗଜନକ ତଥ୍ୟ

ଭୁବନେଶ୍ୱର, ୧୨/୩ (ନି.ପ୍ର): ଏବେ ବିଧାନସଭାରେ ସତ ସାମ୍ନାକୁ ଆସିଲା । ବଜେଟରେ ମିଳୁଛି ପୁଳା ପୁଳା ଟଙ୍କା, ହେଲେ ପଶ୍ଚିମ ଓଡ଼ିଶା ବିକାଶ ପାଇଁ ଟଙ୍କାଟିଏ ଖର୍ଚ୍ଚ ହୋଇପାରୁନି । ବିକାଶ ପରିଷଦର ସ୍ଥାୟୀ ଅଧ୍ୟକ୍ଷ ନଥିବାରୁ ବିକାଶ ବାଟବଣା ହୋଇଛି । କେବଳ କାଗଜ କଲମରେ ଟଙ୍କା ଦେଇ ବିକାଶର ନକ୍ସା ଅଙ୍କାଯାଉଛି । ହେଲେ ତୃଣମୂଳସ୍ତରରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଫଳତାର କାହାଣୀ । ବଜେଟ୍‌ରେ ଶହଶହ କୋଟି ଟଙ୍କା ବ୍ୟୟବରାଦ୍ ହେଉଛି ହେଲେ ଖର୍ଚ୍ଚ ହୋଇପାରୁନି । ଗତ ୨ଟି ଆର୍ଥିକ ବର୍ଷର ତଥ୍ୟକୁ ଅନୁଦାନ କଲେ ଏକଥା ସ୍ପଷ୍ଟ ହେଉଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୫୨୦ କୋଟି ଏବଂ ୨୦୨୫-୨୬ ପାଇଁ ୫୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ସରକାର । ଏହି ଅନୁଦାନରୁ ପରିଷଦ ଅଞ୍ଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ ପାଇଁ ବର୍ତ୍ତମାନ ସୁଦ୍ଧା ୧୦୯ କୋଟି ୭୮ ଲକ୍ଷ ଟଙ୍କାର ପ୍ରଶାସନିକ ମଞ୍ଜୁରୀ ଦେଇ, ପରିଷଦ ଅଞ୍ଚଳର ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି । ଆଜି ବିଧାନସଭାରେ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କରିଥିବା ପ୍ରଶ୍ନର ଉତ୍ତର ରଖି ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ଟଙ୍କା ଖର୍ଚ୍ଚ ହେଉନଥିବା ବେଳେ ଏହାକୁ ନେଇ କନକ ନ୍ୟୁଜରେ ବାରମ୍ବାର ଖବର ପ୍ରସାର କରାଯାଇଛି । ଯେଉଁ ଉଦ୍ଦେଶ୍ୟ ନେଇ WODC ଗଠନ ହୋଇଥିଲା, ତାର ଉଦ୍ଦେଶ୍ୟ ସାଧନ ହୋଇପାରୁନଥିବା କହିଛନ୍ତି । ଏଠି ପ୍ରଶ୍ନ ଉଠୁଛି, ବଜେଟ୍‌ରେ ବ୍ୟୟବରାଦ ଟଙ୍କା କାହିଁକି ଖର୍ଚ୍ଚ ହେଉନି ? ବିକାଶରେ ବାଧକ ସାଜୁଛି କିଏ ? କାହିଁକି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ଅଧ୍ୟକ୍ଷ ନିଯୁକ୍ତି କରୁନାହାନ୍ତି ସରକାର ? ଗତ ୨ ବର୍ଷର ରିପୋର୍ଟ ବଖାଣୁଛି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବିଫଳତାର କଥା । ତେବେ ବଜେଟ୍‌ରେ ଏତେ ଟଙ୍କା ବ୍ୟୟବରାଦ ସତ୍ତ୍ୱେ ଖର୍ଚ୍ଚ ହୋଇ ନପାରିବା, ନିହାତି ପରିତାପର ବିଷୟ ।

## ବିଜେଡି ସହିତ ହାତ ମିଶାଇବା କଂଗ୍ରେସର ଭୁଲ: ମୋକିମ୍

ଭୁବନେଶ୍ୱର, ୧୨/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନରେ ବିଜେଡି ସହିତ ହାତ ମିଶାଇବା କଂଗ୍ରେସର ଭୁଲ ପଦକ୍ଷେପ ବୋଲି କହିଛନ୍ତି ବରିଷ୍ଠ ରାଜନେତା ମହମ୍ମଦ ମୋକିମ୍। ସେ କହିଛନ୍ତି ଯେ ବିଜେଡି ସହ ହାତ ମିଶାଇବା କଂଗ୍ରେସ ପାଇଁ ବଡ଼ କ୍ଷତିକାରକ। ମୋ ବିଚାରରେ ଏହା ବହୁତ ବଡ଼ ଭୁଲ୍ । ୨୪ ବର୍ଷ କାଳ ବିଜେଡି କଂଗ୍ରେସକୁ ଦରମଲା କରିଛି। କଂଗ୍ରେସ କର୍ମୀଙ୍କୁ ଜେଲ୍ ରେ ପୂରାଇଛି, ତା ସହ ହାତ ମିଶାଇବା ବଡ଼ ଭୁଲ୍। ନିଜ ବିଧାୟକଙ୍କ ଉପରେ ଉଭୟ ମୁଖିଆଙ୍କ ବିଶ୍ୱାସ ଓ ଭରସା ନାହିଁ। ସେଥିପାଇଁ ବିଜେଡି ଓ କଂଗ୍ରେସ ହ୍ୱିପ୍ ଜାରି କରିଛନ୍ତି। ଏବେଠୁ କେଉଁ ବିଧାୟକଙ୍କ ଦେହ ଖରାପ ହେଲାଣି। ଆଉ କିଏ ଉପମୁଖ୍ୟମନ୍ତ୍ରୀଙ୍କ ସହ ବୁଲିଲାଣି। ୧୬ ତାରିଖକୁ ଅପେକ୍ଷା କରନ୍ତୁ ଆଉ କଣ ସବୁ ହେଉଛି। ଅନ୍ୟ ଏକ ପ୍ରଶ୍ନରେ ସେ କହିଛନ୍ତି ମୋ ଝିଅ ସୋଫିଆ ତା ଦଳର ନିଷ୍ପତି ଅନୁଯାୟୀ ରାଜ୍ୟସଭା ଭୋଟ୍ ଦେବ। ମୁଁ ରାଜ୍ୟସଭା ବାବଦରେ ତାକୁ କିଛି କହିବାରେ ନାହିଁ।

## ଯଥେଷ୍ଟ ଗ୍ୟାସ୍ ଅଛି, ଆତଙ୍କିତ ହୁଅନି: ମନ୍ତ୍ରୀ



ଭୁବନେଶ୍ୱର, ୧୨/୩ (ନି.ପ୍ର): ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ ରହିଛି। ତେଣୁ ଚିନ୍ତା କରିବାର କୌଣସି କାରଣ ନାହିଁ। ଗ୍ୟାସ୍‌କୁ ନେଇ ଆତଙ୍କିତ ନ ହେବାକୁ ଜନସାଧାରଣଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏଲ୍‌ପିଜି ଓ ପେଟ୍ରୋଲ୍, ଡିଜେଲ୍ ଉପଲବ୍ଧତାକୁ ନେଇ ଏକ ବୈଠକ ପରେ ମନ୍ତ୍ରୀ ଏହା କହିଛନ୍ତି। ବୈଠକରେ ଆଇଓସିଏଲ, ବିପିସିଏଲ, ଏଚପିସିଏଲ, ରିଲାଏନ୍ସ, ଗେଲ୍‌ର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଏଲ୍‌ପିଜି ବିତରକ ଓ ରିଟେଲ୍ ଆଉଟ୍‌ଲେଟ୍‌ର ବିତରଣ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଖାଉଟିମାନେ ଗ୍ୟାସ୍ ଓ ତେଲ ପାଇବାରେ ଯେଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି, ସେଥପ୍ରତି ସଜାଗ ରହିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ କହିଥିଲେ। ଜିଲ୍ଲାପାଳମାନଙ୍କୁ ପ୍ରତିଦିନ ରିପୋର୍ଟ ଦେବାକୁ କୁହାଯାଇଛି। ମନ୍ତ୍ରୀ କହିଥିଲେ ଯେ ବଜାରରେ ଏଲ୍‌ପିଜି କଳାବଜାର ରୋକିବାକୁ ◆◆ପୃଷ୍ଠା ୭

## କେବଳ ଆୟ ଆଧାରରେ ଓବିସି କ୍ରିମି ଲେୟାର ସ୍ଥିତି ନିର୍ଣ୍ଣୟ କରାଯାଇପାରିବ ନାହିଁ: ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ




ଭୁବନେଶ୍ୱର, ୧୨/୩ (ନି.ପ୍ର): ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି ଯେ, ଜଣେ ପ୍ରାର୍ଥୀ ଅନ୍ୟ ପଛୁଆ ବର୍ଗ (ଓବିସି)ର କ୍ରିମି ଲେୟାର କିମ୍ବା ନନ-କ୍ରିମି ଲେୟାରରେ ପଡ଼ନ୍ତି କି ନାହିଁ ତାହା କେବଳ ଆୟ ଆଧାରରେ ନିର୍ଣ୍ଣୟ କରାଯାଇପାରିବ ନାହିଁ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପଦବୀ ଏବଂ ସ୍ଥିତି ପାରାମିଟରର ବର୍ଗକୁ ଉଲ୍ଲେଖ ନକରି କେବଳ ଆୟ ବର୍ଗ ଆଧାରରେ କ୍ରିମି ଲେୟାର ସ୍ଥିତି ନିର୍ଣ୍ଣୟ କରିବା ଆଇନ ଦୃଷ୍ଟିରୁ ସ୍ପଷ୍ଟ ଭାବରେ ଯଥାର୍ଥ ନୁହେଁ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି, ଯଦିଓ ପିତାମାତାମାନେ ଗ୍ରୁପ-୪ ସରକାରୀ ଚାକିରି କରନ୍ତି ଏବଂ ବାର୍ଷିକ ୮ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରନ୍ତି, ସେମାନଙ୍କୁ କ୍ରିମି ଲେୟାରରେ ଗଣନା କରାଯିବ ନାହିଁ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏହି ଆୟ ସୀମା ନିର୍ଦ୍ଧାରଣ କରିବାରେ କୃଷି ଆୟକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ନୁହେଁ । ଏହି ନିଷ୍ପତ୍ତିର ଅର୍ଥ ହେଉଛି କେବଳ ତିନି ବର୍ଷ ମଧ୍ୟରେ ବ୍ୟବସାୟ କିମ୍ବା ସମ୍ପତ୍ତି ଭଳି ଅନ୍ୟାନ୍ୟ ଉତ୍ସରୁ ହାରାହାରି ପରିବାର ଆୟ ୮ ଲକ୍ଷ ଟଙ୍କା ସୀମା ପାଇଁ ବିଚାର କରାଯିବ। କୋର୍ଟ ସରକାରୀ କ୍ଷେତ୍ରର ଉପକ୍ରମ ଏବଂ ଘରୋଇ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ◆◆ପୃଷ୍ଠା ୭

## ପାକିସ୍ତାନର ଶିଳ୍ପ ସମ୍ରାଜ୍ୟକୁ ଶକ୍ତ ଝଟ୍‌କା : ଗ୍ୟାସ୍ ପାଇପଲାଇନ୍ ଓ ଟ୍ୟାଙ୍କରକୁ ଉଡ଼ାଇଲେ ବଲୁଚ ବିଦ୍ରୋହୀ



ନୂଆଦିଲ୍ଲୀ,୧୨/୩ : ସାରା ବିଶ୍ୱରେ ଇନ୍ଧନ ସଙ୍କଟ ଘନଉଥିବା ବେଳେ ପାକିସ୍ତାନ ଏବେ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ବଲୁଚିସ୍ତାନର ସ୍ୱାଧୀନତା ପାଇଁ ଲଢୁଥିବା ସଂଗଠନଗୁଡ଼ିକ ପକ୍ଷରୁ କରାଯାଇଥିବା ସିରିଜ୍ ଆକ୍ରମଣରେ ପାକିସ୍ତାନୀ ସେନା ଛତ୍ରଭଙ୍ଗ ଦେଇଥିବା ବେଳେ ଦେଶର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବଲୁଚ୍ ରିପବ୍ଲିକାନ୍ ଗାର୍ଡସ୍ (ବିଆରଜି) ବୁଧବାର ସନ୍ଧ୍ୟାରେ ସିନ୍ଧ ପ୍ରଦେଶର କାଶମୋର ଅଞ୍ଚଳରେ ଏକ ଭୟଙ୍କର ବିସ୍ଫୋରଣ କରିଛି। ◆◆ପୃଷ୍ଠା ୭

## ଆମେରିକାରେ ୭୫୦ ଇରାନୀ ସ୍ଲିପର୍ ସେଲ୍ ଏଜେଣ୍ଟ ସକ୍ରିୟ: ଟାର୍ଗେଟ୍‌ରେ ବଡ଼ ରାଜନେତା

ନୂଆଦିଲ୍ଲୀ,୧୨/୩ : ମଧ୍ୟପ୍ରାଚ୍ୟ ଯୁଦ୍ଧର ନିଆଁ ଏବେ ସିଧାସଳଖ ଆମେରିକାରେ ପହଞ୍ଚିପାରେ । ଏ ବିଷୟରେ ଦୁଇଟି ତଥ୍ୟ ରିପୋର୍ଟ କରାଯାଉଛି। ପ୍ରଥମତଃ, ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଆମେରିକାର କାଲିଫର୍ନିଆରେ ଡ୍ରୋନ୍ ଆକ୍ରମଣ କରିପାରେ ବୋଲି ଏଫ୍‌ବିଆଇ ଏସମ୍ପର୍କରେ ଏକ ସତର୍କ ସୂଚନା ଜାରି କରିଛି। ଇରାନ କାଲିଫର୍ନିଆର ପ୍ରମୁଖ ଟେକ୍ କମ୍ପାନିଗୁଡ଼ିକୁ ଟାର୍ଗେଟ କରୁଛି। କାଲିଫର୍ନିଆରେ ଆକ୍ରମଣ କରି, ଇରାନ ବିଶ୍ୱବ୍ୟାପୀ ଟେକ୍ ସେବାଗୁଡ଼ିକୁ ବାଧା ଦେବାକୁ ଚାହୁଁଛି।ଏହା ସହିତ, ଆମେରିକା ଭିତରେ ଇରାନୀ ସ୍ଲିପର୍ ସେଲ୍ କାର୍ଯ୍ୟ କରୁଥିବା ରିପୋର୍ଟ ମଧ୍ୟ ରହିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ଏହାକୁ ସ୍ୱୀକାର କରିଛନ୍ତି। ଟ୍ରମ୍ପ କହିଛନ୍ତି, ମୋତେ ଏ ବିଷୟରେ ସୂଚନା ଦିଆଯାଇଛି। ମୁଁ ଦେଖିବି କ'ଣ କରାଯାଇପାରିବ । ୨୦୨୫ ମସିହାରେ ଏକ ଆମେରିକୀୟ କଂଗ୍ରେସ ବୈଠକରେ ଏକ ବିବୃତିରେ, ରିପବ୍ଲିକାନ୍ କଂଗ୍ରେସମ୍ୟାନ୍ ବାରାଡ୍ କନଟ୍ କହିଥିଲେ, ◆◆ପୃଷ୍ଠା ୭

# କୋଇଲା ପରେ ବକ୍ସାଇଟ୍‌କୁ ପ୍ରାଥମିକତା: ଦେଶୀୟ ଉତ୍ପାଦନ ବଢ଼ାଇବାର ଲକ୍ଷ୍ୟ

ଭୁବନେଶ୍ୱର, ୧୨/୩ (ନି.ପ୍ର): କୋଇଲା ପରେ ଏବେ ବକ୍ସାଇଟ୍‌କୁ ପ୍ରାଥମିକତା । ଭାରତ ଶକ୍ତି ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ନେଇ କୋଇଲା ଆମଦାନିକୁ ପ୍ରାୟ ୩୦ ପ୍ରତିଶତ କମେଇବାର ଲକ୍ଷ୍ୟ । ଏଥିପାଇଁ ବିଦେଶୀ କୋଇଲା ପରିବର୍ତ୍ତେ ଦେଶୀୟ ଉତ୍ପାଦନକୁ ବଢ଼ାଇବାରେ ଗୁରୁତ୍ୱ ଦିଆଯାଉଛି । ଏନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରହାର ପକ୍ଷରୁ ସର୍ଭେ କରାଯାଇଛି । ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଲୋକଙ୍କ ପାଖରେ ବିକାଶ ସଠିକ ଭାବରେ ପହଞ୍ଚୁଛି କି ନାହିଁ ତାହା ସର୍ଭେ କରୁଛି ପ୍ରହାର । ଯେଉଁ ଅଞ୍ଚଳରୁ ଅଧିକ ଖଣିଜ ସମ୍ପଦ ମିଳୁଛି ସେଠାକାର ବାସିନ୍ଦାଙ୍କ ଜୀବନଶୈଳୀ ଏବଂ ତାଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରୁଛି ପ୍ରହାର । ଓଡ଼ିଶା ପାଖରେ ଭାରତର ସମୁଦାୟ ବକ୍ସାଇଟର ପ୍ରାୟ ୫୦ରୁ ୫୯ ପ୍ରତିଶତ ରହିଛି



। ଏହାର ବଡ଼ ଅଂଶ କଳାହାଣ୍ଡି-ରାୟଗଡ଼ା ଅଞ୍ଚଳରେ ଅବସ୍ଥିତ କିନ୍ତୁ ଭାରତକୁ ୨୦୨୪–୨୫ ଆର୍ଥିକ ବର୍ଷରେ ପ୍ରାୟ ୪.୫ ମିଲିୟନ୍ ଟନ୍ ବକ୍ସାଇଟ୍ ଆମଦାନି କରିବାକୁ ପଡ଼ିଥିଲା । ଯାହା ପାଇଁ ପ୍ରତିବର୍ଷ ପ୍ରାୟ ୪ରୁ ୫ହଜାର କୋଟି ଖର୍ଚ୍ଚ ହେଉଛି । ବିଶ୍ୱସ୍ତରରେ ୨୦୫୦ ସୁଦ୍ଧା ଏଲୁମିନିୟମ୍‌ର ଚାହିଦା ପ୍ରାୟ ୮୦ ପ୍ରତିଶତ ବଢ଼ିବାର ଆଶା ରହିଛି । ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଯଦି ଓଡ଼ିଶାରେ କେବଳ ତିନୋଟି ଖଣି କ୍ଲଷ୍ଟର୍ ଖୋଲାଯାଏ, ତେବେ ଏହା ରାଜ୍ୟର ଅର୍ଥନୀତିକୁ ପ୍ରତିବର୍ଷ ପ୍ରାୟ ୧୮ହଜାର କୋଟି ଅତିରିକ୍ତ ଅବଦାନ ଦେଇପାରିବ । ଏହାସହ ୧୫ହଜାରରୁ ୫୦ହଜାର ପର୍ଯ୍ୟନ୍ତ ଚାକିରି ସୃଷ୍ଟି ହୋଇପାରିବ । ଯଦି ବକ୍ସାଇଟ୍ ଖଣିକାମ ଓ ତାହା ସହିତ ସମ୍ବନ୍ଧିତ ଡାଉନଷ୍ଟ୍ରିମ ଶିଳ୍ପ ବିକାଶ ପାଏ, ତେବେ ଏଠାରେ ବଡ଼ ପରିମାଣରେ ଚାକିରି ସୃଷ୍ଟି ହୋଇପାରିବ । ଏହା ସହ ପରିବହନ, ସେବା ଓ ସ୍ଥାନୀୟ ଉତ୍ପାଦନ ମଧ୍ୟ ବଢ଼ିବ, ଯାହା ଅଞ୍ଚଳର ଅର୍ଥନୀତିକୁ ନୂତନ ଗତି ଦେବ ।

# ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ: ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

ଝାରସୁଗୁଡ଼ା, ୧୨/୩ (ନି.ପ୍ର):ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହ ପରିସରରେ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି. ଆର ରାଘବେନ୍ଦ୍ର, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦ ଉପସ୍ଥିତ ଥିଲେ । ଆଗାମୀ ରାମ ନବମୀ ଓ ଅନ୍ୟାନ୍ୟ ପର୍ବକୁ ଦୃଷ୍ଟିରେ ରଖି ସହରରେ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଶୋଭାଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଥିବା ବେଳେ ସେହି ସମୟରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ବିଶେଷ କରି ମୁସଲିମ୍ ସମ୍ପ୍ରଦାୟର ନମାଜ ପାଠ ସମୟ ଏବଂ ରାମ ନବମୀ ଶୋଭାଯାତ୍ରାର ସମୟ ମଧ୍ୟରେ ଯେପରି କୌଣସି ବିଭ୍ରାଟ ନହୁଏ, ସେଥିପାଇଁ ଧର୍ମଗୁରୁମାନଙ୍କ ସହ ସମନ୍ୱୟ ରକ୍ଷା କରି ସମୟ ନିର୍ଦ୍ଧାରଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ଶୋଭାଯାତ୍ରା ସମୟରେ କୌଣସି ମାରଣାସ୍ତ୍ର ପ୍ରଦର୍ଶନ କରାଯାଇପାରିବ ନାହିଁ ଏବଂ ଡିଜେର ଶବ୍ଦ ସୀମା ୬୫ ଡେସିବେଲ ମଧ୍ୟରେ ରହିବ । ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ପୋଲିସ ପକ୍ଷରୁ ଡ୍ରୋନ୍ କ୍ୟାମେରା ଏବଂ ଚେନ୍ ସ୍ନାଚିଂ ରୋକିବା ପାଇଁ ସ୍ୱତନ୍ତ୍ର ଆଂଟି-ସ୍ନାଚିଂ ସ୍କ୍ୱାଡ୍ ମୁତୟନ କରାଯିବ । ବାଇକ ଶୋଭାଯାତ୍ରାରେ ଟ୍ରିପଲ ରାଇଡିଂ ଓ ଷ୍ଟଂଟ ପ୍ରଦର୍ଶନକୁ ବାରଣ କରାଯାଇଛି । ଏଥିସହ ପ୍ରଶାସନ ପକ୍ଷରୁ ନିରବଚ୍ଛିନ୍ନ ଜଳ ଯୋଗାଣ, ବିଦ୍ୟୁତ ସେବା ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ପ୍ରତ୍ୟେକ କମିଟିକୁ ସେମାନଙ୍କ ସ୍ୱେଚ୍ଛାସେବୀ ତାଲିକା ପ୍ରଶାସନ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଧାର୍ମିକ ପତାକାର ସମ୍ମାନଜନକ ବିସର୍ଜନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି ।

# ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ୍ ଓ ଡିଜେଲ୍ ରହିଛି

କେନ୍ଦ୍ରାପଡା, ୧୨/୩ (ନି.ପ୍ର): ଇରାନ୍ ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଜିଲ୍ଲାରେ ଡିଜେଲ୍ ଓ ପେଟ୍ରୋଲ୍ ଇନ୍ଧନ ଗ୍ୟାସ୍ ସୁଚାରୁରୂପେ ଯୋଗାଣ ଦିଆଯାଉଛି । ଏ ନେଇ ଜିଲ୍ଲାର ସମସ୍ତ ପେଟ୍ରୋଲ୍ ପମ୍ପ ମାଲିକ, ଇନ୍ଧନ ଗ୍ୟାସ୍ ଡିଲରମାନଙ୍କୁ ନେଇ ଜିଲ୍ଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଇନ୍ଧନ ଗ୍ୟାସ୍ ଖାଉଟି ମାନଙ୍କୁ ଠିକ୍ ସମୟରେ ପହଁଚାଇବା ସହିତ ପେଟ୍ରୋଲ୍ ଡିଜେଲ୍ ଜନସାଧାରଣଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ରହିଥିବା ଉକ୍ତ ସମୀକ୍ଷା ବୈଠକରେ ପ୍ରକାଶ କରାଯାଇଛି । ଏଥିରେ କୌଣସି ବ୍ୟକ୍ତିବ୍ୟସ୍ତ ହେବାର ନାହିଁ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ଓ ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ସାଇବର ଠକେଇ ୨ ଗିରଫ: ୧୩ ଚେକବୁକ ୧୩ ପାସବୁକ ଜବତ

ପୁରୀ, ୧୨/୩ (ନି.ପ୍ର): ସାଇବର ଠକାମୀ କରି ୨ ଜଣ ଠକକୁ ପୁରୀ ସାଇବର ଥାନା ପୋଲିସ ଗିରଫ କରିଛି । ଏ ସମ୍ପର୍କରେ ୧୨/୨୬ରେ ମାମଲା ରୁଜୁ କରାଯାଇଥିଲା । ଗିରଫ ହୋଇଥିବା ଦୁଇଜଣ ଅଭିଯୁକ୍ତ ଝାଡଖଣ୍ଡ ରାଜ୍ୟର ରାଂଚି ଜିଲ୍ଲାର ଦ୍ୱାରକାପୁରୀ ର ୪୮ ବର୍ଷୀୟ ତାନସେନ ସିଂସୋଧୀ ଓ ଓଡିଶା ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣାର ୫୫ ବର୍ଷୀୟ ଭାଗୀରଥି ପ୍ରଧାନ । ଏମାନେ ସାଇବର କ୍ରାଇମ, ଚିଟିଂ, ଟଙ୍କା ଋଣ ଦେବା କହି ବିଭିନ୍ନ ଆଡୁ ଠକୁଥିବା ଅଭିଯୋଗ ରହିଥିଲା । ସେମାନଙ୍କ ଠାରୁ ୩ଟି ମୋବାଇଲ, ୧ ଭିସା କାର୍ଡ, ୨ ରୂପେ କାର୍ଡ, ୧୩ଟି ଚେକବୁକ, ଏନଏଚ ଆରଡି ର ଓରିଜିନାଲ ଚେକବୁକ, ୧୩ ଟି ବ୍ୟାଙ୍କ ପାସବୁକ ଓ ଅନ୍ୟାନ୍ୟ ଡକ୍ୟୁମେଂଟ ଜବତ କରାଯାଇଛି । ପୋଲିସ ପାଖରେ ଖବର ପହଂଚିଲା ଯେ ମାର୍ଚ୍ଚ ୯ ତାରିଖ ଦିଲ୍ଲୀର ଅମରେଶ କୁମାର ପୁରୀରୁ ଟଙ୍କା ଋଣ ଆଦାୟ କରିବା ପାଇଁ ଆସୁଅଛି । ପୁରୀ ସାଇବର ଥାନା ଏ ସମ୍ପର୍କରେ ଦୃଷ୍ଟି ରଖିଥିଲା । ତା ପାଖରେ ବହୁ ମୋବାଇଲ ସିମକାର୍ଡ, ଏଟିଏମ କାର୍ଡ ଓ ଆଧାରକାର୍ଡ ଓଡ଼ିଶାବାସୀଙ୍କ ରହିଅଛି । ଏହା ସହ ବହୁ ବ୍ୟାଙ୍କ ପାସବୁକ ବିଭିନ୍ନ ରାଜ୍ୟର ବ୍ୟାଙ୍କ ଚେକବୁକ ରହିଅଛି । ତାଙ୍କ ଆକାଉଂଟ ବିଷୟରେ ବହୁତ ଅଭିଯୋଗ ରହିଥିଲା । ଲକ୍ଷ ଲକ୍ଷ ଠକେଇ ଟଙ୍କା ବ୍ୟାଙ୍କରେ ଡିପୋଜିଟ ହୋଇ ଉଠାଣ କରାଯାଉଥିଲା । ଅମରେଶକୁ ପୋଲିସ ୯ ତାରିଖରେ ଗିରଫ କରିଥିଲା । ଗିରଫ ପରେ ତଦନ୍ତରୁ ଜଣାପଡିଲା ଭାଗିରଥୀ ପ୍ରଧାନ ଏକ ସ୍ୱେଚ୍ଛାସେବୀ ନାମରେ ସହଯୋଗ କରୁଥିଲା । ନ୍ୟାସନାଲ ହ୍ୟୁମାନ ରୁରାଲ ଡେଭଲପମେଂଟ ଇନଷ୍ଟିଚ୍ୟୁଟ (ଏନଏଚଆରଡିଆଇ) ରେ ରୋଜଗାର ପେ ନାମରେ ବେଆଇନ ଟଙ୍କା ସଂଗ୍ରହ କରୁଥିଲେ । ଭାଗିରଥୀ ପ୍ରଧାନ ଆକାଉଣ୍ଟରେ ୨ ଲକ୍ଷ ୩୮ ହଜାର ଟଙ୍କା ଡିପୋଜିଟ ହୋଇଥିଲା । ତାନସେନ ସିଂସୋଧୀ ଏହି ଟଙ୍କା ଠକେଇରେ ସଂପୃକ୍ତ ରହିଥିଲା ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ନ୍ୟାୟ ସଂହିତା ସଂପର୍କିତ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୨/୩ (ନି.ପ୍ର): ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ନ୍ୟାୟ ସଂହିତା ପ୍ରଦର୍ଶନୀ' ଏକ ମନୋଜ୍ଞ ପରିବେଶ ମଧ୍ୟରେ ସଫଳତାର ସହିତ ଜାରି ରହିଛି । ପଥପ୍ରାନ୍ତ ନାଟକ ତଥା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କୁ ଭାରତର ନୂତନ ଅପରାଧିକ ଆଇନ ସମ୍ପର୍କରେ ଅବଗତ କରାଯାଉଛି । ଏହି ଅବସରରେ ଆଜି ଭିନ୍ନ ଭିନ୍ନ ସମୟରେ ନ୍ୟାୟିକ ବିଭାଗର ଅଧିକାରୀ ଓ କର୍ମଚାରୀ, ରାଜ୍ୟର ବହୁ ପ୍ରତିଷ୍ଠିତ ସମ୍ବାଦପତ୍ର ତଥା ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକ ଓ ବ୍ୟୁରୋ ଚିଫ୍, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା,



ଗୃହ ବିଭାଗର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ କ୍ରୀଡା ଓ ଯୁବ ସେବା ବିଭାଗର କ୍ରୀଡ଼ାବିତମାନେ ପ୍ରଦର୍ଶନୀକୁ ପରିଦର୍ଶନ କରି ଭାରତର ନୂତନ ଅପରାଧିକ ଆଇନ ସମ୍ପର୍କରେ ଅବଗତ ହୋଇଥିଲେ । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକମାନଙ୍କ ସହ ନୂତନ ନ୍ୟାୟ ସଂହିତାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ନୂତନ ଆଇନ ବ୍ୟବସ୍ଥାରେ ପୀଡ଼ିତଙ୍କୁ ଦ୍ରୁତ ଓ ସୁନିଶ୍ଚିତ ନ୍ୟାୟ ପ୍ରଦାନ କରାଯିବା ସହିତ ତଦନ୍ତ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପ୍ରଯୁକ୍ତି ନିର୍ଭର ଓ ପ୍ରଭାବଶାଳୀ କରାଯାଇଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ । ଏହା ସହ ଫରେନସିକ ତଦନ୍ତ, ଡିଜିଟାଲ୍ ପ୍ରମାଣର ସ୍ୱୀକୃତି ଓ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟା ଭଳି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ ।ଉଲ୍ଲେଖଯୋଗ୍ୟ ଯେ, ପ୍ରଦର୍ଶନୀରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ନୂତନ ଅପରାଧିକ ଆଇନରେ ତଦନ୍ତ ପ୍ରକ୍ରିୟା, ପୀଡ଼ିତଙ୍କ ଅଧିକାର, ବୈଜ୍ଞାନିକ କୌଶଳ ପ୍ରୟୋଗ, ଓ ଶୀଘ୍ର ନ୍ୟାୟ ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ସମସ୍ତ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସଚେତନ କରାଯାଉଛି । କଳାକାରମାନେ 'ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ' ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶିତ କରୁଛନ୍ତି, ଯାହା ସମାଜର ସମସ୍ତ ବର୍ଗର ବ୍ୟକ୍ତି ବିଶେଷଙ୍କ ମହଲରେ ଆଦୃତ ହେଉଛି । ଅପରାଧ ଘଟଣାରୁ ଆରମ୍ଭ କରି ପୁଲିସ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ସମଗ୍ର ଘଟଣାକୁ ନାଟକ ମାଧ୍ୟମରେ ଦେଖାଯାଉଥିବାରୁ ଦର୍ଶକମାନେ ସହଜରେ ନୂତନ ଆଇନର ବିଭିନ୍ନ ପ୍ରାସଙ୍ଗିକତା ବୁଝିପାରୁଛନ୍ତି । ଏହି କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମଧ୍ୟରେ ବେଶ ଆକର୍ଷଣ ସୃଷ୍ଟି କରିଛି ।

# ବର୍ଷା ସତର୍କବାଣୀ ପରେ ଚିନ୍ତାରେ ଚାଷୀ: ଖୋଲା ଆକାଶ ତଳେ ଜଗି ବସିଛନ୍ତି ଧାନ

କେନ୍ଦୁଝର, ୧୨/୩ (ନି.ପ୍ର): କେନ୍ଦୁଝର ଆନନ୍ଦପୁର ଉପଖଣ୍ଡ ବଡରମ୍ପାସ ମଣ୍ଡିରେ ମାସ ମାସ ଧରି ଚାଷୀଙ୍କ ଧାନ ବସ୍ତା ପଡ଼ିରହିଛି । ଖୋଲା ଆକାଶ ତଳେ ପଡ଼ି ରହିଛି ଧାନ । ରାତି ଉଜାଗର ରହି ଚାଷୀ ଧାନକୁ ଜଗି ବସିଛି । ଆଗାମୀ ତିନିଦିନ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯିବା ପରେ ଚିନ୍ତାରେ ପଡ଼ିଛନ୍ତି ଚାଷୀ । ଅନ୍ୟପଟେ ମଣ୍ଡି କର୍ତ୍ତୃପକ୍ଷ ଧାନ ମଣ୍ଡିରେ ନଦେଇ ମିଲରେ ଦେବାକୁ କହୁଥିବାରୁ ଚାଷୀଙ୍କ



ଭିତରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସେପଟେ ବରଗଡ଼ରେ ଧାନ କିଣାକୁ ନେଇ ସଂଘର୍ଷ । ସରିନି ଖରିପ ଧାନ କିଣା, ହେଲେ ରବି ଧାନ ପାଇଁ ଆରମ୍ଭ ହେଲାଣି ପଞ୍ଜିକରଣ । ବରଗଡ଼ ଜିଲ୍ଲାରେ ପ୍ରାୟ ୨ ହଜାର ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି । ଟୋକନ ଆସିନଥିବାରୁ ଗୋଟିଏ ବସ୍ତା ଧାନ ବିକ୍ରି କରିପାରିନାହାନ୍ତି ପ୍ରାୟ ୨ ହଜାର ଚାଷୀ । ଯାହାଫଳରେ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ପ୍ରତିବାଦ ଜାରି ରହିଛି । ପ୍ରଥମେ ଆମ ଧାନ କିଣ ପରେ ରବି ଋତୁ ପାଇଁ ପଞ୍ଜିକରଣ କରିବ ବୋଲି ଦାବି କରିଛନ୍ତି ଚାଷୀ । ଭେଡେନ ବ୍ଲକର ଅନେକ ମଣ୍ଡିରେ ଧାନ ପଡ଼ିରହିଛି । ଲୁପୁର ସିଂହା, ଖାଉପାଲି, ବକଟିର ଅନେକ ଚାଷୀଙ୍କ ଟୋକନ ଆସିବାର ବାକିଅଛି । ଲୁପୁର ସିଂହା ସମବାୟ ସମିତିରେ ପଞ୍ଜିକରଣ ଚାଲୁଥିବା ବେଳେ ଲୁପୁରସିଂହା ଗ୍ରାମର ଚାଷୀ ପ୍ରକାଶ ଚାନ୍ଦ ଅଫିସକୁ ଆସି ସମବାୟ ସମିତିରେ ତାଲା ପକାଇଥିଲେ । ସାରା ରାଜ୍ୟରେ ଧାନବିକ୍ରିକୁ ନେଇ ଚାଷୀ ଅସନ୍ତୋଷ ବୃଦ୍ଧି ପାଉଛି । ଏଥିରୁ ଖୋଦ ଯୋଗାଣମନ୍ତ୍ରୀଙ୍କ ଜିଲ୍ଲା ମଧ୍ୟ ବାଦ ପଡ଼ିନି । ଢେଙ୍କାନାଳ ଜିଲ୍ଲାରେ ମଣ୍ଡିକୁ ଧାନ ନଆଣି ମିଲରଙ୍କ ପାଖକୁ ନେବାକୁ ମଣ୍ଡି କର୍ତ୍ତୃପକ୍ଷ କହୁଥିବା ଅଭିଯୋଗ ହୋଇଛି । ବର୍ଷସାରା ପରିଶ୍ରମ କରି ଅମଳ କରିଥିବା ଧାନ ବିକ୍ରି କରିବାକୁ ଏବେ ଚାଷୀ ମିଲ ସାମ୍ନାରେ ଘଣ୍ଟାଘଣ୍ଟା ଧରି ଭୋକଉପାସରେ ଛିଡା ହେଉ ନିଜ ପାଳିକୁ ଅପେକ୍ଷା କରୁଛନ୍ତି । କିନ୍ତୁ ଧାନ ରଖିବାରେ ଅହେତୁକ ବିଳମ୍ବ କରୁଛନ୍ତି ମିଲର ।

# ଭାରତୀୟ ସେନାରେ ଅଗ୍ନିପଥ ଓ ନିୟମିତ କ୍ୟାଡର ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଜାରି

ଝାରସୁଗୁଡ଼ା, ୧୨/୩ (ନି.ପ୍ର): ଭାରତୀୟ ସେନାରେ 'ଅଗ୍ନିପଥ ଯୋଜନା' ଏବଂ ନିୟମିତ କ୍ୟାଡରରେ ନିଯୁକ୍ତି ପାଇଁ ୨୦୨୬-୨୭ ନିଯୁକ୍ତି ବର୍ଷ ନିମନ୍ତେ ଅନଲାଇନ୍ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗ୍ରହୀ ଓ ଯୋଗ୍ୟ ପ୍ରାର୍ଥୀମାନେ ଆସନ୍ତା ଏପ୍ରିଲ୍ ୦୧, ୨୦୨୬ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ମାଧ୍ୟମରେ ନିଜର ଆବେଦନ କରିପାରିବେ । ସେନା ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଆଶାୟୀମାନେ ଭାରତୀୟ ସେନାର ଅଫିସିଆଲ୍ ୱେବସାଇଟ୍ ମାଧ୍ୟମରେ ପଞ୍ଜିକରଣ କରିପାରିବେ । ଏହି ପରୀକ୍ଷା ପାଇଁ ଆବେଦନ ପ୍ରକ୍ରିୟା ବୁଝିବା ପାଇଁ ୱେବସାଇଟ୍‌ରେ ଭିଡିଓ ମଧ୍ୟ ଉପଲବ୍ଧ ରହିଛି । ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀମାନଙ୍କୁ ଏକ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ପଡ଼ିବ, ଯାହା ଏକ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା ହେବ । ଏହି ପରୀକ୍ଷା ପାଇଁ ପ୍ରତ୍ୟେକ ଆଶାୟୀଙ୍କୁ ୨୫୦/- ଟଙ୍କା ପରୀକ୍ଷା ଦେୟ ଜମା କରିବାକୁ ପଡ଼ିବ । ଏହି ଅନଲାଇନ୍ ପରୀକ୍ଷା ଆସନ୍ତା ଜୁନ୍ ୨୦୨୬ ମାସରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି । ପରୀକ୍ଷାର ସ୍ଥିର ତାରିଖ ପରବର୍ତ୍ତୀ ସମୟରେ ୱେବସାଇଟ୍ ମାଧ୍ୟମରେ ଘୋଷଣା କରାଯିବ । ରାଜ୍ୟର ସମସ୍ତ ଜିଲ୍ଲାର ଆଶାୟୀମାନେ ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହୋଇପାରିବେ । ଯଦି କୌଣସି ପ୍ରାର୍ଥୀଙ୍କର ଏହି ସମ୍ବନ୍ଧରେ କିଛି ପ୍ରଶ୍ନ ବା ସନ୍ଦେହ ଥାଏ, ତେବେ ସେମାନେ ସମ୍ବଲପୁର ସ୍ଥିତ ଆର୍ମି ରିକ୍ରୁଟିଂ ଅଫିସ୍ ସହିତ ଲ୍ୟାଣ୍ଡଲାଇନ୍ ନମ୍ବର ୦୬୬୩-୨୫୨୦୮୪୫ ରେ ଯୋଗାଯୋଗ କରିପାରିବେ ।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ୨୨ ଜଣ ସ୍ଥାନୀୟ ଯୁବକଙ୍କୁ ମିଳିଲା ନିଯୁକ୍ତି

ପାରାଦୀପ, ୧୨/୩ (ନି.ପ୍ର): ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ ପକ୍ଷରୁ ୨୨ ଜଣ ସ୍ଥାନୀୟ ଯୁବକ ଙ୍କୁ ମିଳିଲା ନିଯୁକ୍ତି ।ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରତି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଏହାର ପ୍ରତିବଦ୍ଧତା ଅନୁଯାୟୀ ସ୍ଥାନୀୟ ବାସିନ୍ଦାଙ୍କୁ ସହଯୋଗୀ ବର୍ଗରେ ସାମିଲ କରିବା ପାଇଁ ଏକ ପ୍ରୟାସ ଆରମ୍ଭ କରିଛି । ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ର ସଭାପତି ଅନିଲ କୁମାର ସିଂହ ବିଭିନ୍ନ ସହାୟକ କାର୍ଯ୍ୟକଳାପ ମାଧ୍ୟମରେ ପାରାଦୀପ ସମ୍ପ୍ରଦାୟକୁ ଜଡିତ କରିବାରେ ଏକ ପ୍ରେରଣାଦାୟକ ଶକ୍ତି ହୋଇଛନ୍ତି । ତାଙ୍କ ନେତୃତ୍ୱରେ,କମ୍ପାନୀ ସ୍ଥାନୀୟ ନିଯୁକ୍ତି ପାଇଁ ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ଚୟନ ପ୍ରକ୍ରିୟା ସଫଳତାର ସହିତ ପରିଚାଳନା କରିଛି । ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ପାରାଦୀପ ଅଞ୍ଚଳର ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଏବଂ ଅନ୍ତର୍ଭୁକ୍ତ ସମ୍ପ୍ରଦାୟ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରି ନୂଆଗାଁ,ଢିଙ୍କିଆ ଏବଂ ଗଡକୁଞ୍ଜଙ୍ଗାର ପଡ଼ୋଶୀ ଗ୍ରାମ




ପଞ୍ଚାୟତରୁ ୨୨ ଜଣ ଯୁବ ପ୍ରାର୍ଥୀଙ୍କୁ ସଫଳତାର ସହିତ ନିଯୁକ୍ତି ଦେଇଛି । ଏହି ନିଯୁକ୍ତି ପଦକ୍ଷେପରେ ବି.ଟେକ୍, ଡିପ୍ଲୋମା ଏବଂ ଆଇଟିଆଇ ଯୋଗ୍ୟତାଧାରୀ ବୈଷୟିକ ଭାବରେ ଯୋଗ୍ୟ ଯୁବକମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା । ପ୍ରକ୍ରିୟାଟି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ମଧ୍ୟରେ ଡକ୍ୟୁମେଣ୍ଟ-ଯାଞ୍ଚ ଶିବିର ସହିତ ଆରମ୍ଭ ହୋଇଥିଲା, ଯାହା ସମସ୍ତ ଯୋଗ୍ୟ ସ୍ଥାନୀୟଆବେଦନକାରୀଙ୍କ ପାଇଁ ସୁବିଧାଜନକ ପ୍ରବେଶ ଏବଂ ଅନ୍ତର୍ଭୁକ୍ତ ଅଂଶଗ୍ରହଣ ସୁନିଶ୍ଚିତ କରିଥିଲା ।ଏହା ପରେ ପାରାଦୀପ କଲେଜରେ ଏକ ସଂରଚିତ ଅନଲାଇନ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା,ଯାହା ଲାଇଭ୍ କ୍ୟାମେରା ମନିଟରିଂ ସହିତ ସଜ୍ଜିତ ଏକ ସୁରକ୍ଷିତ ସ୍ମାର୍ଟଫୋନ୍-ଆଧାରିତ ପରୀକ୍ଷଣ ପ୍ଲାଟଫର୍ମ ମାଧ୍ୟମରେ ପରିଚାଳିତ ହୋଇଥିଲା,ଯାହା ମୂଲ୍ୟାଙ୍କନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା, ନିରପେକ୍ଷତା ଏବଂ ଅଖଣ୍ଡତାକୁ ସୁନିଶ୍ଚିତ କରିଥିଲା । ସମସ୍ତ ପ୍ରାର୍ଥୀ ସଫଳତାର ସହ ମୂଲ୍ୟାଙ୍କନ ସମାପ୍ତ କରିଥିଲେ । ପଞ୍ଚାୟତ ଅନୁଯାୟୀ ଗଡ଼କୁଞ୍ଜଙ୍ଗାରୁ ୧୦ ଜଣ, ଢିଙ୍କିଆରୁ ୫ ଜଣ ଓ ନୂଆଗାଁରୁ ୭ ଜଣ ଙ୍କୁ ପ୍ରଥମ ପର୍ଯ୍ୟାୟ ରେ ନିଯୁକ୍ତି ମିଳିଛି ।ମେକାନିକାଲରେ ୨,ସୁରକ୍ଷା ବିଭାଗରେ ୧, ଆଇଟିଆଇ ଇଲେକ୍ଟ୍ରିକାଲ୍ ବିଭାଗ ରେ ୯ ଜଣ ଆଇଟିଆଇ ଫିଟରରେ ୧୦ଜଣ ରହିଛନ୍ତି ।ସେମାନଙ୍କ ଚୟନ ପରେ, ନୂତନ ଭାବରେ ନିଯୁକ୍ତି ପାଇଥିବା ସହଯୋଗୀମାନେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ବରିଷ୍ଠ ନେତୃତ୍ୱ ସହିତ ଏକ ବ୍ୟାପକ ପ୍ରେରଣା ଏବଂ ପାରସ୍ପରିକ କ୍ରିୟା ଅଧିବେଶନରେ ଅଂଶଗ୍ରହଣ କରିଥିଲେ । ଶୁକ୍ରବାର ଠାରୁ ସମସ୍ତ ମନୋନୀତ ପ୍ରାର୍ଥୀ ଯେଉଁ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି ନିୟୋଜନ ପୂର୍ବରୁ ଜେଏସଡବ୍ଲୁର ସୁରକ୍ଷା ମାନଦଣ୍ଡ ବା ନିୟମ ପାଳନ ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ସ୍ଥାନରେ ବାଧ୍ୟତାମୂଳକ ଭାବେ ସୁରକ୍ଷା ତାଲିମ ଦିଆଯିବ । ଏହି ନିଯୁକ୍ତି ଅଭିଯାନ ସମ୍ପ୍ରଦାୟ ମଧ୍ୟରେ ଏକ ଦୃଢ଼ ସକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିଛି, ଯାହା ଜେଏସଡବ୍ଲୁର ଆଖପାଖ ଗ୍ରାମଗୁଡ଼ିକର ସାମାଜିକ-ଆର୍ଥିକ ଉନ୍ନତି ଏବଂ ସ୍ଥାନୀୟ ଆକାଂକ୍ଷା ସହିତ ଏହାର ସମନ୍ୱୟ ପ୍ରତି ପ୍ରକୃତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ସ୍ଥାନୀୟ ଯୁବକ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବିସ୍ତାର କରିବା ଏବଂ ଉପରୋକ୍ତ ୩ ଟି ପଞ୍ଚାୟତ ରେ ସ୍ଥାୟୀ ସାମାଜିକ-ଆର୍ଥିକ ବିକାଶକୁ ସମର୍ଥନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଜେଏସବ୍ଲ୍ୟୁ ଉତ୍କଳ ଷ୍ଟିଲ ପୁନଃଦୋହରାଇଛି । ଏ ନେଇ ସ୍ଥାନୀୟ ଅଞ୍ଚଳରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ପଦକ୍ଷେପ କୁ ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯାଇଛି ।


## ନାମଲେଖା ଆରମ୍ଭ

### ଅମୃତବାଣୀ ଗୁରୁକୁଳ ଶିକ୍ଷାକେନ୍ଦ୍ର, ଅମୃତ ବିହାର, ସାରୁପାଳ

'ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଉତ୍କଳ ଶିକ୍ଷା ପରିଷଦ ଭୁବନେଶ୍ୱର ଦ୍ୱାରା ଅନ୍ତର୍ଭୁକ୍ତ ।'

**Recognised by Govt. of Odisha & affiliated to U.S.P. Bhubaneswar, Odisha**
**Govt. COR No. AGSKSNB/204 / 2022**

ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଆଦର୍ଶ ବିଦ୍ୟାଳୟରେ ଶିଶୁବାଟିକାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୨୦୨୬-୨୭ ପାଇଁ ନାମଲେଖା ଆରମ୍ଭ ହୋଇଅଛି ।

ଆମେ ପ୍ରତିଶ୍ରୁତିବଦ୍ଧ:- ଇଂରାଜୀ ବିଷୟ ଉପରେ ଅଧିକ ଧ୍ୟାନ ଦେବା ସହିତ ଓଡ଼ିଶା ସରକାରଙ୍କ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱରଙ୍କ ପାଠ୍ୟଖସଡା ସହ ମାତୃଭାଷା ବୌଦ୍ଧିକ ଗୁରୁତ୍ୱ, ନୈତିକ ଶିକ୍ଷା, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, କମ୍ପ୍ୟୁଟର, ଯୋଗାସନ ଶିକ୍ଷାଦାନ ଅଭିଜ୍ଞ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱାରା ଦିଆଯାଏ । ସମସ୍ତ ପ୍ରକାର ବୃତ୍ତି ପରୀକ୍ଷାରେ ଆମ ଅନୁଷ୍ଠାନ ପାରଦର୍ଶିତା ଲାଭ କରିଥାଏ । ଚଳିତ ବର୍ଷ (୨୦୨୬-୨୭) ଶିକ୍ଷା ଅଧିକାର ଆଇନ ୨୦୦୯ ଧାରା ୧୨ (ସି) ଅନୁଯାୟୀ ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ପାଇଁ ଆମ୍ଭ ବିଦ୍ୟାଳୟରେ **STD-1** ଶ୍ରେଣୀରେ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, ଏଚ.ଆଇ.ଭି. ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଃଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ ଆବେଦନ ପାଇଁ **www.rteparadarshiodisha.gov. in** ପୋର୍ଟାଲରେ ଲଗ୍‌ଇନ୍ କରନ୍ତୁ ।

ବି.ଦ୍ର. ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ରଗୁଡିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ ।

ପ୍ରଧାନ ଆଚାର୍ଯ୍ୟା
ଅମୃତବାଣୀ ଗୁରୁକୁଳ ଶିକ୍ଷାକେନ୍ଦ୍ର,
ସାରୁପାଳ, ନୀଳଗିରି, ବାଲେଶ୍ୱର

**Mob.: ୯୭୭୭୦୧୩୯୬୬**

# ଚା' ପିଇଲେ ମୁଣ୍ଡ ବିନ୍ଧା କମେ: ସତ ନା ମିଛ ?



'ମୁଣ୍ଡଟା କାହିଁକି ବିନ୍ଧୁଛି... ସକାଳେ ଚା' ପିଇନି ଆଉ, ସେଥିପାଇଁ ମୁଣ୍ଡ ବିନ୍ଧୁଛି।' ଅନେକ ଲୋକ ଏପରି କହୁଥିବାର ଶୁଣିଥିବେ, କିମ୍ବା ଆପଣ ଯଦି ଜଣେ ଚା' ଅଭ୍ୟାସୀ, ତେବେ ଏପରି ଅନୁଭବ କରିଥିବେ ନିଶ୍ଚୟ। ଚା' ପିଇବା ଅଭ୍ୟାସ ଏବଂ ମୁଣ୍ଡବିନ୍ଧା ମଧ୍ୟରେ କଣ ସତରେ ସାମଞ୍ଜସ୍ୟ ରହିଛି, ବାସ୍ତବରେ କଣ ଚା' ନ ପିଇଲେ ମୁଣ୍ଡ ବିନ୍ଧେ, ଜାଣନ୍ତୁ ଏହା ପଛର ବିଜ୍ଞାନଗତ କାରଣ...

ମୁଣ୍ଡବିନ୍ଧା ଦୂର କରେ କି ଚା' ?:

ବିଶେଷଜ୍ଞଙ୍କ କହିବା ଅନୁସାରେ, ମୁଣ୍ଡବ୍ୟଥା ଚିକିତ୍ସା ଏବଂ ଚା' ପିଇବା ମଧ୍ୟରେ ସେପରି କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ, ବେଳେ ବେଳେ ମୁଣ୍ଡବ୍ୟଥାର କାରଣ ଡିହାଇଡ୍ରେସନ୍ ହୋଇ ଥାଇପାରେ।

ସେହିପରି ଅନ୍ୟ ଜଣେ ସ୍ନାୟୁବିଜ୍ଞାନୀ ଡାକ୍ତର କହିଛନ୍ତି, ଚା ନାଜାଲ ସାଇନସେସ୍ (ନାକର ସାଇନସରେ ଆଲର୍ଜି କିମ୍ୱା କୌଣସି ଜମାକୁ) ସଫା କରିପାରେ ଏବଂ ସାଇନସିଟିସ୍ କାରଣରୁ ହେଉଥିବା ମୁଣ୍ଡବ୍ୟଥାରୁ ଆରାମ ଦେଇପାରେ। ଏଥିପାଇଁ ଚା' ପିଇବା ପରେ ମୁଣ୍ଡବ୍ୟଥା କମିଗଲା ବୋଲି ଲାଗେ।

ଚା' ମୁଣ୍ଡବ୍ୟଥା ଦୂର କରିବାର ଆଉ ଏକ କାରଣ ହେଉଛି, ଏଥିରେ ବ୍ଲାକ୍ ଟି ଥାଏ, ଯେଉଁଥିରେ କଫିନ୍ ରହିଥାଏ, ଆଉ ଏହି କଫିନ ମୁଣ୍ଡବିନ୍ଧାରୁ ଆରାମ ଦେଇଥାଏ। କଫିନ୍ ରକ୍ତ ନଳୀକୁ ସଙ୍କୁଚିତ କରିପାରେ, ସମ୍ଭବତଃ ମୁଣ୍ଡବିନ୍ଧାର ଲକ୍ଷଣକୁ ହ୍ରାସ କରିପାରେ।

ଏକ କପ୍ (୧୫୦ ମିଲି) ବ୍ରୁଡ୍ କଫିରେ ୮୦-୧୨୦ ମିଲିଗ୍ରାମ କଫିନ୍, ଇନଷ୍ଟାଣ୍ଟ କଫିରେ ୫୦-୬୫ ମିଲିଗ୍ରାମ ଏବଂ ଚାରେ ୩୦-୬୫ ମିଲିଗ୍ରାମ କଫିନ୍ ଥାଏ। ତଥାପି ଚା ପିଇବା ପରେ ସମସ୍ତେ ମୁଣ୍ଡବ୍ୟଥା କମିଯିବା ଅନୁଭବ କରନ୍ତି ନାହିଁ। ଏହାର ପ୍ରଭାବ ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ଦେଖାଯାଏ। ଚା ପିଇବା ପରେ ମୁଣ୍ଡବ୍ୟଥା କମିଯିବାର ମୁଖ୍ୟ କାରଣ ହେଉଛି ଏଥିରେ ମିଶୁଥିବା ସାମଗ୍ରୀ, ଯେପରିକି ଅଦା, ଅଳେଇଚ ଏବଂ ଡାଲଚିନି ଗୁଣ୍ଡ।

ଚା ପିଇବାର ଉପଯୁକ୍ତ ସମୟ: ଓଉଗଜ ଗାଇଡଲାଇନ ଅନୁସାରେ, ଖାଇବାର ଘଣ୍ଟାଏ ପୂର୍ବରୁ ଏବଂ ପରେ ଚା କିମ୍ୱା କଫି ଆଦୌ ପିଇବା କଥା ନୁହେଁ। କାରଣ ଏଥିରେ ଟେନିନ୍ ନାମକ ଏକ ଉତ୍ତେଜକ ରହିଥାଏ। ଏହି ଟେନିନ୍ ଶରୀରରେ ଆଇରନ(ଲୌହ) ଅବଶୋଷଣରେ ବାଧା ସୃଷ୍ଟି କରିପାରେ। ଆଇରନ ଅଭାବରେ ରକ୍ତହୀନତା ହୋଇପାରେ। ସେହିପରି ଶୋଇବା ପୂର୍ବରୁ ମଧ୍ୟ ଚା' ଓ କଫି ଆଦୌ ପିଇବା ଉଚିତ୍ ନୁହେଁ, କାରଣ ଏହି କାରଣରୁ ପରଦିନ ସକାଳେ ଅନିଦ୍ରା ଏବଂ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଟେନିନ୍ ମଧ୍ୟ ଅନେକ ଲୋକଙ୍କ ମାଇଗ୍ରେନର କାରଣ ହୋଇଥାଏ। କଫିନ୍ ଧାରଣ କରିଥିବା ଚା' କେବଳ ମୁଣ୍ଡ ବିନ୍ଧାଏନି, ବରଂ ଥକ୍କାପଣର କାରଣ ହୋଇପାରେ। ତେଣୁ, କପେ ଗରମ ଚା' ଯେ ମୁଣ୍ଡବ୍ୟଥାକୁ ଦୂର କରିଦେବ ଏପରି ଭାବନ୍ତୁ ନାହିଁ। ଅତ୍ୟଧିକ ଚା' ପିଇବା ଦ୍ୱାରା ଶୋଷ ଲାଗିନଥାଏ, ଫଳରେ ପାଣି ପିଇବା କମ୍ ହୋଇଯିବାରୁ ହରମୋନାଲ୍ ପରିବର୍ତ୍ତନ ହୋଇପାରେ। ଶରୀରରେ ହରମୋନର ଅସନ୍ତୁଳନର ନାନା ରୋଗର କାରଣ ହୋଇଥାଏ। ତେଣୁ ସେ ଖାଦ୍ୟ ହେଉ କିମ୍ୱା କୌଣସି ପାନୀୟ, କାହାକୁ ନିଶାରେ ପରିଣତ କରନ୍ତୁ ନାହିଁ, ସବୁର ଏକ ସନ୍ତୁଳନ ବଜାୟ ରଖନ୍ତୁ।

# ଚାଣକ୍ୟ ନୀତି: ଜୀବନରେ ଦୁଇଟି ଜିନିଷକୁ ଡରନ୍ତୁ ନାହିଁ, ସଫଳତା ନିଶ୍ଚୟ ପାଇବେ..



ଚାଣକ୍ୟ ନୀତିକୁ ଲୋକେ ଆଜି ବି ପଢ଼ିବାକୁ ପସନ୍ଦ କରିଥାନ୍ତି । କାରଣ ତାଙ୍କ ନୀତି ପ୍ରତ୍ୟେକ କାଳରେ ପ୍ରତ୍ୟେକ ବର୍ଗଙ୍କୁ କିଛି ଶିଖିବାର ସୁଯୋଗ ଦେଇଥାଏ । ତାଙ୍କ ନୀତି ଅନୁସାରେ ଚାଲିବା ଦ୍ୱାରା ଅନେକ ଲୋକଙ୍କୁ ସଫଳତା ମିଳିଛି । ତେବେ ଏହି କ୍ରମରେ ଚାଣକ୍ୟ କହିଛନ୍ତି, ଦୁଇଟି ଜିନିଷକୁ ଡରୁଥିବା ଲୋକ ସବୁବେଳେ ଜୀବନରେ ପଛରେ ରହିଥାନ୍ତି । ଆପଣ ଏବେ ଭାବୁଥିବେ ଏହି ଦୁଇଟି ଡର କ'ଣ ? ଚାଣକ୍ୟଙ୍କ ଅନୁସାରେ କିଛି ଜିନିଷକୁ ମଣିଷ ନିଜ ଜୀବନ କାଳ ମଧ୍ୟରେ ଡରିବା ଉଚିତ୍ ନୁହେଁ । ଯଦି ଆପଣ ତାକୁ ଡରୁଛନ୍ତି ତେବେ ଏଥିରେ କେବଳ ଆପଣଙ୍କର ହିଁ କ୍ଷତି ହେବ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଛୋଟ ଛୋଟ ସମସ୍ୟାକୁ ଖୁବ୍ ଡରନ୍ତି। ସେଇ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ସେମାନେ ଡରି ଡରି ସମସ୍ୟା ଅଧିକ ବଡ଼ କରିଥାନ୍ତି। ଆଚାର୍ଯ୍ୟ ଚାଣକ୍ୟଙ୍କ କହିବାନୁସାରେ ଜୀବନରେ ଅନେକ ପରିବର୍ତ୍ତନ ହୋଇଥାଏ । ଯଦି ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ହେଉଛି ତେବେ ଏହାକୁ ଆପଣ ଡରନ୍ତୁ ନାହିଁ । ବରଂ ପରିବର୍ତ୍ତନକୁ ସ୍ୱୀକାର କରିବା ଶିଖନ୍ତୁ । ଏହାକୁ ଆପଣାଇବା ଦ୍ୱାରା ଭଲ ଫଳ ମିଳିଥାଏ । କିଛି ଲୋକ ନିଜକୁ ବଦଳାଇବାକୁ ଚାହାନ୍ତି ନାହିଁ କିମ୍ୱା ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ କରନ୍ତି ନାହିଁ । ସେମାନେ ପରିବର୍ତ୍ତନ ପାଇଁ ଡରନ୍ତି । ଏଭଳି ଲୋକେ କେବେ ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ କିମ୍ୱା ଜୀବନରେ ସଫଳତା ପାଇ ପାରନ୍ତି ନାହିଁ । ଅନେକ ଲୋକ ଭବିଷ୍ୟତର ପରୀକ୍ଷାକୁ ଡରୁଛନ୍ତି । ମଣିଷକୁ ସମୟର ବା ଜୀବନର ପରୀକ୍ଷା ପାଇଁ ଡରିବା ଉଚିତ ନୁହେଁ । ଏଥିପାଇଁ ଚାଣକ୍ୟ କହିଛନ୍ତି କେବେ ବି ପରୀକ୍ଷାକୁ ଡର ନାହିଁ । ବରଂ ଏହାକୁ ସାହସର ସହିତ ସାମ୍ନା କରନ୍ତୁ । ଏହିଭଳି ଲୋକ ହିଁ ଜୀବନରେ ସଫଳତା ପାଇଥାନ୍ତି ।

# ଶିଶୁ ଠିକ୍‌ରେ କ୍ଷୀର ଖାଉ ନାହିଁ କି... ଜାଣନ୍ତୁ କ'ଣ ରହିଛି କାରଣ

ଛୁଆଟିଏ ଜନ୍ମ ହେବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତାର ସ୍ତନ୍ୟପାନ। ମା'ର ପ୍ରଥମ କ୍ଷୀର କୋଲଷ୍ଟ୍ରମ୍ ଛୁଆପାଇଁ ଅତ୍ୟନ୍ତ ଉପାଦେୟ ଓ ଏଥିରେ ଛୁଆର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦରକାର ମୁତାବକ ଆଣ୍ଟିବଡ଼ି ଥାଏ। ଏଣୁ ବର୍ତ୍ତମାନ ସଚେତନତା ବଢ଼ିବା ସହ ଶିଶୁକୁ ମାର ପ୍ରଥମ କ୍ଷୀର ଦେବାକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କେବେ ଆପଣ ଏପରି ସ୍ଥିତି ଦେଖିଛନ୍ତି କି, ଆପଣଙ୍କ ବନ୍ଧୁ-ବାନ୍ଧବ କିମ୍ବା ପରିବାର କ୍ଷେତ୍ରରେ କେହି ନୂଆ ମାଆ ହେବା ପରେ କ୍ଷୀର ହେଉ ନଥିବ କିମ୍ବା ଛୁଆ କ୍ଷୀର ଖାଇପାରୁ ନଥିବ। ହଁ, ଏପରି ଅନେକ କ୍ଷେତ୍ରରେ ଘଟେ, ବିଶେଷକରି ପ୍ରଥମ କରି ମା' ହେଉଥିବା ମହିଳାଙ୍କ କ୍ଷେତ୍ରରେ। ଏଥିପାଇଁ କିଛି ସାଧାରଣ ନିୟମାବଳୀ ବା ଉପାୟ ମାଆମାନେ ଆପଣେଇବା ଉଚିତ୍ ଯାହାଦ୍ୱାରା ସେମାନେ ଛୁଆକୁ ଆରାମରେ ସ୍ତନ୍ୟପାନ କରାଇପାରିବେ ଏବଂ ଛୁଆ ମଧ୍ୟ ନିଜେ ଖାଇବା ଶିଖିବ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ:* ସାଧାରଣ ଭାବେ ନବଜାତ ଶିଶୁର ସ୍ତନ୍ୟପାନ ଖୁବ ସହଜ ଲାଗୁଥିଲେ ମଧ ମାଆ ସହ ଆବଶ୍ୟକଠାରୁ କମ୍ ସଂସ୍ପର୍ଶରେ ରହିଲେ ଶିଶୁର ସ୍ତନରୁ କ୍ଷୀର ଖାଇବା ପ୍ରକ୍ରିୟାର ଆରମ୍ଭ ହେବା ସହଜ ହେବ ନାହିଁ। ଏଥିଯୋଗୁଁ ମାଆର ସ୍ତନରେ ବିଭିନ୍ନ ସମସ୍ୟା ଦେଖାଯାଏ।



ସ୍ତନରେ ଇନ୍‌ଫେକ୍ସନ୍ ତଥା କ୍ଷୀର ଜମାଟ ବାନ୍ଧିବା ଆଦି ସମସ୍ୟା ହେଲେ ମାଆକୁ ଯନ୍ତ୍ରଣା ହୁଏ, ଯାହା ଫଳରେ ସେ ସ୍ତନ୍ୟପାନ କରାଇବାକୁ ଇଚ୍ଛା କରେ ନାହିଁ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ:* ଯଦି ମାଆର ସିସେକ୍ସନ୍ ହୋଇ ପ୍ରସବ ହୋଇଛି ତେବେ ମଧ ଛୁଆକୁ ମାଆ ଠିକ୍ ଭାବେ ସ୍ତନ୍ୟପାନ କରାଇପାରେ ନାହିଁ। କିନ୍ତୁ ଉପଯୁକ୍ତ ଭାବେ ଶିଖାଇଲେ ମାଆ ଖୁବ୍ ସହଜରେ ଶିଶୁକୁ ସ୍ତନ୍ୟପାନ କରାଇପାରିବ। କେତେକାଂଶରେ ପ୍ରଥମ କ୍ଷୀର କ୍ଷରଣରେ ସମୟ ଲାଗେ। ଏପରି ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ତଥା ଉପଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି।

*କଙ୍ଗାରୁ ଯତ୍ନ ବ୍ୟବସ୍ଥା କ'ଣ:* ଆପଣ ଜାଣନ୍ତି, ସାମାନ୍ୟ ପଶୁ କଙ୍ଗାରୁ ତା' ଛୁଆକୁ ପେଟ ପାଖରେ ଥଳି ଭିତରେ ଧରି ରଖିବା ପରି ନବଜାତ ଶିଶୁକୁ ମାଆ ଶରୀରରେ ଲଗାଇ ରଖି ସ୍ତନ୍ୟପାନ କରାଇବାକୁ କୁହାଯାଏ। ଏହାକୁ କଙ୍ଗାରୁ ଯତ୍ନ ବ୍ୟବସ୍ଥା କୁହାଯାଏ। ପ୍ରାୟତଃ ପ୍ରିମ୍ୟାଚ୍ୟୁର ବେବି ବା ସମୟ ପୂର୍ବରୁ ଜନ୍ମ ଶିଶୁ ପାଇଁ ଏହା ଉପାଦେୟ ହୋଇଥିବା ବେଳେ ସ୍ତନ୍ୟପାନ ବେଳେ ମାଆ ଶିଶୁ ଶରୀରର ସଂସ୍ପର୍ଶ ବଢ଼ାଇବାକୁ ଏହି ପ୍ରଣାଳୀ ଖୁବ ଭଲ। ଯଦି ପ୍ରସବ ସାଧାରଣ ଭାବେ ହୋଇଛି ତେବେ ଚେଷ୍ଟା କରନ୍ତୁ, ସିଧା ବସି ଶିଶୁକୁ ହାତରେ ଦୋଳିରେ ଶୋଇବା ପରି ଧରି ନିଜେ ତାର ମୁହଁ ପାଖକୁ ସ୍ତନ ନିଅନ୍ତୁ, ସେ ନିଜେ ଖାଇବା ଆରମ୍ଭ କରିବ।

*ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ:* ମାଆର ସ୍ତନ୍ୟପାନ କରାଇବା ସ୍ଥିତି ବା ପୋଜିସନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସର୍ବଦା ନିଜ ଆରାମ ଅନୁସାରେ ବସି ଛୁଆକୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା କ୍ଷୀର ଠିକ୍ ଭାବେ କ୍ଷରଣ ହେବ ଏବଂ ସ୍ତନର ଏରିଓଲା ଅଂଶକୁ ପୂର୍ଣ୍ଣ ଭାବେ ଶିଶୁର ମୁଖରେ ରଖିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ଶିଶୁର ରିଫ୍ଲେକ୍ସ ଆକ୍ସନ ବଢ଼ିବ ଓ ସେ କ୍ଷୀରକୁ ଶୋଷାଡ଼ି ଖାଇବା ଶିଖିବ। ଏହା ହିଁ ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ ବୋଲି କୁହାଯାଏ। ପ୍ରତିଥର ଖୁଆଇବା ପରେ ଛୁଆର ପିଠି ଥାପୁଡ଼ାନ୍ତୁ ଯାହା ଦ୍ୱାରା ସ୍ତନ୍ୟପାନ କରିବାବେଳେ ଯଦି ଶ୍ୱାସନଳୀରେ ବାୟୁ ରହିଯାଏ ତାହା ସଫା ହୋଇଯିବ।

*କ୍ଷୀର ପରିମାଣ ବୃଦ୍ଧି ପାଇଁ:* ଯଦି ଆପଣଙ୍କ ଛୁଆ ଦିନରେ ସର୍ବନିମ୍ନ ଛଅ ଥର ପରିସ୍ରା କରୁଛି ତେବେ ସେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ କରୁଛି ବୋଲି କହିହେବ। ପ୍ରତି ଦୁଇ ଘଣ୍ଟାରେ ଥରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସ୍ତନ୍ୟପାନ କରାନ୍ତୁ। ଯଦି କୌଣସି କାରଣରୁ ଆପଣଙ୍କୁ ଲାଗୁଛି ଯେ କ୍ଷୀର ପରିମାଣ କମ ହେଉଛି ଏବଂ ଶିଶୁର ଖାଇବା ଯଥେଷ୍ଟ ହେଉ ନାହିଁ, ତେବେ ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ ଆଣନ୍ତୁ।

*ସ୍ତନରେ କ୍ଷୀର ପରିମାଣ ବୃଦ୍ଧି ପାଇଁ ଖାଦ୍ୟ:* ଅମୃତଭଣ୍ଡା, ରସୁଣ, ସାଗୁ ଆଦି ମାଆ କ୍ଷୀର ଉତ୍ପାଦନ ପାଇଁ ଅତ୍ୟନ୍ତ ଫଳପ୍ରଦ। ଏହା ପରେ ବି ଯଦି ଆପଣ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସପ୍ଲିମେଣ୍ଟ୍ ନେଇପାରିବେ। ସର୍ବଦା ଚେଷ୍ଟା କରନ୍ତୁ ମାଆକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଦେଇ ଶିଶୁ ପାଇଁ କ୍ଷୀର ଉତ୍ପାଦନ ଠିକ୍ ରଖିବେ। ଶିଶୁକୁ କୌଣସି ପରିସ୍ଥିତିରେ ଛଅମାସ ପୂର୍ବରୁ ପାଣି କିମ୍ବା କୌଣସି ବାହାର ତରଳ ଦିଅନ୍ତୁ ନାହିଁ।

*ଶିଶୁର ପ୍ରଥମ ପୋଷଣ:* ଶିଶୁର ପ୍ରଥମ ପୋଷଣ ମାଆ କ୍ଷୀରରୁ ମିଳେ। ଏଣୁ ବାହାର ଖାଦ୍ୟ ବା ଫର୍ମୁଲା ଆଦି ଦେବା ଦ୍ୱାରା ଛୁଆର ଶରୀରର ବୃଦ୍ଧି ତ ହୁଏ କିନ୍ତୁ ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକ ପରିମାଣରେ ବଢ଼ିପାରେ ନାହିଁ। ଏଣୁ ମାଆ କ୍ଷୀର କୌଣସି ପରିସ୍ଥିତିରେ ବନ୍ଦ କରନ୍ତୁ ନାହିଁ। ଆମ ଗାଁ ଗହଳିରେ ବଡ଼ମାନେ ସାଧାରଣତଃ ମା'କୁ ଥଣ୍ଡା ଜ୍ୱର ହେଲେ ଛୁଆକୁ କ୍ଷୀର ଦେବାକୁ ମନା କରନ୍ତି। କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍। ମାଆର ଥଣ୍ଡା କିମ୍ବା ଜ୍ୱର ହେବା ବେଳେ ତା' ଶରୀରରେ ଆଣ୍ଟିବଡ଼ି ବା ରୋଗପ୍ରତିରୋଧକ ଶକ୍ତି ତିଆରି ହୁଏ, ଏହା ପରୋକ୍ଷ ଭାବେ ଶିଶୁ ଦେହକୁ ଯାଇଥାଏ। ତେଣୁ ଶିଶୁକୁ ସେହି ସମୟରେ ସ୍ତନ୍ୟପାନରୁ ବିରତ କରାଇବା ଉଚିତ ନୁହେଁ।



*ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ:* ସ୍ତନ୍ୟପାନ କରାଉଥିବା ମାଆକୁ କେତେକ ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ କରାଯାଏ, ଯାହା କେବଳ ଡାକ୍ତରଙ୍କ ପରାମର୍ଶ ପରେ କରିବେ। ଯଦି କିଛି ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖାଯାଏ ତେବେ ଡାକ୍ତରଙ୍କ ପରାମର୍ଶ କରି ନିଷ୍ପତ୍ତି ନିଅନ୍ତୁ। ମାଆ ଗର୍ଭବତୀ ଥିବା ସମୟରେ କୌଣସି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି କିନ୍ତୁ ସୁସ୍ଥ ଶିଶୁ ଜନ୍ମ ହୋଇଛି ତେବେ ମଧ ସ୍ତନ୍ୟପାନ କରାଇବାରେ ଅସୁବିଧା ନାହିଁ। କିନ୍ତୁ କୌଣସି ପରିସ୍ଥିତିରେ ଯଦି ଛୁଆ କ୍ଷୀର ଖାଇପାରୁନି, ଜଣ୍ଡିସ୍ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାଆଠାରୁ ଅଲଗା ରହିଛି, ତେବେ ମାଆଠାରୁ ଏକ ସ୍ୱଚ୍ଛ ଷ୍ଟେରିଲାଇଜ୍ ହୋଇଥିବା କଣ୍ଟେନର ବା କାଚ ବୋତଲରେ କ୍ଷୀର ବାହାର କରି ସାଧାରଣ କୋଠରୀ ତାପମାତ୍ରାରେ ରଖି ଦେଇହେବ। ହେଲେ ଧ୍ୟାନ ରଖନ୍ତୁ କ୍ଷୀର ରଖିବାର ସ୍ଥାନ ସଫାସୁତୁରା ରହିବା ଆବଶ୍ୟକ।

*ମାଆକୁ ଉପଯୁକ୍ତ ସୁଷମ ଖାଦ୍ୟ:* ସ୍ତନ୍ୟପାନ କରାଇବା ସମୟରେ ମାଆ ଉପଯୁକ୍ତ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ପରିମାଣର କ୍ୟାଲୋରୀ ସହ ଆଉ ୬୦୦ କ୍ୟାଲୋରୀ ଅଧିକ ମିଶାଇ ନେବା ଆବଶ୍ୟକ ହୋଇଥାଏ। ଫଳ, ପନିପରିବା, ଶାଗୁ, ଉଷୁନା ଭାତ ଘିଅ ସହ ଖାଇବା ଭଲ। ଗରିଷ୍ଠ ଖାଦ୍ୟରୁ ଦୂରେଇ ରହିଲେ ଭଲ। ଧିରେ ଧିରେ କରି ଅଳ୍ପ ଅଳ୍ପ ଖାଇପାରିବେ। ସର୍ବଦା ଖାଇବା ବେଳେ ଧ୍ୟାନ ରଖିବେ ଯେ ଆପଣ ଯାହା ଖାଇବେ ତାହା ଶିଶୁର ଶରୀରରେ ହଜମ ହେବା ଆବଶ୍ୟକ।

*ମାଆମାନେ ଅଫିସ ଯାଉଥିଲେ କ'ଣ କରିବେ:* ଆଜିକାଲି ପ୍ରାୟ ମାଆମାନେ ଅଫିସ ଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ଓ୍ୱାର୍କ ଫ୍ରମ୍ ହୋମ୍ ବା ଘରୁ କାମ କରିବାର ସୁବିଧା ଥିବାବେଳେ କେତେକ କ୍ଷେତ୍ରରେ ନାହିଁ। ସେ କ୍ଷେତ୍ରରେ ଯଦି ଅଫିସରେ ସ୍ତନ୍ୟପାନ ଗୃହ ରହିଛି ତେବେ ଶିଶୁକୁ ନେଇଯାଇପାରିବେ। ଏବେ ପ୍ରାୟ ସମସ୍ତ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କୋଠରୀ ରଖିବା ପାଇଁ ସଚେତନତା ସୃଷ୍ଟି ହେଉଛି। ମଲ୍, ରେଷ୍ଟୁରାଂଣ୍ଟ୍ ଆଦିକୁ ବୁଲିଗଲା ବେଳେ ମଧ ଶିଶୁକୁ ଲଗାତାର ସମୟ ଅନୁସାରେ ସ୍ତନ୍ୟପାନ କରାଇବାକୁ ଭୁଲନ୍ତୁ ନାହିଁ।

# ଗଜା ମୁଗର ଫାଇଦା; ଚର୍ମକୁ କରେ ଚିକ୍କଣ, ହୃଦୟକୁ ରଖେ ସୁସ୍ଥ

**ପ୍ରକୃତିରୁ ମିଳୁଥିବା ଏପରି କିଛି ଖାଦ୍ୟ ଅଛି, ଯାହାକୁ କଞ୍ଚା କିମ୍ୱା ଗଜା କରି ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଅନେକ ସୁପ୍ରଭାବ ପଡ଼ିଥାଏ। ସେଥି ମଧ୍ୟରୁ ଗଜା ମୁଗ ଅନ୍ୟତମ। ଏଥିରେ ଫୋଲେଟ୍, ଭିଟାମିନ୍ ଇ୬, ଆଇରନ୍ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ଖଣିଜ ପଦାର୍ଥ ଭରପୂର ପରିଣାରେ ଥାଏ। ଏହାକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କି କି ସୁପ୍ରଭାବ ପଡ଼େ, ଜାଣନ୍ତୁ...**



ହଜମ ପ୍ରକ୍ରିୟାରେ ଉନ୍ନତି ଆସେ: ପ୍ରତିଦିନ ସକାଳେ ଗଜା ମୁଗ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ସହଜ ହୋଇଥାଏ। ଏଥିସହ ପେଟ ଫୁଲା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ମଧ ଗଜାମୁଗ ସହାୟକ ହୋଇଥାଏ।

ପ୍ରୋଟିନ ମିଳେ: ଗଜା ମୁଗରେ ଭରପୂର ପରିମାଣରେ ପ୍ରୋଟିନ ଥାଏ। ଗଜା ମୁଗ ଖାଇବା ଦ୍ୱାରା ମାଂସପେଶୀ ବୃଦ୍ଧି ହେବା ସହ କୋଷ ତିଆରି ହୋଇଥାଏ। ବିଶେଷ କରି ଶାକାହାରୀ ଲୋକଙ୍କ ପାଇଁ ଏହା ବେଶ୍ ଉପକାରୀ।

ଓଜନ ହ୍ରାସ: ଗଜା ମୁଗରେ ଥିବା ଫାଇବର ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ। ଅର୍ଥାତ୍ ଗଜା ମୁଗ ଖାଇବା ଦ୍ୱାରା ବିଶେଷ ଭୋକ ଲାଗିନଥାଏ। ଏହା ଦ୍ୱାରା ବାରମ୍ୱାର ଖାଇବାକୁ ଇଚ୍ଛା ହୋଇନଥାଏ। ଫଳରେ ଓଜନ ପରିଚାଳନା ସହଜ ହୋଇଥାଏ।

ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ: ଗଜା ମୁଗରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଫଳରେ ମଧୁମେହ ଆଶଙ୍କା ହ୍ରାସପାଏ। ମଧୁମେହ ରୋଗୀ ମଧ ଗଜା ମୁଗ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ।

ଚର୍ମ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଜିଙ୍କ, ଭିଟାମିନ୍ ସି ଏବଂ ମିନେରାଲ୍ସର ଏକ ଉତ୍ତମ ଉତ୍ସ ହେଉଛି ଗଜା ମୁଗ। ତେଣୁ ଗଜା ମୁଗ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ବ୍ରଣ ସମସ୍ୟା ଦୂର ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତି : ଗଜା ମୁଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ଏହା ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବା ସହ ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ।

ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଗଜା ମୁଗରେ ଚର୍ବି କମ୍ ଏବଂ ପୋଟାସିୟମ୍ ଭରପୂର ଥାଏ, ଯାହା ରକ୍ତଚାପକୁ ହ୍ରାସ କରିବାରେ ଏବଂ ହୃଦରୋଗର ଆଶଙ୍କାକୁ କମାଇବାରେ ସାହାଯ୍ୟ କରିଥାଏ।

ଶରୀରକୁ ଡିଟକ୍ସିଫାଏ କରେ: ନିୟମିତ ଗଜା ମୁଗ ଖାଇବା ଦ୍ୱାରା ଶରୀର ଡିଟକ୍ସିଫାଏ ହୋଇଥାଏ। ଅର୍ଥାତ୍ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଯାଏ। ଏହା ଦ୍ୱାରା କିଡନୀ ଏବଂ ଯକୃତ ସୁସ୍ଥ ରହିଥାଏ।

ଶକ୍ତି ସ୍ତର ବୃଦ୍ଧି ହୁଏ: ଗଜା ମୁଗ ଖାଇଲେ ଶରୀରକୁ ଏନର୍ଜି ମିଳେ। ଅର୍ଥାତ୍ ଶରୀରର ଶକ୍ତି ସ୍ତର ବୃଦ୍ଧି ପାଇଥାଏ। ଫଳରେ ଦୁର୍ବଳ ଲାଗେନାହିଁ।

# ଗଣ୍ଠିବାତରୁ ରକ୍ଷା କରିବ ଅମୃତଭଣ୍ଡା ଜୁସ୍



ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ଆଣ୍ଠୁଗଣ୍ଠିବାତ ଏକ ସାଧାରଣ ରୋଗ ପାଲଟିଛି। ଘରେ ଘରେ ଏବେ ଏହି ସମସ୍ୟା। କିନ୍ତୁ ଏହାକୁ ଅଣଦେଖା ନକରି ଉଚିତ୍ ଯତ୍ନ ନେଲେ ଆରୋଗ୍ୟ ସୁନିଶ୍ଚିତ। ଚାହିଁଲେ ଆପଣ ଏହାକୁ ଘରେ ବସି ଖୁବ୍ ସହଜ ଓ ସରଳ ଉପାୟରେ ଭଲ କରିପାରିବେ। ଏଥିପାଇଁ ଆପଣଙ୍କୁ କଂଚା ଅମୃତଭଣ୍ଡାର ଜୁସ୍ ସେବନ କରିବାକୁ ପଡ଼ିବ। ଗଣ୍ଠି ସମସ୍ୟା ଖୁବ୍ ଯନ୍ତ୍ରଣାଦାୟକ ହୋଇଥାଏ। କେତେବେଳେ ହାତ ବିନ୍ଧିଥାଏ ତ କେବେ ଗୋଡ଼ରେ ଯନ୍ତ୍ରଣା ଅନୁଭୂତ ହୁଏ। ନଚେତ୍ ସର୍ବଦା ଥକ୍କାପଣ, ଅନିଦ୍ରା ଓ ମାଂସପେଶୀ ଜନିତ ଯନ୍ତ୍ରଣା ଭୋଗିବାକୁ ପଡ଼େ। ଶରୀରରେ ଏଷ୍ଟ୍ରୋଜେନ୍ ଅଭାବରୁ ଏହି ସମସ୍ୟା ଉପୁଜିଥାଏ। ଏହା ଅଧିକାଂଶ ମହିଳାଙ୍କ ନିକଟରେ ଦେଖିବାକୁ ମିଳେ। ଥାଇରଏଡ଼ କାରଣରୁ ମଧ୍ୟ ଗଣ୍ଠି ବିନ୍ଧା ସମସ୍ୟା ଉପୁଜିଥାଏ। ତ୍ୱଚା କିମ୍ୱା ରକ୍ତ ସମବନ୍ଧିତ ରୋଗ ହେଲେ ବି ଅସ୍ଥିର ଯନ୍ତ୍ରଣା ଉତ୍ପନ୍ନ ହୁଏ। ପୋଷକତତ୍ୱର ଅଭାବ କାରଣରୁ ଅନେକ ଥର ରିହ୍ୟୁମେଟାଇଡ୍ ଆର୍ଥରାଇଟସ ହୋଇଥାଏ, ଯଦ୍ୱାରା ଗଣ୍ଠି ଯନ୍ତ୍ରଣା ହୋଇଥାଏ। ଏଥିରୁ ଆରୋଗ୍ୟ ପାଇଁ ବାରମ୍ୱାର ଡାକ୍ତରୀ ପରାମର୍ଶ ସାଙ୍ଗକୁ ହଜାର ହଜାର ଟଙ୍କାର ଔଷଧ ସେବନ କରିବାକୁ ପଡ଼େ। କିନ୍ତୁ କମ୍ ଖର୍ଚ୍ଚରେ, ଘରୋଇ ଉପାୟରେ ଅମୃତଭଣ୍ଡା ଜୁସ୍ ପିଇଲେ ଏଥିରେ ଆରାମ ମିଳିବ। ଏଥପାଇଁ ୨ ଲିଟର ପାଣିରେ ଏକ ମଧ୍ୟମ ଆକାରର କଂଚା ଅମୃତଭଣ୍ଡାକୁ ଭଲଭାବେ ଧୋଇ ଦିଅନ୍ତୁ।



ଏହାପରେ ଅମୃତଭଣ୍ଡାକୁ ଛୋଟ ଛୋଟ ପିସ୍ କରି ୫ମିନିଟ ପାଇଁ ସିଝାନ୍ତୁ। ୨ ଚାମଚ ଗ୍ରୀନ ଟିରେ ଏହାକୁ ପକାଇ କିଛି ସମୟ ଫୁଟିବାକୁ ଛାଡ଼ନ୍ତୁ। ଫୁଟିଲାପରେ ପ୍ରତିଦିନ ଏହାକୁ ଗିଲାସେ ଲେଖାଏଁ ସେବନ କରନ୍ତୁ।

# ଉପଭୋକ୍ତା ବଢ଼ିଲେ, ଭଣ୍ଡାର ବଢ଼ିଲାନି

ଭାରତ ବର୍ତ୍ତମାନ ଏକ ଗମ୍ଭୀର ରନ୍ଧନ ଗ୍ୟାସ୍ ବା ଏଲପିଜି ସଙ୍କଟର ସମ୍ମୁଖୀନ ହେଉଛି, ଯାହା ଦେଶର ଦୈନନ୍ଦିନ ଜୀବନ ଏବଂ ଅର୍ଥବ୍ୟବସ୍ଥାକୁ ବ୍ୟାପକ ଭାବରେ ପ୍ରଭାବିତ କରିବା ଆରମ୍ଭ କରିଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ପଶ୍ଚିମ ଏସିଆରେ ଲାଗିରହିଥିବା ଭୂ-ରାଜନୈତିକ ଅସ୍ଥିରତା, ବିଶେଷକରି ହରମୁଜ୍ ପ୍ରଣାଳୀ ଦେଇ ଯାଉଥିବା ସାମୁଦ୍ରିକ ବାଣିଜ୍ୟରେ ବାଧାପ୍ରାପ୍ତ ହେବା, ଏହି ସଙ୍କଟର ତାତ୍କାଳିକ କାରଣ ଭାବରେ ଉଭା ହୋଇଛି । ପ୍ରକୃତ ସମସ୍ୟା ଭାରତର ଆଭ୍ୟନ୍ତରୀଣ ଭିତ୍ତିଭୂମି ଯୋଜନା, ଘରୋଇ ଉତ୍ପାଦନର ସୀମିତତା ଏବଂ ଦୀର୍ଘକାଳୀନ ରଣନୈତିକ ମହଜୁଦକରଣ ବା ଷ୍ଟ୍ରାଟେଜିକ୍ ରିଜର୍ଭର ଘୋର ଅଭାବ ମଧ୍ୟରେ ଲୁଚି ରହିଛି । ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ସ୍ପଷ୍ଟ ଭାବରେ ଚେତାବନୀ ଦେଇଛି ଯେ ଭାରତୀୟ ଏଲପିଜି ବ୍ୟବସ୍ଥା କେବଳ ଦୈନନ୍ଦିନ ନିରନ୍ତର ଯୋଗାଣ ପ୍ରକ୍ରିୟା ବା 'ଅପରେସନାଲ୍ ଫ୍ଲୋ' ଉପରେ ଆଧାରିତ ଏବଂ ଏଥିରେ ଜରୁରୀକାଳୀନ ପରିସ୍ଥିତି ପାଇଁ ଗ୍ୟାସ୍ ଗଚ୍ଛିତ ରଖିବାର କୌଣସି ବ୍ୟବସ୍ଥା ନାହିଁ । ବର୍ତ୍ତମାନ ସୁଦ୍ଧା ଏହି ବିଶାଳ ଭୂଗର୍ଭସ୍ଥ ଷ୍ଟୋରେଜ୍ ବୃଦ୍ଧି କରିବା ପାଇଁ କୌଣସି ଠୋସ୍ ପ୍ରସ୍ତାବ ନାହିଁ, ଯାହା ଏବେ ସାଧାରଣ ଖାଉଟି ଏବଂ ଦେଶର ଅର୍ଥନୀତି ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି ।

ଏହି ସଙ୍କଟର ଗଭୀରତାକୁ ବୁଝିବାକୁ ହେଲେ ଭାରତର ଏଲପିଜି ବ୍ୟବହାର ଏବଂ ଘରୋଇ ଉତ୍ପାଦନ ମଧ୍ୟରେ ଥିବା ବିରାଟ ବ୍ୟବଧାନକୁ ବିଶ୍ଳେଷଣ କରିବା ନିତାନ୍ତ ଆବଶ୍ୟକ । ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଏଲପିଜି ଉପଭୋକ୍ତା ଦେଶ ଅଟେ । ସରକାରୀ ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୪-୨୫ ରେ ଦେଶର ବାର୍ଷିକ ଏଲପିଜି ବ୍ୟବହାର ପ୍ରାୟ ୩୧.୩ ନିୟୁତ ମେଟ୍ରିକ୍ ଟନ୍ ଥିଲା, ଯାହାର ଅର୍ଥ ହେଉଛି ମାସିକ ଚାହିଦା ପ୍ରାୟ ୩ ନିୟୁତ ଟନ୍ ଏବଂ ଦୈନିକ ବ୍ୟବହାର ପ୍ରାୟ ୮୦,୦୦୦ ଟନ୍ । କିନ୍ତୁ ଏହି ବିପୁଳ ଚାହିଦା ତୁଳନାରେ ଆମର ଘରୋଇ ଉତ୍ପାଦନ ଅତ୍ୟନ୍ତ ନୈରାଶ୍ୟଜନକ । ଦେଶର ସମସ୍ତ ତୈଳ ବିଶୋଧନାଗାର ଏବଂ ଗ୍ୟାସ୍ ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକ ମିଳିତ ଭାବରେ ବାର୍ଷିକ ମାତ୍ର ୧୨.୮ ରୁ ୧୩ ନିୟୁତ ଟନ୍ ଏଲପିଜି ଉତ୍ପାଦନ କରିବାକୁ ସକ୍ଷମ ହେଉଛନ୍ତି । ଏହାର ଅର୍ଥ ହେଉଛି, ଦେଶର ମୋଟ ଆବଶ୍ୟକତାର ମାତ୍ର ୪୦ ପ୍ରତିଶତ ଆମେ ନିଜେ ଉତ୍ପାଦନ କରୁଥିବା ବେଳେ ଅବଶିଷ୍ଟ ୬୦ ପ୍ରତିଶତ ପାଇଁ ଆମକୁ ସମ୍ପୂର୍ଣ୍ଣ ଭାବରେ ବିଦେଶୀ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି । ୨୦୧୧-୧୨ ଆର୍ଥିକ ବର୍ଷରୁ ୨୦୨୪-୨୫ ମଧ୍ୟରେ ଭାରତର ଏଲପିଜି ଆମଦାନୀ ତିନିଗୁଣ ବୃଦ୍ଧି ପାଇ ପ୍ରାୟ ୨୦ ନିୟୁତ ଟନ୍‌ରେ ପହଞ୍ଚିଛି । ୨୦୧୫ ମସିହାରେ ଆମଦାନୀ ନିର୍ଭରଶୀଳତା ୪୭ ପ୍ରତିଶତ ଥିବାବେଳେ ବର୍ତ୍ତମାନ ତାହା ୬୦ ପ୍ରତିଶତ ଅତିକ୍ରମ କରିସାରିଛି ଏବଂ ଆର୍ଥିକ ବର୍ଷ ୨୦୨୫-୨୬ ର ଜାନୁଆରୀ ସୁଦ୍ଧା ଏହି ଆମଦାନୀ ୧୮ ନିୟୁତ ଟନ୍ ପାର୍ କରିସାରିଛି । ଏଲପିଜି ବ୍ୟବହାରରେ ଏହି ଅଭୂତପୂର୍ବ ବୃଦ୍ଧି ପଛରେ ସରକାରଙ୍କ କଲ୍ୟାଣକାରୀ ଯୋଜନା, ବିଶେଷକରି 'ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା' ର ପ୍ରମୁଖ ଭୂମିକା ରହିଛି । ଦେଶରେ ବର୍ତ୍ତମାନ ୩୩ କୋଟି ଘରୋଇ ଏଲପିଜି ସଂଯୋଗ ଥିବାବେଳେ, ସେଥିମଧ୍ୟରୁ ପ୍ରାୟ ୧୦ କୋଟି ସଂଯୋଗ କେବଳ ୨୦୧୭ ମସିହା ପରଠାରୁ ଏହି ଯୋଜନା ମାଧ୍ୟମରେ ଯୋଡାଯାଇଛି । ଗରିବ ପରିବାରର ମହିଳାମାନଙ୍କୁ କାଠ ଚୁଲି, ଗୋବର ଘଷି ଏବଂ କିରୋସିନିର ବିଷାକ୍ତ ଧୂଆଁରୁ ମୁକ୍ତି ଦେବା ତଥା ସ୍ୱଚ୍ଛ ଇନ୍ଧନ ଯୋଗାଇଦେବା ପାଇଁ ଏହା ଏକ ସଫଳ ପ୍ରୟାସ ଥିଲା । ଲୋକମାନେ ଧୀରେ ଧୀରେ ଏଲପିଜି ବ୍ୟବହାରରେ ଅଭ୍ୟସ୍ତ ହେଲେ । କିନ୍ତୁ ବିଡମ୍ବନାର ବିଷୟ ହେଉଛି, ଗୋଟିଏ ପଟେ ଆମଦାନୀ-ଚାଳିତ ବ୍ୟବହାରକୁ ନାଟକୀୟ ଭାବରେ ବୃଦ୍ଧି କରାଗଲା, ଅଥଚ ଅନ୍ୟ ପଟେ ସେହି ବିପୁଳ ଆବଶ୍ୟକତାକୁ ସୁରକ୍ଷିତ ରଖିବା ପାଇଁ ଦୀର୍ଘକାଳୀନ ରଣନୈତିକ ଭଣ୍ଡାର ବୃଦ୍ଧି କରିବାର କୌଣସି ସମାନ୍ତରାଳ ଯୋଜନା କରାଗଲା ନାହିଁ । ଭାରତର ମୋଟ ଆମଦାନୀର ୮୫ ପ୍ରତିଶତରୁ ଅଧିକ ଏଲପିଜି ହରମୁଜ୍ ପ୍ରଣାଳୀ ଦେଇ ଆସୁଥିବାରୁ, ସାମୁଦ୍ରିକ ପଥରେ ସାମାନ୍ୟ ବାଧାବିଘ୍ନ ସୃଷ୍ଟି ହେଲେ ତାହା ସିଧାସଳଖ ଭାରତର ରୋଷେଇ ଘରକୁ ପ୍ରଭାବିତ କରୁଛି । ଦେଶର ବର୍ତ୍ତମାନର ମହଜୁଦ କ୍ଷମତାକୁ ଅନୁଧ୍ୟାନ କଲେ ସ୍ଥିତିର ଭୟାବହତା ସ୍ପଷ୍ଟ ହୋଇଯାଏ । ଭାରତର ସମୁଦାୟ ଷ୍ଟୋରେଜ୍ କ୍ଷମତା ଦେଶର ମାସିକ ଆବଶ୍ୟକତାର ଅଧାରୁ ମଧ୍ୟ କମ୍ ଅଟେ ଏବଂ ଏହାର ପ୍ରାୟ ସମସ୍ତ ଅଂଶ ଏନ୍ନୋର୍ ଭଳି ଆମଦାନୀ ଟର୍ମିନାଲ୍‌ର ଟ୍ୟାଙ୍କଗୁଡ଼ିକରେ ହିଁ ରହିଛି । ଯଦି ଆମେ ଦୀର୍ଘକାଳୀନ ଭୂଗର୍ଭସ୍ଥ ଷ୍ଟୋରେଜ୍ କଥା ବିଚାରକୁ ନେବା, ତେବେ ସମଗ୍ର ଦେଶରେ ଏଲପିଜି ପାଇଁ କେବଳ ଦୁଇଟି ଭୂଗର୍ଭସ୍ଥ ଗୁମ୍ଫା ବା କ୍ୟାଭର୍ଣ୍ଣ ରହିଛି, ଗୋଟିଏ ବିଶାଖାପାଟଣା ଏବଂ ଅନ୍ୟଟି ମାଙ୍ଗାଲୁରୁ ଠାରେ । ଏହି ଦୁଇଟିର ସମୁଦାୟ ଷ୍ଟୋରେଜ୍ କ୍ଷମତା ହେଉଛି ମାତ୍ର ୧.୪ ଲକ୍ଷ ଟନ୍ । ଦେଶର ଦୈନିକ ଏଲପିଜି ବ୍ୟବହାର ୮୦,୦୦୦ ଟନ୍ ଥିବାବେଳେ, ଏହି ସମୁଦାୟ ଭୂଗର୍ଭସ୍ଥ ଷ୍ଟୋରେଜ୍ ଦୁଇ ଦିନର ବ୍ୟବହାର ପାଇଁ ମଧ୍ୟ ଯଥେଷ୍ଟ ନୁହେଁ । ବିଶାଖାପାଟଣା ଷ୍ଟୋରେଜ୍ ୨୦୦୭ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା ଏବଂ ମାଙ୍ଗାଲୁରୁ କ୍ୟାଭର୍ଣ୍ଣ (୮୦,୦୦୦ ମେଟ୍ରିକ୍ ଟନ୍ କ୍ଷମତା) ୨୦୨୫ ରେ କାର୍ଯ୍ୟକ୍ଷମ ହୋଇଛି । ଆଶ୍ଚର୍ଯ୍ୟର କଥା ହେଉଛି, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସଂସଦରେ ସ୍ପଷ୍ଟ କରିଛି ଯେ ବର୍ତ୍ତମାନ ଏହି ଦୁଇଟି ବ୍ୟତୀତ ଅତିରିକ୍ତ ଭୂଗର୍ଭସ୍ଥ ଗୁମ୍ଫା ନିର୍ମାଣ ପାଇଁ କୌଣସି ନୂତନ ପ୍ରସ୍ତାବ ନାହିଁ । ଏହା ଅଟୋମୋବାଇଲ୍ ଇନ୍ଧନ କ୍ଷେତ୍ରର ସମ୍ପୂର୍ଣ୍ଣ ବିପରୀତ, ଯେଉଁଠାରେ ପେଟ୍ରୋଲ୍ ଓ ଡିଜେଲ୍ ପାଇଁ ଦୁଇ ମାସର ରଣନୈତିକ ଭଣ୍ଡାର ରହିଛି । ବିଶ୍ୱସ୍ତରୀୟ ମାନଦଣ୍ଡ ସହିତ ତୁଳନା କଲେ, ୟୁରୋପୀୟ ଦେଶଗୁଡ଼ିକ ନିଜର ସମୁଦାୟ ବାର୍ଷିକ ଗ୍ୟାସ୍ ବ୍ୟବହାରର ପ୍ରାୟ ୨୫ ପ୍ରତିଶତ ଗଚ୍ଛିତ କରିପାରିବାର କ୍ଷମତା ରଖିଛନ୍ତି ଏବଂ ଶୀତଋତୁ ପୂର୍ବରୁ ଷ୍ଟୋରେଜ୍ ସ୍ତରକୁ ୯୦ ପ୍ରତିଶତରେ ପହଞ୍ଚାଇବା ସେଠାରେ ବାଧ୍ୟତାମୂଳକ କରାଯାଇଛି ।

ଏହି ଏଲପିଜି ସଙ୍କଟର ପ୍ରଭାବ ବର୍ତ୍ତମାନ ସମାଜର ପ୍ରତ୍ୟେକ ବର୍ଗ, ବିଶେଷକରି ସାଧାରଣ ନାଗରିକ ଏବଂ ଅର୍ଥବ୍ୟବସ୍ଥା ଉପରେ ଗଭୀର ଭାବରେ ପଡିବା ଆରମ୍ଭ କରିଛି । ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଲାଗୁ କରି ତୈଳ ବିଶୋଧନାଗାରଗୁଡ଼ିକୁ ସେମାନଙ୍କର ଏଲପିଜି ଉତ୍ପାଦନ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଘରୋଇ ଉପଭୋକ୍ତାମାନଙ୍କୁ ପ୍ରାଥମିକତା ଦେଉଛନ୍ତି । ଏହାର ସିଧାସଳଖ ପ୍ରଭାବ ବାଣିଜ୍ୟିକ କ୍ଷେତ୍ର ଉପରେ ପଡିଛି । ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଛୋଟ ଖାଦ୍ୟ ବ୍ୟବସାୟୀମାନଙ୍କ ପାଇଁ ଉଦ୍ଦିଷ୍ଟ ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡରର ଘୋର ଅଭାବ ଦେଖାଦେଇଛି । ଅନେକ ରେଷ୍ଟୁରାଣ୍ଟ ବାଧ୍ୟ ହୋଇ ନିଜର ବ୍ୟବସାୟ ବନ୍ଦ କରିଦେବା ବିଷୟରେ ଚିନ୍ତା କରୁଛନ୍ତି କିମ୍ବା ବିକଳ୍ପ ଇନ୍ଧନ ଉପରେ ନିର୍ଭର କରୁଛନ୍ତି, ଯାହା ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ହେବାର ଆଶଙ୍କା ସୃଷ୍ଟି କରିଛି । ସବୁଠାରୁ ବଡ଼ ବିପଦ ହେଉଛି ଗ୍ରାମୀଣ ଏବଂ ଗରିବ ପରିବାରଗୁଡ଼ିକ ଉପରେ । ଦେଶର ମୋଟ ଏଲପିଜି ବ୍ୟବହାରର ୮୫ ପ୍ରତିଶତ କେବଳ ଘରୋଇ ପରିବାରଗୁଡ଼ିକ ଦ୍ୱାରା ବ୍ୟବହୃତ ହୁଏ । ଯଦି ଯୋଗାଣ ଶୃଙ୍ଖଳାରେ ବାଧା ଉପୁଜେ କିମ୍ବା ସିଲିଣ୍ଡର ଦର ବୃଦ୍ଧି ପାଏ, ତେବେ ଉଜ୍ଜ୍ୱଳା ଯୋଜନାର କୋଟି କୋଟି ହିତାଧିକାରୀ ବାଧ୍ୟ ହୋଇ ପୁଣିଥରେ ପାରମ୍ପରିକ ଇନ୍ଧନ ଯଥା କାଠ ଏବଂ ଗୋବର ଘଷି ଆଡକୁ ଫେରିଯିବେ । ଏହା କେବଳ ମହିଳା ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ନୁହେଁ, ବରଂ ଏହା ଦେଶର ସ୍ୱଚ୍ଛ ଇନ୍ଧନ ଅଭିଯାନକୁ ସମ୍ପୂର୍ଣ୍ଣ ରୂପେ ବିଫଳ କରିଦେବ ।

ଆମଦାନୀ ଉତ୍ସକୁ ବିବିଧ କରିବା ପାଇଁ ଭାରତ ଆମେରିକା ସହିତ ବାର୍ଷିକ ୨.୨ ନିୟୁତ ଟନ୍ ଏଲପିଜି ଆମଦାନୀ ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଛି । କିନ୍ତୁ ଆମେରିକାରୁ ଆସୁଥିବା ଜାହାଜ ଭାରତରେ ପହଞ୍ଚିବା ପାଇଁ ପ୍ରାୟ ୪୫ ଦିନ ସମୟ ନେଉଥିବାରୁ ଏହା ତାତ୍କାଳିକ ସଙ୍କଟ ସମୟରେ ବିଶେଷ ସହାୟକ ହୋଇପାରିବ ନାହିଁ । ତେଣୁ ଦେଶ ଭିତରେ ରଣନୈତିକ ଷ୍ଟୋରେଜ୍ ନିର୍ମାଣ କରିବା ହେଉଛି ଏକମାତ୍ର ସ୍ଥାୟୀ ସମାଧାନ । ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ପାଖରେ ଅନେକ ବିକଳ୍ପ ରହିଛି । ପେନିନସୁଲାର୍ ସିଲ୍ଡର କଠିନ ପଥର ସ୍ତରରେ ବିଶାଖାପାଟଣା ଏବଂ ମାଙ୍ଗାଲୁରୁ ଗୁମ୍ଫା ସଫଳତାର ସହିତ କାର୍ଯ୍ୟ କରୁଛି । କିନ୍ତୁ ସବୁଠାରୁ ଆଶାଜନକ ବିକଳ୍ପ ହେଉଛି ରାଜସ୍ଥାନର ବିକାନେର୍-ବାଡମେର୍ ଅଞ୍ଚଳରେ ଥିବା ବିଶାଳ ଲବଣ ସ୍ତର ବା ସଲ୍ଟ କ୍ୟାଭର୍ଣ୍ଣ । କଠିନ ପଥର ଗୁମ୍ଫା ତୁଳନାରେ ଏହି ଲୁଣ ଗୁମ୍ଫାଗୁଡ଼ିକ ନିର୍ମାଣ କରିବା ଶସ୍ତା ଏବଂ ଦ୍ରୁତ ଅଟେ । ଏଗୁଡ଼ିକ ପ୍ରାକୃତିକ ଭାବରେ ଅଭେଦ୍ୟ ହୋଇଥିବାରୁ ଏଥିରେ ଗ୍ୟାସ୍ ସଂରକ୍ଷଣ କରିବା ଅଧିକ ସୁରକ୍ଷିତ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଦ୍ରୁତ ଗତିରେ ଗ୍ୟାସ୍ ବାହାର କରାଯାଇପାରିବ । ଏଥିସହ କୃଷ୍ଣା-ଗୋଦାବରୀ ଏବଂ ମୁମ୍ବାଇ ଅଫଶୋର୍ ବେସିନ୍‌ରେ ଥିବା ଖାଲି ହୋଇଯାଇଥିବା ପ୍ରାକୃତିକ ଗ୍ୟାସ୍ ଭଣ୍ଡାରଗୁଡ଼ିକୁ ମଧ୍ୟ ବ୍ୟବହାର କରିବାର ସମ୍ଭାବନା ଉପରେ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବା ଆବଶ୍ୟକ । ଶକ୍ତି ନିରାପତ୍ତା କୌଣସି ବିକଳ୍ପ ନୁହେଁ, ବରଂ ଏକ ଜାତୀୟ ଆବଶ୍ୟକତା । ଭାରତୀୟ ନୀତି ନିର୍ଦ୍ଧାରକମାନେ ଏଲପିଜିକୁ କେବଳ ଏକ ରାଜନୈତିକ ସୁବିଧା ଭାବରେ ନଦେଖି, ଏହାକୁ ଦେଶର ସାମଗ୍ରିକ ଶକ୍ତି ଭିତ୍ତିଭୂମିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରିବା ଉଚିତ୍ । ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳତା ଏବଂ ମହଜୁଦକରଣର ଅଭାବ ଦେଶକୁ ଏକ ବିସ୍ଫୋରକ ସ୍ଥିତିରେ ଠିଆ କରିଛି ।

# ପ୍ରଥା, ପରମ୍ପରା ଓ ସମାଜ



## ଦୀପିକା ହୋତା

କୌଣସି ଜାତି, ସଂପ୍ରଦାୟ, ଗୋଷ୍ଠୀ ଓ ସମାଜ ପିଢି ପରେ ପିଢ଼ି ଧାରାବାହିକ ଭାବରେ ପ୍ରଚଳିତ ସୁସ୍ଥ ଲୋକରୀତି ନୀତି, ଧର୍ମ ବିଶ୍ୱାସ, ଜୀବନ ଶୈଳୀକୁ ଅନୁପାଳନ କରି ସେହି ଅନୁସାରେ ପରିଚାଳିତ ହେଉଥିଲେ ତାହାକୁ ଆମେ ସେହି ଜାତି ବା ଗୋଷ୍ଠୀର ପରମ୍ପରା କହିବା । ଭାରତରେ ଅନେକ ଗୋଷ୍ଠୀ, ସଂପ୍ରଦାୟର ଲୋକ ବାସ କରନ୍ତି । ପ୍ରତ୍ୟେକ ଧର୍ମ ପାଖରେ ସ୍ୱତନ୍ତ୍ର ପରମ୍ପରା ରହିଅଛି ଯାହାକୁ ସେହି ଗୋଷ୍ଠୀର ଲୋକେ ପିଢ଼ି ପରେ ପିଢ଼ି ପାଳନ କରି ତାହାର ସ୍ୱତନ୍ତ୍ରତା ବଜାଇ ରଖୁଛନ୍ତି ତାହାକୁ ପରମ୍ପରା । ସେହିପରି ପରିବାର ଏକ ପ୍ରଥମ ଅନୁଷ୍ଠାନ ଯେଉଁଠାରୁ ମଣିଷର ଚରିତ୍ର ଗଠନର ଭିତ୍ତିଭୂମି ଆରମ୍ଭ ହୋଇଥାଏ ତେଣୁ ମଣିଷ ଜନ୍ମ ହେଲେ ପରିବାରର ସଦସ୍ୟଙ୍କ ଠାରୁ ଅନୁକରଣ କରି ଶିଖିବା ଆରମ୍ଭ କରେ । ବୈଦିକ ଯୁଗରୁ ଭାରତରେ ଯୌଥ ପରିବାର ପରମ୍ପରା ପ୍ରଚଳିତ ହୋଇ ଆସୁଅଛି । ଏହିଭଳି ଯୌଥ ପରିବାରରେ ବାପା, ମାଆ ପାଖରେ ସୀମିତ ନହୋଇ ଦାଦା, ଖୁଡି, କାକା ଜେଜେ ବାପା, ଜେଜେ ମାଆ ପାଖରୁ ଅନେକ କଥା ଶିଖେ । ଘରୁ ଆଚାର ସଂସ୍କାର ଶିଖି ବସୁଧୈବ କୁଟୁମ୍ବକମ୍ ଆଦର୍ଶବୋଧ ଲାଭ କରେ ।

ଭାରତୀୟ ସମାଜ କେତେକ ନୈତିକ ମୂଲ୍ୟବୋଧ ପାଳନ କରି ଅନ୍ୟାନ୍ୟ ଦେଶ ଠାରୁ ଭିନ୍ନ ଏକ ସାମାଜିକ ପରମ୍ପରା ସୃଷ୍ଟି କରେ । ପରିବାର ବରିଷ୍ଠତମ ସଦସ୍ୟଙ୍କୁ ସମ୍ମାନ ଦେବା, ସେମାନଙ୍କ ଆଦେଶର ପାଳନ କରିବା ତଥା ବରିଷ୍ଠତମ ସଦସ୍ୟଙ୍କୁ ନିଷ୍ପତ୍ତିକୁ ସମ୍ମାନ ଆଦି ଆମ ସଂସ୍କୃତି ପରମ୍ପରା ଭିତରେ ଜଡିତ ଅଟେ । ଧର୍ମ, ସଂସ୍କୃତି, ପରମ୍ପରା ଗୋଟିଏ ମାଳାର ତିନୋଟି ରତ୍ନ ଯାହା ଦ୍ୱାରା ସେହି ? ଜାତି ବା ଗୋଷ୍ଠୀର ଉଜ୍ଜ୍ୱଳମୟ ହୋଇ ଉଠେ । ବୈଦିକ ଯୁଗଠାରୁ ପରିବାର ପରିଚାଳନା ଶୃଙ୍ଖଳିତ ? ଶିକ୍ଷା ବ୍ୟବସ୍ଥା ଗଭୀର ଆଧ୍ୟାତ୍ମିକ ଭାବ, ଗ୍ରାମ୍ୟଜୀବନ, ଜାତିପ୍ରଥା ଏହା ଭାରତୀୟ ସମାଜରେ ପ୍ରଚଳିତ ଅଟେ ।

ଆମେ ଓଡିଆ ସାଢେ ଚାରିକୋଟି ଓଡିଶାର ହୃଦୟର ଦେବତା ଜଗନ୍ନାଥ ମହାପ୍ରଭୁ । ଜଗନ୍ନାଥ ସଂସ୍କୃତି ପାଇଁ ଆମେ ଆଜି ସାରା ବିଶ୍ୱରେ ଗର୍ବିତ । ଓଡିଆ ଲୋକର ଖାଦ୍ୟ ପୋଷାକ, ପରିଚ୍ଛଦ ସଙ୍ଗୀତ ନୃତ୍ୟ ଆଦି ଅତି ମାଧୁର୍ଯ୍ୟ ଅଟେ । ଓଡ଼ିଆମାନେ ବାର ମାସେ ତେର ପରବ ପାଳନ କରନ୍ତି ଓ ପ୍ରତ୍ୟେକ ପର୍ବପର୍ବାଣୀରେ ସଂସ୍କୃତି ଓ ପରମ୍ପରା ଜଡ଼ିତ ଅଟେ । ଯାହା ଦ୍ୱାରା ଆମେ ସ୍ୱତନ୍ତ୍ର ପରିଚୟ ପାଇ ପାରୁଛୁ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏଠାରେ ସବୁ ପର୍ବପର୍ବାଣି ବଡ଼ ଧୁମଧାମରେ ପାଳନ ହୁଏ । ରଥଯାତ୍ରା, ହୋଲି, ନୂଆଖାଇ ଦଶହରା, ଦିପାବଳୀ, ବଡ଼ଦିନ ସବୁ ସଂସ୍କୃତିରେ ଆତ୍ମୀୟ ପରମ୍ପରା ପ୍ରଥା ଜଡ଼ିତ । ଅଞ୍ଚଳର ପ୍ରଭେଦ ଅନୁସାରେ ମଧ ସଂସ୍କୃତି, ଭାଷା, ଲୋକଗୀତ, ଲୋକନୃତ୍ୟ ପରିଭାଷା ଆଦିରେ ତାରତମ୍ୟ ଦେଖାଯାଏ ।

ଓଡ଼ିଶା ଏକ କୃଷିପ୍ରଧାନ ଦେଶ ଏଠାରେ ପରମ୍ପରା ଅନୁସାରେ ଧାନ ବୁଣିବା ଠାରୁ ଅମଳ କରିବା ଯାଏଁ ପ୍ରତ୍ୟେକ ପରମ୍ପରା ଅନାଦି କାଳରୁ ଚାଲି ଆସିଛି । ସେଥିରେ ଓଡ଼ିଆ ଲୋକେ କେବେ ମଧ ବିଚ୍ୟୁତି କରନ୍ତି ନାହିଁ । ଅନେକ ପରମ୍ପରା ପୂଜାପାଠ ନିତି ନିୟମ ଆମକୁ ଆମ ଐକ୍ୟତା ରକ୍ଷା କରିବାର ଶିଖାଏ । ନୂଆଖାଇରେ ପ୍ରଥମ ଅନ୍ନକୁ ଘରର ଇଷ୍ଟଦେବା ବେଦୀଙ୍କୁ ଅର୍ପଣ ପରମ୍ପରା ରହିଛି ଯାହା ଭାତୃତ୍ୟ ଭାବରେ ବିକାଶ କରାଏ । ସେହିପରି ବୋଇତ ବନ୍ଦାଣ, ପୌଷ ପୂର୍ଣ୍ଣିମା ମାଘମେଳା, ଚଇତ ପର୍ବ ଆଦି ଆମ ପରମ୍ପରା ରୀତି ନୀତିର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ । ପ୍ରଥା ଓ ପରମ୍ପରା ଆମକୁ ଏକତା ସୂତ୍ରରେ ବାନ୍ଧିବା ସହ ସୁସଂପର୍କ ଗଠନରେ ସାହାଯ୍ୟ କରେ । ବିବାହ ଏକ ସାମାଜିକ ପରମ୍ପରା ଅଟେ । ଏଥିରେ ଅନେକ ନିୟମ ରହିଛି, ରୀତିନୀତି ମଧ୍ୟଦେଇ ଦୁଇ ପରିବାରର ସମସ୍ତ ସଦସ୍ୟ ତଥା ବନ୍ଧୁପରିଜନ ଉପସ୍ଥିତ ରହି ନୂତନ ବରକନ୍ୟାଙ୍କୁ ଆର୍ଶୀବାଦ କାମନା କରନ୍ତି । ବସୁଧୈବ କୁଟୁମ୍ବକମ୍ ମନୋଭାବ ନେଇ ଓଡିଆ ବଞ୍ଚେ । ସରଳ ଓ ସେବା ପରାଣୟ ସୁଖ ଦୁଃଖରେ ସହଭାଗିତା ପରମ୍ପରା ସଂସ୍କୃତିରୁ ଶିଖେ ଯାହା ସମାଜର ସବୁ ବର୍ଗର ଲୋକଙ୍କୁ ଏକତା କରି ରାକ୍ଷା କରେ । ଏକତା ପରମାଣୁ ଶକ୍ତିଠାରୁ ମଧ କମ୍ ନୁହେଁ । ଯେଉଁଠାରେ ଏକତା ରହିଥାଏ ସେହି ଗୋଷ୍ଠୀ ବା ସଂପ୍ରଦାୟ ବଳିଷ୍ଠ ଓ ପ୍ରଗତିପଥେ ଆଗକୁ ଆଗ ବଢିଚାଲେ । ଆମ ସଂସ୍କୃତି ପରମ୍ପରା ବିଶ୍ୱ ବନ୍ଦନୀୟ । ଇତିହାସ କେବଳ ପୁସ୍ତକରୁ ଜାଣିହୁଏ ହେଲେ ପରମ୍ପରା, ଚଳଣି, ଭାବଭଙ୍ଗୀ, ଆଚାର ବ୍ୟବହାର ତାର ସମାଜରୁ ଜାଣିହୁଏ । ଯାହା ଆଜି ସମାଜରୁ ଧିରେଧିରେ ଅପସରି ଯିବାକୁ ବସିଲାଣି । ଆଗକାଳରେ ପର୍ବପର୍ବାଣୀ, ଯାନିଯାତ୍ରା ମନ୍ଦିରରର ସୌନ୍ଦର୍ଯ୍ୟତା ଧୀରେଧୀରେ ଲୋପ ପାଇବାକୁ ବସିଲାଣି । ଆଧୁନିକ ଯୁବପିଢୀ ଏସବୁକୁ ଜାଣି ପାରୁନାହାନ୍ତି ଓ ସେମାନଙ୍କର ଆୟର ମଧ କମିବାରେ ଲାଗିଛି । ଏହା ବାସ୍ତବରେ ବହୁ ଦୁଃଖର ବିଷୟ ଏଣୁ ନିଜ ଜାତି ରାଜ୍ୟର ଗୌରବ ସମାଜର ଆତ୍ମସମ୍ମାନ ଓଡ଼ିଆର ସ୍ୱାଭିମାନ ରକ୍ଷା ପାଇଁ ଆମର ସଂସ୍କୃତି ଓ ପରମ୍ପରାକୁ ସୁନ୍ଦର ସରଳ ସରସ ଭାବରେ ସୁରକ୍ଷା ପ୍ରଦାନ କରିବା ନିତାନ୍ତ ଆବଶ୍ୟକ ଅଟେ । ପ୍ରଥା ଓ ପରମ୍ପରା ସାଧାରଣତଃ ଦୁଇ ପ୍ରକାରର ଅଟେ ଗୋଟିଏ ଭଲ ଓ ଅନ୍ୟଟି ଖରାପ ପରମ୍ପରା । ଭଲ ପରମ୍ପରା ସମାଜରେ ଏକତା ସଂସ୍କୃତି ଓ ମାନବିକ ମୂଲ୍ୟବୋଧକୁ ବଞ୍ଚାଇ ରଖେ । ପରିବାର ଓ ସମାଜ ଅତିଥି ସେବା, ସାମାଜିକ ସେବା, ସହଯୋଗ, ପ୍ରକୃତି ପୂଜା, ଭାଷା, କଳା, ସଂସ୍କୃତି ଆଦିକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରେ ଯାହା ଦ୍ୱାରା ସେହି ସମାଜ ଉଚ୍ଚ ଆସନରେ ପୂଜିତ ହେବାର ସହଯୋଗ ଲାଭ କରେ । ସେହିଭଳି ଖରାପ ପରମ୍ପରା ସମାଜରେ ପ୍ରଚଳିତ ଖରାପ, ପୁରୁଣା ଏବଂ କ୍ଷତିକାରକ ରୀତିନୀତି ଯାହା ମାନବିକତା ତଥା ପ୍ରଗତି ପାଇଁ ବାଧକସାଜେ । ଏହା ଅନ୍ଧବିଶ୍ୱାସ ଓ ଲିଙ୍ଗଗତ ବୈଷମ୍ୟ ସୃଷ୍ଟି କରେ । କିଛି ପର୍ବପର୍ବାଣୀରେ ମଧ ଘୃଣ୍ୟ ପ୍ରଥା ରହିଛି ଯଥା ପଶୁବଳି ମଦ୍ୟପାନ ଭଳି କାର୍ଯ୍ୟକଳାପ ଯାହା ସାମାଜିକ କଳହ ସୃଷ୍ଟି କରେ ଏହିଭଳି ଖରାପ ପ୍ରଥା ଓ ପରମ୍ପରା ପ୍ରତି ସଚେତନ ହେବା ଆବଶ୍ୟକ ରହିଛି ।

ପରମ୍ପରା ରକ୍ଷା କହିଲେ ଆମର ପୂର୍ବଜ ମାନଙ୍କଠାରୁ ଚାଲିଆସୁଥିବା ସଂସ୍କୃତି ବିଶ୍ୱାସ ଓ ରୀତିନୀତିକୁ ବଞ୍ଚାଇ ରଖିବା । ଯୁବଗୋଷ୍ଠୀ ସଦାସର୍ବଦା ଏକତା ସୂତ୍ରରେ ବାନ୍ଧି ହେବା ପାଇଁ ସର୍ବପ୍ରଥମେ ସାମାଜିକ ଆଚରଣ ନୈତିକ ମୂଲ୍ୟବୋଧ ସଂସ୍କୃତି ଐକ୍ୟତା ଭାଷା ଚଳିଚଳଣି କଳା ଆଦିକୁ କ୍ଷୁର୍ଣ୍ଣ ନ ହେବା ପାଇଁ ଆପ୍ରାଣ ପ୍ରଚେଷ୍ଟା କରିବାକୁ ହେବ । ସମାଜକୁ ପ୍ରତିଷ୍ଠିତ କରୁଥିବା ଭଲ ପ୍ରଥା ପରମ୍ପରାକୁ ଆହୁରି ବିକଶିତ କରିବାକୁ ସମସ୍ତେ ଏକତାର ସହ କାର୍ଯ୍ୟକରିବା ତତସହ ଖରାପ ପ୍ରଥା ପରମ୍ପରାକୁ ସମାଜରୁ କିପରି ଚିରଦିନ ବିତାଡିତ କରିବା ପାଇଁ ସଚେତନତା ସୃଷ୍ଟି କରିବା ସହ ଭଲ ପରମ୍ପରା କିପରି ଚିରଦିନ ଅମର ହୋଇ ରହିବ ସେଥିପାଇଁ ଯୁବଗୋଷ୍ଠୀ ଆପ୍ରାଣ ଉଦ୍ୟମ କରିବାକୁ ହେବ ।

ନୂଆପଡା
ମୋ-୯୯୩୭୪୧୬୯୧୭

# ତୈଳ ସଙ୍କଟ ନେଇ ଭାରତକୁ ଚିନ୍ତା



## ଦଶରଥ ହେମ୍ବ୍ରମ୍



ଜୀବଜଗତରେ ଥିବା ସବୁ ଜୀବଠାରୁ ମଣିଷ ହେଉଛି ଶ୍ରେଷ୍ଠ । ତା'ର ବୁଦ୍ଧି, ବୃଦ୍ଧି ଏବଂ ବିଚାର ଆଦିରେ ସ୍ୱାତନ୍ତ୍ର୍ୟ ବିଦ୍ୟମାନ । ସେ କେଉଁ ଆଦିମ ଯୁଗରୁ ପୃଥିବୀପୃଷ୍ଠରେ ବଞ୍ଚିରହିବା ପାଇଁ କେତେ କ'ଣ ସଂଘର୍ଷ କରି ନଥିବ ! ହୁଏତ, ତା'ର କୌଣସି ହିସାବ କିତାବର ପ୍ରମାଣ ନଥିବ । ମାତ୍ର ମଣିଷ ବେଳେବେଳେ ସମସ୍ତ ଜ୍ଞାନ ଓ ବିଚାର ଶକ୍ତି ଭୁଲିଯାଇ ହିଂସ୍ର ପଶୁଠାରୁ ମଧ୍ୟ ହୀନ ହୋଇଯାଏ । ସେ ଭୁଲିଯାଏ ସେତେବେଳେ ତା'ର ସମାଜ, ପରିବାର ତଥା ଜାତି ଆଉ ଧର୍ମକୁ । ନିଜର ସାମାନ୍ୟ ସ୍ୱାର୍ଥ ହାସଲ ପାଇଁ ଦେଶ ଦେଶ ମଧ୍ୟରେ ପ୍ରବଳ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଥାଏ । ଏହାଦ୍ୱାରା କେବଳ ଯେ ଧନ ଜୀବନକୁ ନଷ୍ଟ କରିଦିଏ ତାହା ନୁହଁ, ବରଂ ଗୋଟିଏ ଜାତି, ସମାଜ ଓ ଧର୍ମର ବିଲୋପ କରିଦେଇଥାଏ ।

ବିଜ୍ଞାନର ଜୟଯାତ୍ରା, ଆଜି ସମଗ୍ର ବିଶ୍ୱରେ ଯୁଦ୍ଧର ଆଶଙ୍କା ଆହୁରି ସ୍ପଷ୍ଟ କରିଦେଇଛି । ଧ୍ୱଂସ ମାର୍ଗରେ ପରିଚାଳିତ ହେଉଥିବା ବିଜ୍ଞାନର ପ୍ରବଳ ପ୍ରତିଯୋଗିତା ଆରମ୍ଭ ହୋଇଛି । ସାମରିକ ଶକ୍ତିର ଅଭିବୃଦ୍ଧି ଘଟାଇ ଗୋଟିଏ ଦେଶ ଅନ୍ୟ ଦେଶ ଉପରେ ନିଜର ଆଧିପତ୍ୟ ଜାହିର କରିବାରେ ଉଦ୍ୟମ ଚଳାଇଛି । ବିଭିନ୍ନ ମାରଣାସ୍ତ୍ର ଉଦ୍ଭାବନ କରି ବିଶ୍ୱବାସୀଙ୍କ ପ୍ରାଣରେ ଆତଙ୍କ ଭରିଦେଇଛି । ଅହଂକାର ମନୋଭାବ ରଖି ନିଜକୁ ନିଜେ ପ୍ରମାଣିତ କରିଦେଉଛନ୍ତି, ସବୁ କ୍ଷେତ୍ରରେ ଆମେ ଅଗ୍ରଣୀ ଓ ଉନ୍ନତ । ଏଭଳି କୁତ୍ସିତ ମାନସିକତା ଦ୍ୱାରା ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮) ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫)ର ଭୟଙ୍କର ପରିଣତି ବିଶ୍ୱବାସୀଙ୍କ ପ୍ରାଣରୁ ଆତଙ୍କ ଆଜିଯାଏଁ ଲିଭିନାହିଁ । ଯୁଗ ଯୁଗର ସଞ୍ଚିତ କଳା, ଭାସ୍କର୍ଯ୍ୟ, ଐତିହ୍ୟ, ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ଯୁଦ୍ଧରେ ଯେଉଁ ଧ୍ୱଂସ ପାଇଯାଇଛି, ତାହା ଆଜି ଯାଏଁ ପୁନଃଉଦ୍ଧାର କରାଯାଇ ପାରିନାହିଁ । ଦେଶର ପ୍ରଗତି ଓ ଅର୍ଥନୈତିକ କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହୋଇଛି, ତାହା ମଧ୍ୟ ଅସୁଲ କରାଯାଇ ପାରିନାହିଁ । ଏଭଳି ଗମ୍ଭୀର ପରିସ୍ଥିତି ଦେଶରୁ ନ ହଟିବା ମଧ୍ୟରେ ତୃତୀୟ ବିଶ୍ୱଯୁଦ୍ଧ ହେବାର ଆଶଙ୍କା କରାଯାଉଛି ।

କିଛିଦିନ ହେବ ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନି ପ୍ରାଣ ହରାଇଛନ୍ତି । ଏହାର ପ୍ରତିବଦଳରେ ଇରାନ ତା'ର ସାମରିକ ଶକ୍ତି ପ୍ରଦର୍ଶନ କରି ଆମେରିକା ଓ ଇସ୍ରାଏଲ ଉପରେ ଜୋରଦାର ଆକ୍ରମଣ କରିଚାଲିଛି । ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଅନେକ ଧନ-ଜୀବନ କ୍ଷତି ହେଲାଣି । ଦେଶର ପ୍ରଗତି ଓ ଅର୍ଥନୀତି ଧୀରେ ଧୀରେ ଭୁଷୁଡି ପଡ଼ିବାରେ ଲାଗିଛି । ଏପଟେ ବିଶ୍ୱରେ ତୈଳ ସଙ୍କଟ ମଧ୍ୟ ଦେଖାଦେଲାଣି । ଏନେଇ ସମଗ୍ର ବିଶ୍ୱବାସୀଙ୍କ ମନରେ ଚିନ୍ତା ବଢ଼ିଛି । ଯୁଦ୍ଧ ନକରି ଶାନ୍ତି ଫେରାଇ ଆଣିବା ପାଇଁ ଆମ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆବେଦନ କରିଛନ୍ତି । ସଂଯୁକ୍ତ ଜାତିସଂଘ ସମେତ ଅନ୍ୟ ଜାତୀୟ ରାଷ୍ଟ୍ର ମୁଖ୍ୟ ମଧ ଯୁଦ୍ଧ ନକରିବାକୁ ଆବେଦନ କରିଛନ୍ତି । କିନ୍ତୁ ଆମେରିକା ସମର୍ଥିତ ଇସ୍ରାଏଲ ଶୁଣୁ ନାହିଁ କି ଇରାନ ଆମେରିକା ପାଖରେ ଆତ୍ମ ସମର୍ପଣ ହେବାକୁ ପସନ୍ଦ କରୁନାହିଁ, ଯାହାଫଳରେ ଦିନକୁ ଦିନ ବିଶ୍ୱ ଅଶାନ୍ତ ହେବାରେ ଲାଗିଛି । ଏହି ଯୁଦ୍ଧ ଫଳରେ ଉପସାଗରୀୟ ରାଷ୍ଟ୍ରଗୁଡିକ ମଧ୍ୟ ପ୍ରଭାବିତ ହୋଇଛନ୍ତି ଓ ପ୍ରବଳ ମାତ୍ରାରେ ତୈଳ ସଙ୍କଟ ଦେଖା ଦେଇଛି ।

ଆମେରିକା ସମର୍ଥିତ ଇସ୍ରାଏଲ ଓ ଇରାନ ମଧ୍ୟରେ ଉତ୍ୟକ୍ତ ସଂଘର୍ଷ ଦେଖା ଦେବାରୁ ଆମ ଭରତରେ ପ୍ରଭାବ ଏବେ ତୈଳ ଉପରେ ପଡ଼ିବାକୁ ଲାଗିଲାଣି । ଅଶୋଧିତ ତୈଳ ଦର ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି । ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତୈଳ ଯୋଗାଣ ମାର୍ଗ ଭାବେ ଜଣାଶୁଣା 'ହୋର୍ମୁଜ ଷ୍ଟ୍ରେଟ୍'କୁ ବନ୍ଦ କରିବା ପାଇଁ ଇରାନ ଘୋଷଣା କରିବା ପରେ ସାରା ବିଶ୍ୱରେ ତୈଳ ସଙ୍କଟର ଆଶଙ୍କା ଆହୁରି ଘନେଇବାରେ ଲାଗିଛି । କାରଣ ଏହି ଜଳପଥରେ କୌଣସି ପ୍ରକାର ବାଧା ସୃଷ୍ଟି ହେଲେ ତାହାର ଭୟାବହ ପରିଣାମ ଭୋଗିବାକୁ ପଡ଼ିପାରେ । ଭାରତର ତୈଳ ଉତ୍ପାଦନ ଏହାର ମୋଟ ଚାହିଦାର ମାତ୍ର ୧୫ ପ୍ରତିଶତ ରହିଥିବା ବେଳେ ୮୫ ପ୍ରତିଶତ ଆମଦାନି ମାଧ୍ୟମରେ ପୂରଣ ହୋଇଥାଏ । ଦେଶର ସ୍ଥଳ ଭାଗର ମୁଖ୍ୟ ଉତ୍ପାଦନ ରାଜ୍ୟ ମଧ୍ୟରୁ ରାଜସ୍ଥାନ, ଆସାମ ଏବଂ ମହାରାଷ୍ଟ୍ରରୁ ହୋଇଥାଏ । ଏହା ଦୈନିକ ହାରାହାରି ୪.୬ ରୁ ୪.୮ ନିୟୁତ ବ୍ୟାରେଲ ତୈଳ ଆମଦାନୀ କରିଥାଏ । ତୈଳ ସଙ୍କଟ ଏଥର ଯୁଦ୍ଧରେ ହିଁ ପ୍ରଥମ ଦେଖା ଦେଇଛି ତାହା ନୁହଁ, ଏଭଳି ଆଗରୁ ମଧ ଅନେକ ଥର ତୈଳ ସଙ୍କଟ ଦେଶରେ ଦେଖା ଦେଇଥିଲା ।

୧୯୭୩ରେ ଆରବ ଏବଂ ଇସରାଇଲ ମଧ୍ୟରେ ଯୁଦ୍ଧ ହୋଇଥିବା ବେଳେ ତୈଳ ସଙ୍କଟ ଦେଖା ଦେଇଥିଲା । ଏହାର ପ୍ରଭାବରେ ବିଶ୍ୱ ବଜାରରେ ତୈଳ ଦର ବ୍ୟାରେଲ ପିଛା ୩ ଡଲାରରୁ ବଢି ୧୨ ଡଲାରରେ ପହଞ୍ଚିଥିଲା, ଯାହା ଭାରତୀୟ ମୁଦ୍ରାସ୍ଫୀତିକୁ ୨୦% ଉଚ୍ଚ ସ୍ତରକୁ ନେଇଯାଇଥିଲା । ଫଳରେ ବଡ ଧରଣର ବାଣିଜ୍ୟିକ ନିଅଣ୍ଟ ସୃଷ୍ଟି ହୋଇଥିଲା । ଏହାଦ୍ୱାରା ଆର୍ଥିକ ଅସ୍ଥିରତା ୧୯୭୫ରେ ଦେଖାଦେବାରୁ ଭାରତରେ ଜରୁରୀକାଳିନ ପରିସ୍ଥିତି ଲାଗୁକରାଯାଇଥିଲା । ସେହିଭଳି ୧୯୮୦ ରୁ ୧୯୮୮ ପର୍ଯ୍ୟନ୍ତ ଇରାନ ଓ ଇରାକ ମଧ୍ୟରେ ଟ୍ୟାଙ୍କର ଯୁଦ୍ଧ ହୋଇଥିଲା । ତାହା ମଧ ଭାରତରେ ପ୍ରଭା ପକାଇ ତୈଳ ଦର ପ୍ରାୟ ଦୁଇଗୁଣା ବୃଦ୍ଧି କରି ବ୍ୟାରେଲ ପିଛା ୩୫ରୁ ୪୦ ଡଲାରରେ ପହଞ୍ଚିଥିଲା । ୧୯୯୦ -୯୧ ରେ ଉପ ମହାସାଗରୀୟ ଯୁଦ୍ଧ ହୋଇଥିଲା ତାହାର ପ୍ରଭାବରେ ଅଶୋଧିତ ତୈଳ ମୂଲ୍ୟ ୧୭ ଡଲାର ବଢ଼ି ୪୦ ଡଲାର ଅତିକ୍ରାନ୍ତ କରିଥିଲା । ଯାହା ଭାରତ ପାଇଁ ତାହା ଗମ୍ଭୀର ସଙ୍କଟ ସୃଷ୍ଟି କରିଥିଲା । ଯାହାଫଳରେ ଭାରତକୁ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ପାଖରେ ସୁନା ବନ୍ଧକ ରଖିବାକୁ ପଡ଼ିଥିଲା ।

୨୦୦୩ରେ ଇରାକ ଯୁଦ୍ଧ ସମୟରେ ଯୋଗାଣ ଅନିଶ୍ଚିତତା ଯୋଗୁଁ ତୈଳ ମୂଲ୍ୟ ବ୍ୟାରେଲ ପିଛା ୩୫ ଡଲାର ଅତିକ୍ରମ କରିଥିଲା । ଭରତ ମୁଦ୍ରାସ୍ଫୀତିରେ ତାହା ୩ % ରୁ ୪.୫ %କୁ ବୃଦ୍ଧି ପାଇଥିଲା । ୨୦୨୨ରେ ଆରମ୍ଭ ହୋଇଥିବା ଋଷିଆ ଓ ୟୁକ୍ରେନ ଯୁଦ୍ଧ ସମୟରେ ମଧ ତୈଳ ଦର ବ୍ୟାରେଲ ପିଛା ୧୩୯ ଡଲାର ବୃଦ୍ଧି ପାଇଥିଲା । ଅତଏବ ତୈଳ ଦରର ସିଧା ପ୍ରଭାବ ଦେଶର ପ୍ରଗତି, ଅର୍ଥନୈତିକ ଅଭିବୃଦ୍ଧି ଏବଂ ବଜାର ଦରଦାମ୍ ଉପରେ ପଡିଥାଏ । ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେବାଦ୍ୱାରା ଅର୍ଥନୀତି ଦୁର୍ବଳ ହେବା ସଙ୍ଗେ ସଙ୍ଗେ ଦେଶବାସୀଙ୍କୁ ବିପଦ ମୁହଁକୁ ଠେଲି ଦେଇଥାଏ ।

+ବାଲେଶ୍ୱର,
ମୋ-୯୩୩୭୪୦୪୨୫୪






## ହେ କାରିଗର

### କବିତା ପଣ୍ଡା

ତମ କଳାର କାରୁରେ
ଗଢ଼ିଲ ପ୍ରତିମା
ସୁହାଗୀନିଟିଏ କରି ।

ନିହାଣ ମୁନରେ ଯେତେ ଯେ ଯନ୍ତ୍ରଣା
ସବୁ ଲାଗେ କୋମଳ ପରି ।

ତୁମ ହାତର ସ୍ପର୍ଶରେ
ଲାଗେ ଯେ ଉଦାସ
ମନ ପ୍ରାଣ ଯାଏ ଭରି ।

ଖରା ବର୍ଷା ତାତି
କେତେ କ'ଣ ସହି
ଗଢ଼ିଲ ତରୁଣୀ କରି ।

ଯେତେ ରାସ ରସ
ଦେଇ ମୁଁ ରଚିଲେ
ଲାଗେ ଅଧୁରା ଭଳି ।

ହେ କାରିଗର ଆସ ମୋ ଜୀବନେ
ସାତ ଜନ୍ମକୁ ସାକାର କରି ।

ତୁମ ପ୍ରତୀକ୍ଷାରେ
କାଟେ ମୁଁ ଯେ ଦିନ
ସଞ୍ଜ ସଳିତା ଭଳି ।

+ମଙ୍ଗଳପୁର, ସୋର,
ବାଲେଶ୍ୱର

## ବସନ୍ତ

### ସଦାଶିବ ବିଶ୍ୱାଳ



ଲୋକେ କହନ୍ତି ବସନ୍ତ
ପ୍ରେମ, ନବ ସୃଜନ, ଉଲ୍ଲାସର ଋତୁ
ବସନ୍ତ, ଋତୁଶ୍ରେଷ୍ଠ, ଋତୁରାଜ
ପ୍ରକୃତି ରସରଙ୍ଗ ରଖି ଭରେ
ମନେ କୁତୁକୁତୁ ...

ଜାଡ଼ରେ ଜଡ଼ ପାଲଟିଥିବା
ପ୍ରକୃତିରେ ଜୀବନ ଭରେ
ମୃଦୁ ମଳୟ, ଫଗୁଣର ଫଗୁ
ସବୁଜିମା ଭରେ ନବ ପଲ୍ଲବରେ...

ରଙ୍ଗବେରଙ୍ଗର ଫୁଲ,
କୋକିଳର କୁହୁ ତାନ
ବଉଳ ଆମ୍ବ ବୃକ୍ଷର
କବିତା ପରି ଶୁଣାଯାଉଥିବା ଶବ୍ଦସବୁ
ସୂଚକ ସାଜେ ବସନ୍ତ ଆଗମନର

ଆମ୍ବ ବଉଳ ସୂଚାଏ ନବ ସୃଷ୍ଟି
କୁହୁତାନ ପ୍ରକୃତିକୁ ଶୁଣାଏ ସଂଗୀତ
ପତ୍ରଝଡା ପରେ ଥୁଣ୍ଟା ବୃକ୍ଷରେ
ନୂଆ ପତ୍ର
ସୂଚାଏ ନୂତନ ସମ୍ଭାବନା
ଏଡାଇ ଅତୀତ ।

+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ଅଙ୍ଗରୁଆ, ଜିଲ୍ଲା - କେଉଁଝର



# ଓସ୍କାର ମଞ୍ଚରେ ପୁଣି ଥରେ



ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଶୁକ୍ରବାର ଭୋରରେ ପ୍ରଶଂସକଙ୍କୁ ଏକ ଖୁସି ଖବର ଦେଇଛନ୍ତି। ବିଶ୍ୱର ସବୁଠାରୁ ସମ୍ମାନଜନକ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ସେ ଏଥର ବିଜେତାଙ୍କୁ ପୁରସ୍କାର ଦେବେ। ରବର୍ଟ ଡାଉନି ଜୁନିରଅ, ଆନି ହାଥୱେ, ଗ୍ୱେନ୍‌ଥ ପାଲ୍‌ଟ୍ରୌ, ବିଲ୍ ଆର୍ନେଟ୍‌ଙ୍କ ପରି ବିଶ୍ୱପ୍ରସିଦ୍ଧ ଅଭିନେତା ଓ ଅଭିନେତ୍ରୀଙ୍କ ସହିତ ଦେଶୀଗର୍ଲ ମଧ୍ୟ ଓସ୍କାର ମଞ୍ଚରେ ଦେଖାଦେବେ। ଏ ବର୍ଷ ପ୍ରିୟଙ୍କା ଅନ୍ତର୍ଜାତୀୟ ପ୍ରସିଦ୍ଧିର ଗୋଟିଏ ପରେ ଗୋଟିଏ ସୋପାନ ଚଢ଼ିଚାଲିଛନ୍ତି। ସେ ଗୋଲ୍‌ଡେନ୍ ଗ୍ଲୋବ୍ ଆୱାର୍ଡସ୍ କାର୍ଯ୍ୟକ୍ରମରେ ମଧ୍ୟ ଏକ ପୁରସ୍କାର ଦେଇଥିଲେ।

ଆସନ୍ତା ୧୫ ତାରିଖରେ ଲସ୍ ଆଞ୍ଜେଲସ୍‌ରେ ଆୟୋଜିତ ହେବାକୁ ଯାଉଥିବା ୯୮ତମ ଏକାଡେମି ଆୱାର୍ଡସ୍‌ରେ ପ୍ରିୟଙ୍କା ଭାରତର ପ୍ରତିନିଧିତ୍ୱ କରିବେ। ତେବେ ପ୍ରିୟଙ୍କାଙ୍କ ପାଇଁ ଓସ୍କାର ମଞ୍ଚ ଚଢ଼ିବା ନୂଆ କଥା ନୁହେଁ, ୨୦୧୬ରେ ସେ 'ଶ୍ରେଷ୍ଠ ଚଳଚ୍ଚିତ୍ର ସମ୍ପାଦନା' ପୁରସ୍କାର ପ୍ରଦାନ କରିଥିଲେ ତ ୨୦୨୧ରେ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ସହିତ ଓସ୍କାର ପୁରସ୍କାର ଦୌଡ଼ରେ ଥିବା ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ଶେଷ ଥର ପାଇଁ 'ଦି ବ୍ଲଫ୍' ଚଳଚ୍ଚିତ୍ରରେ ପ୍ରିୟଙ୍କାଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ଅଭିନୀତ 'ସିଟାଡେଲ୍' ସିରିଜ୍‌ର ଦ୍ୱିତୀୟ ସଂସ୍କରଣ ଏବଂ 'ଜଜ୍‌ମେଣ୍ଟ ଡେ' ନାମକ କମେଡି ଚଳଚ୍ଚିତ୍ର ଆସିବାର ଅଛି।

# ବିବାହ ବନ୍ଧନରେ ବାନ୍ଧିହେଲେ ଭାଇରାଲ ଗାର୍ଲ ମୋନାଲିସା: ସାମିଲ ହେଲେ ମନ୍ତ୍ରୀ, ସାଂସଦ

ବାହା ହେଲେ ପ୍ରୟାଗ ମହାକୁମ୍ଭର ଭାଇରାଲ ଗାର୍ଲ ମୋନାଲିସା। ମହାକୁମ୍ଭ ଭାଇରାଲ୍ ଝିଅ ମୋନାଲିସାଙ୍କ ସ୍ୱାମୀ ଜଣେ ଇସଲାମ ଧର୍ମାବଲମ୍ବୀ। ତାଙ୍କ ବିବାହର ଭିଡିଓ ଏବଂ ଫଟୋ ଭାଇରାଲ ହେଉଛି। ମୋନାଲିସା ତାଙ୍କ ପ୍ରେମିକ ଫରମାନ ଖାନଙ୍କୁ ବିବାହ କରିଛନ୍ତି। କେରଳର ଅରୁମାନୁର ମନ୍ଦିରରେ ମୋନାଲିସା ଫରମାନଙ୍କୁ ବିବାହ କରିଥିଲେ।

ପ୍ରଶଂସକ, ଗଣମାଧ୍ୟମ ଏବଂ ରାଜନେତା ଏହି ବିବାହରେ ଯୋଗ ଦେଇଥିଲେ। ବିବାହ ରୀତିନୀତି ପରେ, ଦମ୍ପତି ଭଗବାନଙ୍କ ସମ୍ମୁଖରେ ପ୍ରଣାମ କରି ପୁରୋହିତଙ୍କ ଠାରୁ ଆଶୀର୍ବାଦ ନେଇଥିଲେ। କେରଳର ଶିକ୍ଷା ମନ୍ତ୍ରୀ ଭି. ଶିବନକୁଟ୍ଟି, ସିପିଏମ ରାଜ୍ୟ ସମ୍ପାଦକ ଏମ.ଭି. ଗୋବିନ୍ଦନ ଏବଂ ସାଂସଦ ଏ.ଏ. ରହିମ ବିବାହରେ ଯୋଗ ଦେଇଥିଲେ।

ମୋନାଲିସା ମଧ୍ୟପ୍ରଦେଶ ଇନ୍ଦୋରର ଏବଂ ଫରମାନ ମହାରାଷ୍ଟ୍ରର। ମୋନାଲିସା ଏବଂ ଫରମାନ ଖାନ ଦେଢ଼ ବର୍ଷ ଧରି ସମ୍ପର୍କରେ ଥିଲେ। ମହାକୁମ୍ଭ ମେଳା ସମୟରେ ମୋନାଲିସା ଭାଇରାଲ ହୋଇଥିଲେ। ସେ ସେଠାରେ ମାଳ ବିକୁଥିଲେ, ଏବଂ ତାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ପରେ ସେ ଚର୍ଚ୍ଚାର ବିଷୟ ପାଲଟିଥିଲେ।

ତାଙ୍କ ଭାଗ୍ୟ ସମ୍ପୂର୍ଣ୍ଣ ବଦଳିଯାଇଥିଲା। ସେ ଚଳଚ୍ଚିତ୍ରରେ କାମ ପାଇଥିଲେ। ଅନେକ ପ୍ରମୁଖ ବ୍ରାଣ୍ଡ୍ ପାଇଁ ସୁଟିଂ କରିବା ସହ ମ୍ୟୁଜିକ ଭିଡିଓରେ ମଧ୍ୟ ନଜର ଆସିଥିଲେ। ଦି ଡାଏରୀ ଅଫ୍ ମଣିପୁର ଫିଲ୍ମରେ ନଜର ଆସିବେ ମୋନାଲିସା। ଏହା ମୋନାଲିସାଙ୍କ ଡେବ୍ୟୁ ଫିଲ୍ମ। ଏବେ ମୋନାଲିସା ମାଲାୟାଲମ ଫିଲ୍ମ ନାଗାମ୍ମାର ସୁଟିଂ କରୁଛନ୍ତି।





# 'ଧୁରନ୍ଧର ୨'ର ଦବଦବାରେ ସବୁ ଫିଲ୍ମ ପଛଘୁଞ୍ଚା; ପ୍ରଥମେ "ଟକ୍ସିକ୍" ଏବେ 'ଡକୈତ୍'




'ଧୁରନ୍ଧର ୨'ର ମୁକ୍ତି ପାଇଁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହି ଅପେକ୍ଷା ମାର୍ଚ୍ଚ ୧୯ ତାରିଖରେ ଶେଷ ହେବ। ଏହା ପୂର୍ବରୁ ଆଦିବି ସେଷ୍ ଏବଂ ମୃଣାଳ ଠାକୁରଙ୍କ 'ଡକୈତ୍' ମଧ୍ୟ ମୁକ୍ତିଲାଭ କରିବାର ଯୋଜନା ଥିଲା। କିନ୍ତୁ, ଆଉ ଏପରି ହେବ ନାହିଁ। 'ଧୁରନ୍ଧର ୨' ଏବଂ 'ଡକୈତ୍' ପ୍ରେକ୍ଷାଳୟରେ ମୁହାଁମୁହିଁ ହେବେ ନାହିଁ। 'ଡକୈତ୍'ର ନିର୍ମାତା ଗୋଟିଏ ସପ୍ତାହ ପୂର୍ବରୁ ରିଲିଜ୍ ତାରିଖ ପରିବର୍ତ୍ତନ କରିଛନ୍ତି। ତେବେ ଆସନ୍ତୁ ଜାଣିବା ଏହି ଫିଲ୍ମ କେବେ ରିଲିଜ୍ ହେବ? 'ଡକୈତ୍' ପାଇଁ ଦର୍ଶକଙ୍କୁ ଆହୁରି କିଛି ଦିନ ଅପେକ୍ଷା କରିବାକୁ ପଡିବ। ଏହାର ମୁକ୍ତିଲାଭ ତାରିଖକୁ ଆସନ୍ତା ଏପ୍ରିଲ ମାସକୁ ଘୁଞ୍ଚାଇ ଦିଆଯାଇଛି। ଏହି ଫିଲ୍ମ ୧୦ ଏପ୍ରିଲ୍ ୨୦୨୬ରେ ସିନେମା ହଲରେ ରିଲିଜ୍ ହେବ।

ନିର୍ମାତା ଆନୁଷ୍ଠାନିକ ଭାବରେ ଫିଲ୍ମର ରିଲିଜ୍ ତାରିଖ ପରିବର୍ତ୍ତନ ଘୋଷଣା କରିଛନ୍ତି। ଅଭିନେତା ଆଦିବି ସେଷ୍ ମଧ୍ୟ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏହି ସୂଚନା ସେୟାର କରିଛନ୍ତି। ନୂତନ ତାରିଖ ଘୋଷଣା କରି ଆଦିବି ଲେଖିଛନ୍ତି, '୧୦ ଏପ୍ରିଲ୍ ରେ ଗୋଲ୍ଡଫିସ୍। ସାରା ବିଶ୍ୱରେ ସିନେମା ହଲରେ।'

ଏହି ଫିଲ୍ମରେ ଆଦିବି ସେଷ୍ ଏବଂ ମୃଣାଲ୍ ଠାକୁର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସେମାନେ ଫିଲ୍ମର ଲେଖା ଉପରେ ମଧ୍ୟ କାମ କରିଛନ୍ତି। ଫିଲ୍ମ ନିର୍ମାତା ଅନୁରାଗ କଶ୍ୟପ ମଧ୍ୟ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। 'ଡକୈତ୍' ପୂର୍ବରୁ, ଯଶଙ୍କ ଅଭିନୀତ 'ଟକ୍ସିକ୍'ର ରିଲିଜ୍ ତାରିଖ ମଧ୍ୟ ପରିବର୍ତ୍ତନ କରାଯାଇଛି। 'ଟକ୍ସିକ୍' ପ୍ରଥମେ ମାର୍ଚ୍ଚ ୧୯ ତାରିଖରେ 'ଧୁରନ୍ଧର ୨' ସହିତ ସିନେମା ହଲରେ ରିଲିଜ୍ ହେବାର ଥିଲା। କିନ୍ତୁ, 'ଟକ୍ସିକ୍'ର ରିଲିଜକୁ ଏବେ ଜୁନ୍ ୨୦୨୬ କୁ ଘୁଞ୍ଚାଇ ଦିଆଯାଇଛି। ଦର୍ଶକମାନେ ରଣବୀର ସିଂହଙ୍କ ଅଭିନୀତ ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର ୨' ସହିତ 'ଟକ୍ସିକ୍' ଏବଂ 'ଡକୈତ୍'ର ବକ୍ସ ଅଫିସ୍ ଟକ୍କର ହେବ ବୋଲି ଭାବୁଥିଲେ ଆଉ ଅତି ଉତ୍ସାହର ସହିତ ଅପେକ୍ଷା କରିଥିଲେ। କିନ୍ତୁ, ଏହି ଟକ୍କର ଆଉ ହେବ ନାହିଁ।

# ୫୮ ବର୍ଷରେ ବି କମ୍ନି ଜଲୱା: ସେହି ସୌନ୍ଦର୍ଯ୍ୟ ସେହି ଫିଟ୍‌ନେସ୍



ବଲିଉଡ୍ ଧକ୍ ଧକ୍ ଗାର୍ଲ ମାଧୁରୀ ଦୀକ୍ଷିତଙ୍କ ଜଲୱା ୫୮ ବର୍ଷରେ ବି କମିନି। ସେହି ସୌନ୍ଦର୍ଯ୍ୟ ସେହି ଫିଟ୍‌ନେସ୍। ଏ ବୟସରେ ମଧ୍ୟ ସେ ନିଜର ସୌନ୍ଦର୍ଯ୍ୟରେ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ଏହି ଅଭିନେତ୍ରୀ ନିକଟରେ ନିଜର କିଛି ଚମତ୍କାର ଫଟୋ ସେୟାର କରିଛନ୍ତି, ଯେଉଁଥିରେ ତାଙ୍କର ଷ୍ଟାଇଲ୍ ଦେଖିବା ଭଳି। ମାଧୁରୀ ଦୀକ୍ଷିତ ସୋସିଆଲ ମିଡିଆରେ ବହୁତ ସକ୍ରିୟ। ସେ ନିକଟରେ ତାଙ୍କର ଏମିତି କିଛି ଫଟୋ ସେୟାର କରିଛନ୍ତି। ଏହି ଫଟୋଗୁଡ଼ିକରେ ଅଭିନେତ୍ରୀ ଏକ କଳା ବଡିକନ୍ ଡ୍ରେସ୍ ପିନ୍ଧିଛନ୍ତି। ତାଙ୍କ ଲୁକକୁ ଆହୁରି ସୁନ୍ଦର କରିବା ପାଇଁ, ସେ ଖୁବ କମ୍ ମେକଅପ୍ ନେଇଛନ୍ତି। ଅଭିନେତ୍ରୀ ହେୟାର ଷ୍ଟାଇଲକୁ କର୍ଲି କରିଛନ୍ତି। ସେ ସରଳ ଆସେସୋରିଜ୍ ସହିତ, ଆଧୁନିକ ସ୍ପର୍ଶ ଦେଇଛନ୍ତି। ଏହି ଲୁକ୍‌ରେ ଅଭିନେତ୍ରୀ ବିଭିନ୍ନ ଷ୍ଟାଇଲ୍‌ରେ ପୋଜ୍ ଦେଇଛନ୍ତି। ତାଙ୍କର ଏହି ଫଟୋଗୁଡ଼ିକ ସାମ୍ନାକୁ ଆସିବା ମାତ୍ରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତାଙ୍କର ଷ୍ଟାଇଲ୍ ପ୍ରଶଂସକଙ୍କ ହୃଦୟ ଜିତିବାରେ ଲାଗିଛି। ବର୍ତ୍ତମାନ ମାଧୁରୀ ଦୀକ୍ଷିତ ଫିଲ୍ମ 'ମା ବେହେନ'ରେ ନଜର ଆସିବେ। ରିପୋର୍ଟ ଅନୁସାରେ ଏଥିରେ ତୃପ୍ତି ଡିମରି ମଧ୍ୟ ଅଭିନୟ କରିବେ।

# ପୁଣି ପ୍ରେମରେ ମଲାଇକା

ବଲିଉଡ ଅଭିନେତ୍ରୀ ମଲାଇକା ଆରୋରା ତାଙ୍କ କ୍ୟାରିଅର ଅପେକ୍ଷା ବ୍ୟକ୍ତିଗତ ଜୀବନ ପାଇଁ ଅଧିକ ଚର୍ଚ୍ଚାରେ ଅଛନ୍ତି। ଅଭିନେତା ଅର୍ଜୁନ କପୁରଙ୍କ ସହ ବ୍ରେକଅପ ହେବା ପରଠାରୁ, ମଲାଇକା ଅନେକ ଥର ଜଣେ ରହସ୍ୟମୟ ପୁରୁଷଙ୍କ ସହ ନଜର ଆସିଛନ୍ତି, ଯାହା ତାଙ୍କ ପ୍ରେମିକଙ୍କ ବିଷୟରେ ଗୁଜବ ସୃଷ୍ଟି କରିଛି। ଏବେ, ପୁଣିଥରେ ମଲାଇକା ତାଙ୍କଠାରୁ ୨୧ ବର୍ଷ ସାନ ଜଣେ ପୁରୁଷଙ୍କ ବାହୁ ବନ୍ଧନରେ ନଜର ଆସିଛନ୍ତି, ଯାହାକୁ ଲୋକମାନେ ତାଙ୍କର ନୂଆ ପ୍ରେମିକ ବୋଲି ଦାବି କରୁଛନ୍ତି ଏବଂ ଖୁବ୍ ଟ୍ରୋଲ କରୁଛନ୍ତି। ସୂଚନାଯୋଗ୍ୟ, ଅର୍ଜୁନ କପୁରଙ୍କ ସହ ମଲାଇକା ଆରୋରାଙ୍କ ବ୍ରେକଅପ ହେବା ପରଠାରୁ, ଅଭିନେତ୍ରୀ ତାଙ୍କଠାରୁ କମ ବୟସର ପୁରୁଷଙ୍କୁ ଡେଟ କରିବା ପାଇଁ ଟ୍ରୋଲିଂର ସମ୍ମୁଖୀନ ହେଉଛନ୍ତି। ଅଭିନେତ୍ରୀଙ୍କୁ ନିକଟରେ ସ୍ପ୍ଲିଟ୍ସଭିଲା ୧୬ ପ୍ରତିଯୋଗୀ ସୋରାବ ବେଦୀଙ୍କ ସହ ଦେଖିବାକୁ ମିଳିଥିଲା। ଦୁହିଁଙ୍କର ଅନେକ ଫଟୋ ଏବଂ ଭିଡିଓ ଭାଇରାଲ ହେଉଛି। ଭିଡିଓଗୁଡ଼ିକରେ, ସେମାନେ ବହୁତ ନିକଟତର ଏବଂ ଏକାଠି ନାଚୁଥିବା ଦେଖାଯାଉଛି। ସେମାନଙ୍କର ଆରାମଦାୟକ ଫଟୋ ଏବଂ ଭିଡିଓ ଦେଖି ଲୋକମାନେ ସେମାନଙ୍କୁ ମଜା କରୁଛନ୍ତି ଏବଂ ସେମାନଙ୍କୁ ମା ଏବଂ ପୁଅ ବୋଲି ମଧ୍ୟ କହୁଛନ୍ତି।

ମଲାଇକା ତାଙ୍କର ନୂତନ ରେଷ୍ଟୁରାଣ୍ଟ 'ସ୍ୱିନି' ଉଦଘାଟନ କରିଛନ୍ତି, ଯେଉଁଠାରେ ସୋରାବ ମଧ୍ୟ ଉପସ୍ଥିତ ଥିଲେ ଏବଂ ଏହି କାର୍ଯ୍ୟକ୍ରମର ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଛି। ମଲାଇକା ପୁଣି ଥରେ ତାଙ୍କଠାରୁ କମ ବୟସର ଜଣେ ପୁରୁଷଙ୍କ ଏତେ ନିକଟତର ଦେଖି ଲୋକମାନେ ତାଙ୍କୁ ଟ୍ରୋଲ କରୁଛନ୍ତି। ଜଣେ ୟୁଜର କହିଛନ୍ତି, 'ସେ ସୁଧୁରିବେ ନାହିଁ,' ଆଉ ଜଣେ କମେଣ୍ଟ କରିଛନ୍ତି, 'ବୁଢ଼ୀ ଏବେ ବି ତାଙ୍କ ଯୌବନରେ ଅଛନ୍ତି।' ତୃତୀୟ ଜଣେ ଲେଖିଛନ୍ତି, 'ତାଙ୍କୁ ଲାଜ ନାହିଁ, ତାଙ୍କ ପୁଅ ଏହା ଦେଖି କିପରି ଅନୁଭବ କରିବେ' ଆଉ ଜଣେ ଏହା ମଧ୍ୟ କହିଛନ୍ତି, 'ପ୍ରତି ମାସରେ ତାଙ୍କର ଏକ ନୂଆ ପ୍ରେମିକ ଅଛି।' ଏହା ପ୍ରଥମ ଥର ନୁହେଁ ଯେ ମଲାଇକା ଟ୍ରୋଲିଂର ସମ୍ମୁଖୀନ ହୋଇଛନ୍ତି। ସମ୍ପର୍କ ଏବଂ ଗୁଜବ ଯୋଗୁ ସେ ନିୟମିତ ଭାବରେ ଏମିତି ଟ୍ରୋଲର ସମ୍ମୁଖୀନ ହୁଅନ୍ତି।



ସୋରାବ ବେଦୀ ହରିୟାଣାର ବାସିନ୍ଦା ଏବଂ ଟିଭି ଶୋ'ରେ କାମ କରନ୍ତି। ତାଙ୍କୁ ଜଣେ ମଡେଲ ଭାବରେ ଏବଂ ରିଆଲିଟି ଶୋ'ରେ ଦେଖାଯାଇଛି। ୨୦୨୫ମସିହାରେ, ସୋରାବଙ୍କୁ ଦଙ୍ଗଲ ଟିଭିର ଶୋ' 'ଦିଲୱାଲି ଦୁଲହା ଲେ ଜାଏଙ୍ଗେ' ରେ ଦେଖାଯାଇଥିଲା। କେବଳ ଏତିକି ନୁହେଁ, ସୋରାବ ମଡେଲିଂ ମଧ୍ୟ କରିଥିଲେ ଏବଂ ଫ୍ୟାଶନ ଶୋ'ରେ ମଧ୍ୟ ଦେଖାଯାଇଥିଲେ। ବର୍ତ୍ତମାନ, ସୋରାବ **MTV Splitsvilla** ଯୋଗୁ ଖବରରେ ଅଛନ୍ତି। ଶୋ'ରେ ନିହାରିକାଙ୍କ ସହିତ ତାଙ୍କ ଯୋଡ଼ିକୁ ଲୋକମାନେ ପସନ୍ଦ କରିଥିଲେ। ମଲାଇକାଙ୍କ ସହିତ ସୋରାବଙ୍କୁ ଦେଖିବା ସେମାନଙ୍କ ସମ୍ପର୍କ ଉପରେ ପ୍ରଶ୍ନ ଉଠାଇଛି। ଏହା ଉଲ୍ଲେଖନୀୟ ଯେ ମଲାଇକା ଆରୋରା ଅର୍ଜୁନ କପୁରଙ୍କ ସହିତ ଦୀର୍ଘକାଳୀନ ସମ୍ପର୍କରେ ଥିଲେ, ଏବଂ ୨୦୨୪ ମସିହାରେ ସେମାନଙ୍କର ବ୍ରେକଅପ ହୋଇଥିଲା। ବର୍ତ୍ତମାନ, ଅଭିନେତ୍ରୀ ଜଣକ ଆଗକୁ ବଢ଼ି ଯାଇଛନ୍ତି। ମଲାଇକା ତାଙ୍କଠାରୁ ୧୯ ବର୍ଷ ସାନ ବ୍ୟବସାୟୀ ହର୍ଷ ମେହେତାଙ୍କ ସହ ମଧ୍ୟ ଯୋଡ଼ି ହୋଇଥିଲେ। ଗତ ବର୍ଷ ଶେଷ ଭାଗରେ ମୁମ୍ବାଇରେ ଏକ କନସର୍ଟରେ ସେମାନଙ୍କୁ ଏକାଠି ଦେଖାଯାଇଥିଲା, ଯାହା ଫଳରେ ସେମାନଙ୍କ ସମ୍ପର୍କ ବିଷୟରେ ସୋସିଆଲ ମିଡିଆରେ ଆଲୋଚନା ହୋଇଥିଲା। ଫେବୃଆରୀ ୨୦୨୫ରେ, ସେମାନେ ଇଟାଲୀରେ ଛୁଟି ବିତାଇବା ମଧ୍ୟ ଦେଖାଯାଇଥିଲେ। ତଥାପି, ସୋରବଙ୍କ ସହ ଅଭିନେତ୍ରୀଙ୍କୁ ଦେଖିବା ସେମାନଙ୍କ ସମ୍ପର୍କ ଉପରେ ପୁଣି ପ୍ରଶ୍ନ ଉଠାଇଛି।



# ସ୍ୱାମୀଙ୍କଠାରୁ ଅଲଗା ହେଲେ ଏହି ଅଭିନେତ୍ରୀ

ଏବେ ସେଲିବ୍ରିଟି ଛାଡ଼ପତ୍ର ତାଲିକାରେ ଯୋଡ଼ି ହୋଇଛନ୍ତି ଆଉ ଜଣେ ଅଭିନେତ୍ରୀ। ସେ ତାଙ୍କ ବ୍ୟବସାୟୀ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ସେମାନଙ୍କ ବିବାହରେ ଫାଟ ହେବାର ଗୁଜବ ବହୁତ ଦିନ ଧରି ଚାଲିଥିଲା କିନ୍ତୁ ଏବେ ସତ୍ୟତା ପ୍ରମାଣିତ ହୋଇଛି। ମୁମ୍ବାଇର ବାନ୍ଦ୍ରା କୋର୍ଟ ଅଭିନେତ୍ରୀ ହଂସିକା ମୋଟୱାନି ଏବଂ ବ୍ୟବସାୟୀ ସୋହେଲ କାଥୁରିଆଙ୍କ ମଧ୍ୟରେ ଛାଡ଼ପତ୍ରକୁ ଅଫିସିଆଲି କରିଛନ୍ତି। ସେମାନଙ୍କ ବିବାହ ମାତ୍ର ୪ ବର୍ଷ ଚାଲିଥିଲା। ତେବେ ଏହି ଦମ୍ପତିଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି।

୨୦୨୨ରେ ବିବାହ ବନ୍ଧନରେ ଯୋଡ଼ି ହୋଇଥିଲେ ଏହି ଦମ୍ପତି। ୪ ଡିସେମ୍ବର ୨୦୨୨ରେ ବ୍ୟବସାୟୀ ସୋହେଲଙ୍କୁ ବହୁ ଆଡ଼ମ୍ବରରେ ବିବାହ କରିଥିଲେ ହଂସିକା। କିନ୍ତୁ ସେମାନଙ୍କ ବିବାହ ଅଧିକ ସମୟ ପର୍ଯ୍ୟନ୍ତ ରହିପାରିଲା ନାହିଁ। ତିନି ବର୍ଷ ପରେ ସେମାନଙ୍କ ବିବାହରେ ଅଶାନ୍ତିର ଖବର ଚର୍ଚ୍ଚା ହେଉଥିଲା। ଏହା ସୋହେଲଙ୍କର ହଂସିକାଙ୍କ ସହିତ ଦ୍ୱିତୀୟ ବିବାହ ଥିଲା। ସେ ପୂର୍ବରୁ ହଂସିକାଙ୍କ ସବୁଠାରୁ ଭଲ ବନ୍ଧୁ ରିଙ୍କି ବଜାଜଙ୍କୁ ବିବାହ କରିଥିଲେ। ତଥାପି ସୋହେଲ ଏବଂ ହଂସିକାଙ୍କ ଛାଡ଼ପତ୍ରର ମୁଖ୍ୟ କାରଣ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। କିନ୍ତୁ ଗତ ଦୁଇ ବର୍ଷ ଧରି ସେମାନଙ୍କ ବିବାହରେ ସମସ୍ୟା ଲାଗି ରହିଥିଲା। ରିପୋର୍ଟ ଅନୁଯାୟୀ, ଏହି ଦମ୍ପତି ଜୁଲାଇ ୨୦୨୪ରୁ ଦୁହେଁ ଅଲଗା ରହୁଛନ୍ତି। ଏହି ସମୟ ମଧ୍ୟରେ ସେମାନଙ୍କ ପରିବାର ସେମାନଙ୍କ ବିବାହକୁ ବଞ୍ଚାଇବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ କିନ୍ତୁ ବିଫଳ ହୋଇଥିଲେ। ଶେଷରେ ସେମାନେ ଛାଡ଼ପତ୍ର ଦେଇଥିଲେ। ଏହି ଛାଡ଼ପତ୍ର ପାରସ୍ପରିକ ସହମତିରେ ଚୂଡ଼ାନ୍ତ ହୋଇଛି। ହଂସିକା ଛାଡ଼ପତ୍ର ସମୟରେ ତାଙ୍କ ଭରଣପୋଷଣ ପାଇଁ କୌଣସି ଦାବି କରି ନ ଥିଲେ। କୋର୍ଟ ଶୁଣାଣି ସମୟରେ ମୋଟୱାନିଙ୍କ ଓକିଲ୍ ଅଦନାନ ଶେଖ କହିଥିଲେ ଯେ, ବିବାହ ପରେ ଦମ୍ପତି କିଛି ସମୟ ପାଇଁ ଏକାଠି ରହିଥିଲେ।

କିନ୍ତୁ ଧିରେ ଧିରେ, ସେମାନେ ଅନୁଭବ କଲେ ଯେ, ସେମାନଙ୍କ ସ୍ୱଭାବ, ଚିନ୍ତାଧାରା ଏବଂ ଜୀବନଶୈଳୀରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଥିଲା। ଯାହା ଫଳରେ ଝଗଡ଼ା ହେଉଥିଲା। ଯାହାକି ଗୋଟିଏ ଛାତ ତଳେ ରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଥିଲା। ତେଣୁ ସେମାନେ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ।

ଶିଶୁ କଳାକାର ଭାବରେ କ୍ୟାରିଅର ଆରମ୍ଭ କରି ହଂସିକା ବେଶ୍ ପ୍ରଶଂସା ସାଉଁଟିଥିଲେ। ସେ ଟିଭି ଧାରାବାହିକ 'ଶା କା ଲା କା ବୁମ୍ ବୁମ୍'ରେ ବେଶ୍ ପରିଚିତି ଲାଭ କରିଥିଲେ। ଏହା ପରେ ସେ ହ୍ରିତିକ ରୋଶନଙ୍କ 'କୋଇ ମିଲ ଗୟା'ରେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ପରେ ୨୦୦୭ରେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର 'ଦେଶାମୁଦୁରୁ' ସହିତ ତାଙ୍କର ଫିଲ୍ମ କ୍ୟାରିଅର ଆରମ୍ଭ କରିଥିଲେ। ଏହି ଚଳଚ୍ଚିତ୍ରରେ ସେ ଆଲୁ ଅର୍ଜୁନଙ୍କ ବିପକ୍ଷରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏହି ଚଳଚ୍ଚିତ୍ର ପାଇଁ ହଂସିକାଙ୍କୁ ଦକ୍ଷିଣରେ ସର୍ବୋତ୍ତମ ଡେବ୍ୟୁ ଅଭିନେତ୍ରୀ ପୁରସ୍କାର ମଧ୍ୟ ମିଳିଥିଲା। ଏହା ପରେ ସେ ଅନେକ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ମଧ୍ୟ ନଜର ଆସିଥିଲେ। ହିମେଶ ରେଶମିଆଙ୍କ ସହିତ 'ଆପକା ସୁରୁର' ଚଳଚ୍ଚିତ୍ର ସହିତ ହଂସିକା ବଲିଉଡ୍‌ରେ ପରିଚିତି ପାଇଥିଲେ।

# ଗର୍ଭାଶୟ କ୍ୟାନ୍ସର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ବାରିପଦା, ୧୨/୩ (ନି.ପ୍ର): ଗର୍ଭାଶୟ କ୍ୟାନ୍ସର ସମ୍ପର୍କରେ ସଚେତନତାର ବାର୍ତ୍ତା ସାଇକଲିଂ ଯାତ୍ରା କରି ପ୍ରଚାର କରୁଛନ୍ତି ସମୀରା ଖାନ୍ । ଏଥିପାଇଁ ଆନ୍ଧ୍ରପ୍ରଦେଶରୁ ସାଇକଲିଂ ଯାତ୍ରା ଆରମ୍ଭ କରି ବିଭିନ୍ନ ରାଜ୍ୟ ଅତିକ୍ରମ କରି ଆଜି ବାରିପଦାରେ ପହଞ୍ଚି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ସମ୍ମୁଖରେ ଏ ସମ୍ପର୍କିତ ବୈଠକରେ ଯୋଗଦାନ କରିଛନ୍ତି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମୀରା ଖାନ୍ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଏଭଳି ପ୍ରଚାର ଯାତ୍ରା ଜିଲ୍ଲାରେ ତଥା ବିଶେଷ ଭାବରେ ଗ୍ରାମାଞ୍ଚଳରେ ଗର୍ଭାଶୟ କ୍ୟାନ୍ସର ବିଷୟରେ ସଚେତନତା ବଢ଼ାଇବାରେ ସହାୟକ ହେବ ଏବଂ ମହିଳାମାନଙ୍କୁ ନିୟମିତ ସ୍କ୍ରିନିଂ ପାଇଁ ପ୍ରେରିତ କରିବ ବୋଲି ନିଜ ଅଭିଭାଷଣରେ ମତପ୍ରକାଶ କରିଛନ୍ତି । ସେହିପରି ଏଡିପିଏଚଓ (ଭିବିଡି) ଡ଼ ବିଜୟ କୁମାର ଦାସ ସଠିକ୍ ସମୟରେ ସ୍କ୍ରିନିଂ ଓ ସଚେତନତା ମାଧ୍ୟମରେ ଗର୍ଭାଶୟ କ୍ୟାନ୍ସରକୁ ପ୍ରତିରୋଧ କରିବା ସମ୍ଭବ ବୋଲି ପ୍ରକାଶ କରିଛନ୍ତି । ଏହା ସହ ବର୍ତ୍ତମାନ ୧୪ ବର୍ଷରୁ କମ୍ ସମସ୍ତ ବାଳିକାମାନଙ୍କ ପାଇଁ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ମାଗଣାରେ ଉପଲବ୍ଧ ହେଉଥିବା ସମ୍ପର୍କରେ ସୂଚାଇଥିଲେ । ସମୀରା ଖାନଙ୍କ ଏହି ସାଇକଲିଂ ଯାତ୍ରା ମହିଳା ସ୍ୱାସ୍ଥ୍ୟ ସୁରକ୍ଷା ଓ ଗର୍ଭାଶୟ କ୍ୟାନ୍ସର ବିରୋଧରେ ସଚେତନତା ବୃଦ୍ଧି ପାଇଁ ଏକ ପ୍ରେରଣାଦାୟୀ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ଏଡିପିଏଚଓ (ଏଫ୍‌ଡବ୍ଲ୍ୟୁ) ଡ଼ ସୁନାନ୍ଦା ମିଶ୍ର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା , ଓ ଜିଲ୍ଲା କ୍ରୀଡା ଅଧିକାରୀ ଡ଼ ଶୁଭାଶିଷ ନାୟକ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିକାଶ ଆଳରେ ଖଣିଜ ପାଣ୍ଠିର ଅପବ୍ୟୟ: ଖତ ଖାଉଛି ୧୧୩ କୋଟିର ବିଜ୍ଞାନ ଏକାଡେମୀ

ଯାଜପୁର, ୧୨/୩ (ନି.ପ୍ର): ପୂର୍ବ ସରକାରଙ୍କ ସମୟରେ ଯାଜପୁର ଜିଲ୍ଲାରେ ଜିଲ୍ଲାଖଣିଜ ନ୍ୟାସ ପାଣ୍ଠି ( ଡିଏମ୍‌ଏଫ)କୁ ମନଇଚ୍ଛା ଖର୍ଚ୍ଚ କରାଯାଇଛି । ଜିଲ୍ଲାରେ ଅନେକ ଅନ୍ଧାରୀ ପ୍ରକଳ୍ପ ଠିଆ ହୋଇଛି । ସେଥିରୁ ଅଧିକାଂଶ ପ୍ରକଳ୍ପର ଚିହ୍ନବର୍ତ୍ତ ନ ଥିବାବେଳେ ପ୍ରକଳ୍ପର ସ୍ଥିତି ଓ ବ୍ୟୟବରାଦକୁ ନେଇ ମଧ ପ୍ରଶାସନ ପାଖରେ ସ୍ୱଷ୍ଟ ଚିତ୍ର ନାହିଁ । ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଷଠିପୁରଛକ ନିକଟରେ ନିର୍ମିତ ବିଜ୍ଞାନ ଓ କାରିଗରୀ କେନ୍ଦ୍ର ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଡିଏମ୍‌ଏଫ ପାଣ୍ଠିରୁ ୧୧୩ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପ ବର୍ତ୍ତମାନ ଖତ ଖାଉଛି । ପ୍ରକଳ୍ପରେ ବିଦେଶୀ କାରିଗରଙ୍କ ଦ୍ୱାରା ନିର୍ମିତ କଳାକୃତି ଓ ଉପକରଣ ସବୁ ନଷ୍ଟ ହେବାକୁ ବସିଲାଣି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ରକଳ୍ପ ସଂପର୍କରେ ସରକାରଙ୍କ ପାଖରେ ନିର୍ଦ୍ଦିଷ୍ଟ ସୂଚନା ବା ତଥ୍ୟ ନାହିଁ । ବିଧାନସଭାରେ କୋରେଇ ବିଧାୟକ ଆକାଶ ଦାସନାୟକ ପ୍ରକଳ୍ପକୁ ନେଇ କରିଥିବା ପ୍ରଶ୍ନର ଏକ ବିଚିତ୍ର ଉତ୍ତର ସାମନାକୁ ଆସିଛି । ଯେଉଁଥିରେ ବିଭାଗୀୟ ମନ୍ତ୍ରୀ ଏଭଳି କିଛି ପ୍ରକଳ୍ପକୁ ନେଇ କୌଣସି ପ୍ରସ୍ତାବ ନ ଥିବା କହିଛନ୍ତି । କିଛିମାସ ପୂର୍ବରୁ ଏହି ପ୍ରକଳ୍ପ ପ୍ରସଙ୍ଗରେ କୋରେଇ ବିଧାୟକ ପଚାରିଥିବା ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଷଠିପୁରଠାରେ ଏହି ପ୍ରକଳ୍ପ ନିମନ୍ତେ କୌଣସି ପ୍ରସ୍ତାବ ନଥିବା କହିଥିଲେ । ବିଭାଗର ଅଜାଣତରେ ଏତେ ବଡ଼ ପ୍ରକଳ୍ପ କେମିତି ନିର୍ମାଣ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବିଧାୟକ ଶ୍ରୀ ଦାସନାୟକଙ୍କ କହିବା ମୁତାବକ ଏଥିରେ ବଡ଼ଧରଣର ଦୁର୍ନୀତି ହୋଇଛି । କୋରେଇ ନିର୍ବାଚନମଣ୍ଡଳୀ ପାଇଁ ଏହି ପ୍ରକଳ୍ପ ନିର୍ମାଣ କରାଯାଉଥିବା ଦର୍ଶାଇ ଯାଜପୁର ନିର୍ବାଚନମଣ୍ଡଳୀରେ ଏହାକୁ କରାଯାଇଛି । ଉଚ୍ଚସ୍ତରୀୟ ତଦନ୍ତ ହେଲେ ଦୁର୍ନୀତିର ଗୁମର ଫିଟିବ ବୋଲି ସେ କହିଛନ୍ତି । ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା (ସିଏମ୍‌ଏସ୍‌ଏ), ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି (ଡିଏମ୍‌ଏଫ), ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍‌ବାଡ୍‌ସି) ଆଦିରୁ ୬୫୬୬ କୋଟି ଟଙ୍କାର ଅନୁଦାନ ଆସିଥିଲା । ସେହିଭଳି ଖଣି ଓ ଶିଳ୍ପାନୁଷ୍ଠାନଗୁଡ଼ିକର ପାରିପାର୍ଶ୍ୱିକ ବିକାଶ (ସିଏସ୍‌ଆର) ପାଣ୍ଠି ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଳରେ ସ୍ୱତନ୍ତ୍ର ରିଲିଫ୍ କମିସନ (ଏସ୍‌ଆରସି)ଙ୍କ ସହାୟତାରେ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପକୁ ସାମିଲ କରାଯାଇଥିଲା । ସେଥିରୁ ଅଧିକ ଅର୍ଥ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଖର୍ଚ୍ଚ କରାଯାଇଛି । ଷଠିପୁରଠାରୁ ଯାଜପୁର ସହର ପର୍ଯ୍ୟନ୍ତ ବିପୁଳ ଅର୍ଥ ବ୍ୟୟରେ ଅନେକ ଅନ୍ଧାରୀ ପ୍ରକଳ୍ପ ନିର୍ମାଣ କରାଯାଇଛି ।



# ଜଗତସିଂହପୁରରେ ପୁଣି ଲଜ୍ଜା: ନାବାଳିକାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଫେରାର

ଜଗତସିଂହପୁର, ୧୨/୩ (ନି.ପ୍ର): ଜଗତସିଂହପୁରରେ ପୁଣି ଆଉ ଏକ ଲଜ୍ଜା ସାମ୍ନାକୁ ଆସିଛି । ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ଘଟଣା ଘଟିଛି ଜଗତସିଂହପୁର ସହର ଉପକଣ୍ଠରେ । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଛି । ଅଭିଯୁକ୍ତ ଫେରାର ହୋଇଯାଇଛି । ମିଳିଥିବା ସୂଚନା ଅନୁସାରେ, ପୀଡ଼ିତା ୧୩ ବର୍ଷୀୟା ନାବାଳିକାଙ୍କ ଘର ଠାରୁ ଅଳ୍ପ ଦୂରରେ ଅଭିଯୁକ୍ତର ଘର । ନାବାଳିକାଙ୍କୁ ଏକଟିଆ ଦେଖି ଅଭିଯୁକ୍ତ ତା ଘରକୁ ଡାକି ନେଇଥିଲା । ସେଠାରେ ତାଙ୍କୁ ଦୁଷ୍କର୍ମ କରିଥିଲା । ଏହା ପରେ ନାବାଳିକାଙ୍କୁ ଧମକଚମକ ଦେଇ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ । ପୀଡ଼ିତା ନାବାଳିକା କାନ୍ଦି କାନ୍ଦି ଘରକୁ ଫେରିବା ସହ ପରିବାର ଲୋକଙ୍କ ଆଗରେ ଘଟଣା ବିଷୟରେ କହିଥିଲେ । ଏହା ପରେ ପରିବାର ଲୋକ ଜଗତସିଂହପୁର ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ମାମଲା ରୁଜୁ କରିବା ସହ ପୀଡ଼ିତାଙ୍କର ଡାକ୍ତରୀମାଇନା କରାଇଛି । ଅଭିଯୁକ୍ତ ଯୁବକକୁ ଧରିବା ପାଇଁ ପୁଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

# ପଛେଇଛି ପ୍ରସିଦ୍ଧ ଶୈବପୀଠ ଆରଡ଼ି ଆଖଣ୍ଡଳମଣି ପୀଠର ବିକାଶ

ଭଦ୍ରକ/ଆରଡ଼ି, ୧୨/୩ (ନି.ପ୍ର): ପଛେଇ ଯାଇଛି ପ୍ରସିଦ୍ଧ ଶୈବପୀଠ ଭଦ୍ରକ ଜିଲ୍ଲା ଆରଡ଼ି ଆଖଣ୍ଡଳମଣୀ ପୀଠର ବିକାଶ । ପାଖାପାଖି ଦୁଇ ବର୍ଷ ହେବ ପୂର୍ବ ବିକାଶ ମୂଳକ କାମରେ ଖଣ୍ଡେ ଇଟା ବି ଯୋଡିପାରିଲାନି ଭଦ୍ରକ ଜିଲ୍ଲା ପ୍ରଶାସନ । ଖାଲି ମିଟିଙ୍ଗ ମିଟିଙ୍ଗରେ ଗଡ଼ିଚାଲିଛି ସମୟ । ଏମିତିକି ୨୦୨୫ ମସିହା ମହାଶିବରାତ୍ରି ଦିନ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଆରଡ଼ି ଆସି ବାବାମଣୀଙ୍କୁ ପୂଜାର୍ଚ୍ଚନା କରିବା ସହ ପୀଠର ବିକାଶ ପାଇଁ ୧୦କୋଟି ଟଙ୍କା ଘୋଷଣା କରିଥିଲେ । ସେ ଟଙ୍କାର ଏକ ଟଙ୍କା ବି କାମରେ ଲାଗିପାରିନାହିଁ ଏପର୍ଯ୍ୟନ୍ତ । ସେହି ଘୋଷଣା କେବଳ ଘୋଷଣାରେ ରହିଗଲା ପରି ଲାଗୁଛି, ଯାହାକୁ ନେଇ ସେବାୟତଙ୍କ ଭିତରେ ତୀବ୍ର ଅସନ୍ତୋଷ ବଢିଚାଲିଛି । ତେବେ କ'ଣ ପାଇଁ ଆଖଣ୍ଡଳମଣୀ ପୀଠର ବିକାଶରେ ରୋକ ଲାଗିଛି ତାହା କାହାକୁ ଜଣାନାହିଁ । ଏମିତିକି ପ୍ରଶାସନିକ ଅଧିକାରମାନେ ମଧ ଆରଡ଼ି ପୀଠର ବିକାଶ କଥାକୁ ନେଇ ଚୁପ । କିନ୍ତୁ ବିକାଶ କାର୍ଯ୍ୟ ଆଗକୁ ବଢିପାରୁନାହିଁ, ଯାହା ଆଲୋଚନା ଓ ଚର୍ଚ୍ଚା ହେଉଛି ସରକାର ଓ ଜିଲ୍ଲା ପ୍ରଶାସନ ଭିତରେ ତାଳମେଳର ଅଭାବ ପାଇଁ କାଳେ ବିକାଶ ମୂଳକ କାର୍ଯ୍ୟ ଆଗେଇପାରୁନି । କିନ୍ତୁ ବରିଷ୍ଠ ସେବାୟତମାନଙ୍କ ଅଭିଯୋଗ ସରକାର ଓ ପ୍ରଶାସନିକ ସ୍ତରରେ ଆନ୍ତରିକତାର ଅଭାବ ପାଇଁ ବିକାଶ ଠପ୍ ହୋଇଯାଇଛି । ବିକାଶ ମୂଳକ କାର୍ଯ୍ୟ ଆଗେଇ ପାରୁନଥିବାରୁ ପୀଠକୁ ଆସୁଥିବା ଭଲ ନାହିଁନଥିବା ହଇରାଣ ହେଉଥିବାର ଦେଖିବାକୁ ମିଳିଛି । ପୀଠରେ ଏକ ଭଲ ଶୈଚାଳୟ ନଥିବାରୁ ମହିଳା ଭକ୍ତଙ୍କ ଠାରୁ ପୁରୁଷ ଭକ୍ତ ବହୁ ହଇରାଣ ହେଉଛନ୍ତି । ଶିବଗଙ୍ଗା ପୁଷ୍କରଣୀର ପାଣି ଅପରିଷ୍କାର ହେବାରେ ଲାଗିଛି । ପୀଠରେ ଜାଗା ସଂକୀର୍ଣ୍ଣତା ବିଭିନ୍ନ ପର୍ବ ପର୍ବାଣୀରେ ଭକ୍ତଙ୍କୁ ଅସୁବିଧାରେ ପକାଉଛି । ଏମିତି ଅନେକ ସମସ୍ୟା ମୁଣ୍ଡ ଟେକି ରହିଥିବା ବେଳେ ଏହାର ସମାଧାନ ହୋଇପାରୁନଥିବା ସେବାୟତ ମାନେ ଅଭିଯୋଗ କରିଛନ୍ତି । ପୂର୍ବ ସରକାର ସମୟରେ ପ୍ରଥମ ପର୍ଯ୍ୟାୟରେ ଛଅ କୋଟି ଟଙ୍କା ଖର୍ଚ୍ଚ କରାଯାଇ ମନ୍ଦିର ବେଢା ଭିତରର ସମ୍ପ୍ରସାରଣ କରାଯିବା ସହ ମନ୍ଦିରର ଆଲୋକିକରଣ କାର୍ଯ୍ୟ କରାଯାଇଥିଲା । ମନ୍ଦିର ବେଢା ସମ୍ପ୍ରସାରଣ ସ୍ୱୟରେ ବେଢା ଭିତରେ ଥିବା ଭୋଗ ଦୋକାନୀ ସମେତ ଅନ୍ୟ ଦେକାନୀ ମାନଙ୍କୁ ଉଚ୍ଛେଦ କରାଥିଲା ପ୍ରଶାସନଓ ପ୍ରତିଶ୍ରୁତି ମିଳିଥିଲା ଭୋଗ ମଣ୍ଡପ କରାଯାଇ ଦିଆଯିବ ବୋଲି ହେଲେ ପୂର୍ବ ସରକାର ବଦଳିଗଲା ହେଲେ ସେ ପ୍ରତିଶ୍ରୁତି ପୂରଣ କରିପାରିଲାନାହିଁ । ଦ୍ୱିତୀୟ ପର୍ଯ୍ୟାୟରେ ୪ ୨କୋଟି ଟଙ୍କା ମଂଜୁର କରାଯାଇଥିଲା ପୀଠର ବିକାଶ ପାଇଁ । ୪୨ କୋଟିରୁ ପାଖାପାଖି ୨୮ କୋଟି ଟଙ୍କା ବିସ୍ଥାପିତଙ୍କ ପାଇଁ ଆଉ ୧୪କୋଟି ବିକାଶମୂଳକ କାର୍ଯ୍ୟ ପାଇଁ । ସେହି ୧୪ କୋଟିରୁ ପାର୍କ ପ୍ଲେସ, ଶିବପ୍ଲାଜା, ନିର୍ମାଣ କରାଯାଇଥିଲା । ଆହୁରି ଅର୍ଥ ଅଛି ହେଲେ କାମ ହେଉନଥିବାରୁ ଭକ୍ତମାନେ ମଧ ନିରାଶ ହେଉଛନ୍ତି । ନବୀନ ସରକାର ବଦଳି ଏବେ ରାଜ୍ୟରେ ମୋହନ ସରକାର । ହେଲେ ନୂତନ ସରକାର ଆସିବା ପରେ ଆରତି ପୀଠରେ ବିକାଶ ମୂଳକ କାମ ଆଗେଇପାରୁନଥିବା ସେବାୟତମାନେ ଅଭିଯୋଗ କରିଛନ୍ତି । ଏଠି ପ୍ରଶ୍ନ ଉଠୁଛି ଆରଡ଼ି ପୀଠର ବିକାଶ ବାଟବଣା ପାଇଁ ଦାୟୀ କିଏ ? କାହିଁକି ଆଗେଇ ପାରୁନି ବିକାଶ ? ସତରେ କ'ଣ ସରକାର ଚାହୁଁନାହାଁନ୍ତି ପୀଠର ବିକାଶ, ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି । ତେବେ କିଛି ବରିଷ୍ଠ ସେବାୟତଙ୍କ ମତ ପୂର୍ବ ସରକାର ସମୟରେ ପ୍ରଶାସନିକ ବାବୁମାନେ ଯେପରି ଚପରଚାର ସହ କାମ କରୁଥିଲେ ବର୍ତ୍ତମାନ ହେଉନାହିଁ । ଆରଡ଼ି ଆସିଲେ ଆରତିର ବିକାଶ କଥା ନେତା ଓ ସରକାରୀ ବାବୁଙ୍କ ମନେ ପଡେ ଆରଡ଼ିରୁ ଚାଲିଗଲେ ବିକାଶ କଥା ମନେରହେନି । ଅନ୍ୟପଟେ ଏ ବାବଦରେ ନିଜ ନାମ ଗୋପନ ରଖି ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଅଫିସର କହିଛନ୍ତି ଯାହା କାମ ହେବା କଥା ହୋଇଯାଇଛି ଏବେ ସେହି କାମକୁ ଆଗକୁ ନେଲାଭଳି ଅଫିସର ଦେଖା ଯାଉନାହାଁନ୍ତି । ପୀଠର ବିକାଶ ସମ୍ପର୍କିତ ଘଟଣାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କହିଛନ୍ତି ସମସ୍ତଙ୍କର ସହଯୋଗ ମିଳିଲେ ନିଶ୍ଚିତ ଭାବେ ଆଖଣ୍ଡଳମଣୀ ପୀଠର ବିକାଶ କାର୍ଯ୍ୟ ତ୍ୱରାନିତ ହେବ । ବିଶେଷକରି ସେବାୟତମାନଙ୍କର ଯିଏକି ବିସ୍ଥାପିତ ହେବେ । ତାହାସହ ଏ ପର୍ଯ୍ୟନ୍ତ ସମସ୍ତ ବିସ୍ତାପିତ ପରିବାର ପ୍ରଶାସନ ସହ ଚୁକ୍ତିନାମା କରିନାହାଁନ୍ତି ତେଣୁ କାମ ଆଗେଇ ପାରୁନି । ପ୍ରଶାସନ ଯଥା ସମ୍ଭବ ଚେଷ୍ଟା କରୁଛି । ତେବେ ଯାହାହେଉନା କାହିଁକି ଆରତି ପୀଠର ବିକାଶ ସମସ୍ତଙ୍କ ପାଇଁ ଏକାନ୍ତ କାମ୍ୟ ତେଣୁ ସରକାର ପୀଠର ବିକାଶ ପାଇଁ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି ।

# ଜଗନ୍ନାଥଙ୍କୁ ସମର୍ପିତ ହେଲା ଆମ ପାଞ୍ଜି

ଜୟପୁର, ୧୨/୩ (ନି.ପ୍ର): ଆମ ଓଡିଶା ପକ୍ଷରୁ ପ୍ରକାଶିତ ଆମ ପାଞ୍ଜି ଆଜି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମର୍ପିତ ହୋଇଛି । କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ଡମ୍ବୁରୁଧର ପଣ୍ଡା ଓ ସେବାୟତ ଜଗନ୍ନାଥ ତ୍ରିପାଠୀ(ମାଲୁ) ଉପସ୍ଥିତ ଥିଲେ । ୧୫ ବର୍ଷ ଧରି ସମ୍ବାଦ ଆମ ଓଡିଶା ପକ୍ଷରୁ ଏହି ପାଞ୍ଜି ପ୍ରସ୍ତୁତ ହୋଇଆସୁଛି । ଏହା ଓଡିଶାର ଘରେ ଘରେ ବହୁ ଆଦର ଲାଭ କରିଛି । ୨୦୨୬-୨୭ ବର୍ଷ ପାଇଁ ପ୍ରକାଶ ପାଇଥିବା ଏହି ପାଞ୍ଜି ମଧ ଅନୁରୁପ ଭାବେ ଲୋକାଦୃତ ହେବ ବୋଲି ଆଶା କରାଯାଉଛି । ସରଳ ଭାଷାରେ ପ୍ରସ୍ତୁତ ହୋଇଥିବାରୁ ଏହି ପାଞ୍ଜି ସ୍ୱତନ୍ତ୍ର । ତିଥି, ବାର, ନକ୍ଷତ୍ର , ଶ୍ରାଦ୍ଧ, ପୁଷ୍କର ଦୋଷ, ଜୋଗିନୀ ସ୍ଥିତି, ଦୂରଯାତ୍ରାରେ ଶୁଭ ଅଶୁଭ, ବିବାହ ବ୍ରତ ଆଦି ସମ୍ବପର୍କରେ ଏଥିରେ ସମସ୍ତ ତଥ୍ୟ ସରଳ ଭାଷାରେ ଦିଆଯାଇଛି । ଏହାର ଅନ୍ୟତମ ଆକର୍ଷଣ ହେଉଛି ମାସ ଅନୁସାରେ ସମସ୍ତ ବାର ରାଶିର ଫଳାଫଳ ପୂର୍ବବର୍ଷ ଗୁଡିକ ପରି ଏହାର ମୂଲ୍ୟ ସୁଲଭ ଥିବାରୁ ଏହାକୁ ସମସ୍ତେ କିଣି ବ୍ୟବହାର କରିପାରିବେ । ଆଜିର ଏହି ପାଞ୍ଜି ପୂଜା ସମୟରେ ନଗର ପ୍ରତିନିଧି ତରୁଣ କୁମାର ମହାପାତ୍ର ଓ ସମ୍ବାଦ କାର୍ଯ୍ୟାଳୟ କର୍ମଚାରୀ ଘନଶ୍ୟାମ ଦଳେଇ,ଏସ. ଅରୁଣ କୁମାର, ସରୋଜ କୁମାର ନାୟକଙ୍କ ସମେତ ସମ୍ବାଦ କର୍ମଚାରୀ ଉପସ୍ଥିତ ଥିଲେ ।

# ବିରୂପା ବ୍ୟାରେଜରୁ ଦୁଇ ଭାଇଙ୍କର ମୃତଦେହ ଉଦ୍ଧାର



ଚୌଦ୍ୱାର, ୧୨/୩ (ନି.ପ୍ର): କଟକଜିଲ୍ଲା ଚୌଦ୍ୱାର ବିରୂପା ବ୍ୟାରେଜ୍ ଏକ ନମ୍ବର ଗେଟ ନିକଟରେ ଦୁଇ ଯୁବକଙ୍କର ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି । ଯୁବକ ଦୁଇ ଜଣ ଚୌଦ୍ୱାର ମଣ୍ଡାପଡ଼ା ଅଞ୍ଚଳର ଦେବାଶିଷ ସାହୁ ଓ ଶୁଭାଶିଷ ସାହୁ ବୋଲି ସନ୍ଦେହ କରାଯାଉଛି । ଦୁଇ ଭାଇ ଗତ ଦୁଇ ଦିନ ତଳୁ ନିଖୋଜ ଥିଲେ । ତାଙ୍କର ଏକ ମୋଟରସାଇକେଲ ବିରୂପା ବ୍ୟାରେଜ ନିକଟରୁ ଠାବ କରାଯାଇଥିଲା । ଆଜି ତାଙ୍କ ମୃତଦେହ ବ୍ୟାରେଜ ନିକଟରେ ଭାସୁଥିବାର ଦେଖି ମତ୍ସ୍ୟଜୀବୀମାନେ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଚୌଦ୍ୱାର ପୁଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଦୁଇ ମୃତଦେହକୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରଖିଛି ।

# କୁଟିଆ କନ୍ଧଙ୍କ ଅଭିଯୋଗ ଶୁଣିଲେ ପାଇଁ ଜିଲ୍ଲାପାଳ

ବାଲିଗୁଡ଼ା , ୧୨/୩ (ନି.ପ୍ର): ସ୍ୱାଧୀନତାର ୭୮ ବର୍ଷ ପରେ ଆଜି ଜଣେ ଯୁବ ଜିଲ୍ଲାପାଳ ବେଲଘରରେ ପହଞ୍ଚି ଆଦିମ ଜନଜାତି କୁଟିଆ କନ୍ଧ (ପିଭିଟିଜି)ମାନଙ୍କ ଅଭିଯୋଗ ଶୁଣିଛନ୍ତି । ବିଗତ ଦିନରେ ବାଇକରେ ଯାଇ କୁଟିଆ ଗାଁରେ ପହଞ୍ଚି ସମସ୍ୟା ଦେଖିବା ସହ ସରକାରଙ୍କ ଯୋଜନା ଦେଖି ଚର୍ଚ୍ଚା ରେ ଥିବା କନ୍ଧମାଳ ଜିଲ୍ଲାପାଳଙ୍କ ଏହି ଜନଶୁଣାଣିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବ ସହ ଜିଲ୍ଲାପାଳଙ୍କ ପ୍ରୟାଶକୁ ପ୍ରସଂଶା କରାଯାଇଛି । ଏହି ଜନଶୁଣାଣି ବେଲଘର ଠାରେ ଥିବା କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ବେଳେ ବେଲଘର, ଗୁମା, ଝିରିପାଣି ଓ ବିଲାମାଳ ପଞ୍ଚାୟତରେ ବସବାସ କରୁ ଥିବା ଆଦିମ ଜନଜାତି କୁଟିଆ କନ୍ଧ (ପିଭିଟିଜି)ମାନେ ସେମାନଙ୍କ ବ୍ୟକ୍ତି ଗତ ସାମୁହିକ ସମସ୍ୟା ନେଇ ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ଥିଲେ । କିଭଳି ସରକାରଙ୍କ ଯୋଜନା ଠିକ ରେ ମିଳିପାରୁ ନହିଁ ଓ ଲୋକେ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି ଏଭଳି ମାଳମାଳ ସମସ୍ୟା ଜିଲ୍ଲାପାଳଙ୍କ ହସ୍ତ ଗତ ହୋଇଥିଲା । ବ୍ୟକ୍ତିଗତ ଓ ସାମୁହିକ ୧୨୫ ଟି ମାମଲାକୁ ଗୋଟିଗୋଟି କଇରୀ ଜିଲ୍ଲାପାଳ ଶୁଣିଥିଲେ । କେଉଁ ଗାଁରେ ଶୁଦ୍ଧ ପାନୀୟ ଜଳର ସମସ୍ୟା ରହିଛି କେଉଁଠି ଲୋକଙ୍କୁ ଆବାସ ଯୋଜନରୁ ବଞ୍ଚିତ ହୋଇଛନ୍ତି । ସବୁଠାରୁ ବିଡମ୍ବନା ରହିଥିଲା ୬୦ରୁ ୭୦ ବର୍ଷର ବୃଦ୍ଧବୃଦ୍ଧାମାନେ ଏବେବି ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । ବେଲଘର ପଞ୍ଚାୟତର ମାଦଲାକୁନାର ରଘୁ ବାରଡୁ ମାଝି ଭତ୍ତା ପାଉଥିବା ବେଳେ ୧୧ ମାସ ହେଲା ବୟସ ତ୍ରୁଟି ଥିବାରୁ ଭତ୍ତା ପାଉ ନାହାନ୍ତି ସେହି ଭଳି ଲାଲକୁଟାଡୁ ମାଝି ମଧ ବୟସ ୭୦ ପହଞ୍ଚି ଥିଲେ ମଧ ଭତ୍ତା ରୁ ବଞ୍ଚିତ ଅଛନ୍ତି କେବଳ ଏହି ଦୁଇ ଜଣ ନୁହନ୍ତି ଏଭଳି ବହୁ ବୃଦ୍ଧ ବୃଦ୍ଧା ଭତ୍ତା ରୁ ବଞ୍ଚିତ ରହିଥିବା ଦେଖିବାକୁ ମିଳିଥିଲା । ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଭୋଟର କାର୍ଡ ଓ ଆଧାରକାର୍ଡରେ ବୟସ ଠିକ ନଥିବାରୁ ଏଭଳି ବଞ୍ଚିତ ହେଉଥିବା ଜଣାପଡିଥିଲା । ଏହା ପରେ ଜିଲ୍ଲାପାଳ ବେଦ ଭୂଷଣ ଏକ ଏହାକୁ ଗୁରୁତର ସହ ନେଇ ଡାକ୍ତର ଟିମ ଏହାର ଅନୁଧାନ କରି ଭୋଟର କାର୍ଡ ଓ ଆଧାରକାର୍ଡରେ ଖୁବ ଶୀଘ୍ର ବୟସ ସଂଶୋଧନ କରାଯିବା ସହ ଭତ୍ତା ଦେବା ପାଇଁ କହିଥିଲେ । ଜିଲ୍ଲାପାଳଙ୍କ ସହ କନ୍ଧମାଳ ଜିଲ୍ଲାପ୍ରକଳ୍ପ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ଉପଜିଲ୍ଲାପାଳ ପ୍ରଣିତା ଦାସ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ କୃପା ସିନ୍ଧୁ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ସାମିଲ ହୋଇଥିଲେ । ବେଲଘର ଠାରେ ଏଭଳି କିଛି ମାସ ବ୍ୟବଧାନରେ ଜନଶୁଣାଣି କରାଗଲେ ଲୋକଙ୍କ ସମସ୍ୟା ଦୂର ହୋଇ ପାରିବ ବୋଲି ବ୍ଲକ ଅଧକ୍ଷ ବାସନ୍ତୀ ମାଝି, ସରପଞ୍ଚ ଗୋବିନ୍ଦ ମାଝି, ଗୁମା ସରପଞ୍ଚ ସାଞ୍ଜୁ ମଲ୍ଲିକ ଓ ବିଲାମାଳ ସରପଞ୍ଚ ବାବିତା ମାଝି କହିଛନ୍ତି ।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପ୍ରତିପାଳିତ

ଜୟପୁର, ୧୨/୩ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି । ଉକ୍ତ ଦିବସ ଉପଲକ୍ଷେ ବିଭାଗୀୟ ମୁଖ୍ୟ ଡ. ଡମ୍ବରୁଧର ଦାସ ଏହି ଦିବସ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଓଡ଼ିଆ ଭାଷାର ଶ୍ରେଷ୍ଠତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ତତ୍'ସହିତ ଓଡ଼ିଆ ଭାଷାର ସୁରକ୍ଷା ,ପ୍ରଚାର ଓ ବ୍ୟବହାର ନିମିତ ସଂକଳ୍ପବଦ୍ଧ ହେବା ସହିତ ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଛାତ୍ରୀମାନଙ୍କ ଅବଦାନ ସମ୍ପର୍କରେ ପ୍ରେରଣମୂଳକ ଉଦ୍'ବୋଧନ ଦେଇଛନ୍ତି ।ଏହି ପରିପ୍ରେକ୍ଷୀରେ ଏକ ପଂକ୍ତି ଉଦ୍ଧାର କରାଯାଇପାରେ - ' ଉଚ୍ଚ ହେବାପାଇଁ କର ଯେବେ ଆଶା ଉଚ୍ଚ କର ଆଗେ ନିଜ ମାତୃଭାଷା । ତତ୍'ସହିତ ବିଭାଗୀୟ ଅଧାପିକା ସୁନିତା କୁମାରୀ ପ୍ରଧାନ ଏହି ଦିବସରେ ଯୋଗଦେଇ ପିଲାମାନଙ୍କୁ ମାତୃଭାଷାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଛନ୍ତି ।

# ଚାହିଦା ମେଣ୍ଟାଇ ପାରୁନି ଭଦ୍ରକ ଜିଲ୍ଲାରୁ ଉତ୍ପାଦିତ ମାଛ: ଆବଶ୍ୟକ ଦେଢ଼ ଲକ୍ଷ କୁଇଣ୍ଟାଲ



ଭଦ୍ରକ, ୧୨/୩ (ନି.ପ୍ର): ଭଦ୍ରକ ଜିଲ୍ଲାର ୭ଟି ବ୍ଲକରେ ଥିବା ୧୭ ଲକ୍ଷ ଜନ ସାଧାରଣଙ୍କ ମଧ୍ୟରୁ ପ୍ରାୟ ୯ ଲକ୍ଷ ଲୋକ ମାଛ ଖାଉଛନ୍ତି । ଏମାନଙ୍କ ପାଇଁ ବର୍ଷକୁ ଦେଢ ଲକ୍ଷ କୁଇଣ୍ଟାଲ ମାଛ ଆବଶ୍ୟକ ହେଉଥିବା ବେଳେ ଜିଲ୍ଲାରେ ଉତ୍ପାଦନ ହେଉଛି ୭୫ ହଜାର କୁଇଣ୍ଟାଲ । ଅବଶିଷ୍ଟ ୭୫ ହଜାର କୁଇଣ୍ଟାଲ୍ ମାଛ ଆନ୍ଧ୍ର ଓ ପଶ୍ଚିମବଙ୍ଗରୁ ଆମଦାନି ହେଉଛି ବୋଲି ମତ୍ସ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି । ଜିଲ୍ଲାରେ ମତ୍ସ୍ୟଚାଷ ପାଇଁ ପ୍ରୋତ୍ସାହନ ମିଳୁଛି । ୭ଟି ବ୍ଲକରେ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ୨୭୪୫ ଗୋଟି ପୋଖରୀରେ ମାଛ ଚାଷ ହେଉଛି । ଯାହାକି ୮୫୭ ହେକ୍ଟର ଜମିରେ ରହିଛି । ତିହିଡ଼ିରେ ୩୩୪, ଚାନ୍ଦବାଲିରେ ୬୦୬, ଭଣ୍ଡାରିପୋଖରୀ ୩୧୨, ଧାମନଗର ୧୩୦, ବାସୁଦେବପୁର ୭୦୧, ବନ୍ତ ୩୨୫ ଏବଂ ଭଦ୍ରକ ବ୍ଲକରେ ୩୫୦ ମାଛ ପୋଖରୀ ଏସଏଚଜି ଗ୍ରୁପ ମାଧ୍ୟମରେ ଚାଷ ହେଉଛି । ଏହା ସହ ୪୩୦ ଗୋଟି ଜୋର ରହିଛି ଯାହାକି ୧୫୨ ହେକ୍ଟର ଜମିରେ ମଧୁର ମାଛ ମିଳୁଛନ୍ତି । ଏହାସହ ଲୁଣି ପାଣିରେ ଚିଙ୍ଗୁଡି ମାଛ ପୋଖରୀ ଜିଲ୍ଲାର ଚାନ୍ଦବାଲିରେ ୩୦୮୪, ବାସୁଦେବପୁରରେ ୨୬୩୯ ଏବଂ ତିହିଡିରେ ୨୧୦କୁ ମିଶାଇ ମୋଟ ୫୯୩୩ ଲୁଣି ଚିଙ୍ଗୁଡି ଚାଷ ପୋଖରୀ ରହିଛି । ସାରା ଜିଲ୍ଲାରେ ରୋହି, ଭାକୁର, ମିରକାଳି ଆଦି ମଧୁର ମାଛ ୨୦୨୦-୨୧ରେ ୨୦ ହଜାର କୁଇଣ୍ଟାଲ, ୨୦୨୧-୨୨ରେ ୩୧ ହଜାର କୁଇଣ୍ଟାଲ, ୨୦୨୨-୨୩ରେ ୩୩ ହଜାର କୁଇଣ୍ଟାଲ, ୨୦୨୩-୨୪ରେ ୩୫ ହଜାର କୁଇଣ୍ଟାଲ ଓ ୨୦୨୪-୨୫ରେ ୩୮ ହଜାର କୁଇନ୍ତାଲ ମାଛ ଉତ୍ପାଦନ ହୋଇଛି । ସେହିଭଳି ଚିଙ୍ଗୁଡି ପୋଖରୀ ମାଧ୍ୟମରେ ୨୦୨୦-୨୧ରେ ୨୯ ହଜାର, ୨୦୨୧-୨୨ରେ ୩୧ ହଜାର , ୨୦୨୨-୨୩ରେ ୩୩ ହଜାର କୁଇ ନ୍ତାଆଲ, ୨୯୨୪-୨୫ରେ ୩୬ ହଜାର ମାଛ ଉତ୍ପାଦନ ହୋଇଛି । ସେହିଭଳି ସମୁଦ୍ର ଚିଙ୍ଗୁଡି ୨୦୨୦-୨୧ରେ ୧୪ ହଜାର କୁଇନ୍ତାଲ୍ , ୨୦୨୧-୨୨ରେ ୧୮ ହଜାର କୁଇନ୍ତାଲ, ୨୦୨୨-୨୩ରେ ୧୯ ହଜାର କୁଇଣ୍ଟାଳ, ୨୦୨୩-୨୪ରେ ୩୪ ହଜାର କୁଇଂଟାଲ ଏବଂ ୨୦୨୪-୨୫ରେ ୩୫ ହଜାର କୁଇଂଟାଲ୍ ମାଛ ଉତ୍ପାଦନ ହୋଇଛି । ମୋଟାମୋଟି ଭାବେ ରୋହି ଭାକୁର, ମଧୁରମାଛ, ଚାଷୀଙ୍କ ଦ୍ୱାରା ଲୁଣା ଚିଙ୍ଗୁଡି ପୋଖରୀ ଚାଷ ମାଛ ଏବଂ ଟ୍ରଲର ଓ ଗିଲେଟିନ୍ ଦ୍ୱାରା ସମୁଦ୍ରରୁ ଧରାଯାଉଥିବା ସମୁଦ୍ର ମାଛ ମୋଟ ୭୫ ହଜାର କୁଇ ମାଛ ଜିଲ୍ଲାରେ ଉତ୍ପାଦନ ହେଉଛି । ଅନ୍ୟପକ୍ଷରେ ମତ୍ସ୍ୟ ବିଭାଗ ତଥ୍ୟ ଅନୁସାରେ ସାରା ଜିଲ୍ଲାରେ ୧ ଲକ୍ଷ ୩୩ ହଜାର ୮୦୯ ମତ୍ସ୍ୟଜୀବୀ ରହିଛନ୍ତି । ଚାନ୍ଦବାଲିରେ ୫୧୮୦୩, ତିହିଡ଼ିରେ ୧୩୪୮୫, ଭଦ୍ରକରେ ୫୪୪୯, ବନ୍ତରେ ୫୦୫୩, ବାସୁଦେବପୁରରେ ୪୬୭୫୦, ଧାମନଗରରେ ୫୪୯୪ ଏବଂ ଭଣ୍ଡାରିପୋଖରୀରେ ୫୭୭୫ ଜଣ ମତ୍ସ୍ୟଜୀବୀ ରହିଛନ୍ତି । ଏହା ସହ ଜିଲ୍ଲାରେ ସମୁଦ୍ରରେ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କଠାରୁ ମାଛ ସଂଗ୍ରହ ପାଇଁ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକରେ ୧୧ଟି ସ୍ଥାନରେ ମତ୍ସ୍ୟ ଅବତଗଣ କେନ୍ଦ୍ର ରହିଛି । ଯାହାକି ୯୪୦ ବୋଟ ମାଛ ଧରୁଛି । ଧାମରା, ଚନ୍ଦନିପାଳ, ବଇଁଚା, କଇଥଖୋଲା, କରଣପଲ୍ଲୀ, କରଞ୍ଜମାଳ, କାଳିନାଳି ଆଦି ମତ୍ସ୍ୟ ଅବତରଣ କେନ୍ଦ୍ରରେ ମୋଟ ୫୯୨ଟି ବୋଟ ରହିଥିବାବେଳେ ଚୂଡାମଣି, କସିଆ, ବିଦେଇପୁର ଏବଂ କାଂଶବାଶ ମତ୍ସ୍ୟ ଅବତରଣ କେନ୍ଦ୍ରରେ ୩୪୮ଟି ବୋଟ ରହିଛି ।

# ଜାତୀୟ ମହିଳା ଆୟୋଗ ଓ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଜନଶୁଣାଣି

ବାଲେଶ୍ୱର, ୧୨/୩ (ନି.ପ୍ର): ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ ଠାରେ ଜାତୀୟ ମହିଳା ଆୟୋଗ ଓ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ସଭନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହିତ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି, ଓଡିଶା ମହିଳା ଆୟୋଗ ସଭ୍ୟା ଶ୍ରୀମତୀ ପ୍ରତିଭା ସତପଥି ଓ ମୁକ୍ତା ସାହୁ ଏବଂ କନଭେନର ଶ୍ରୀମତୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଓ ସନ୍ଦନା ମହାନ୍ତି ମଞ୍ଚାସୀନ ଥିଲେ । ଅତିଥିମାନେ ମହିଳାଙ୍କ ଘରୋଇ ହିଂସା, ନିର୍ଯ୍ୟାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯ୍ୟାତନା, ବୈବାହିକ ବିବାଦର ସମାଧାନ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ କିପରି ଶୀଘ୍ର ସମାଧାନ ହୁଏ, ସେହି ବାବଦରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ବାମଦେବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ । ସାଧାରଣ ସଭା ଶେଷ ହେଲା ପରେ ଜନଶୁଣାଣୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସର୍ବମୋଟ ୪୧ ଗୋଟି ମାମଲାର ପଞ୍ଜିକରଣ ହୋଇଥିଲା । ସେଥି ମଧ୍ୟରୁ ୩୦ ଗୋଟି ମାମଲା ଜନଶୁଣାଣୀ ପୋର୍ଟାଲରେ ପଞ୍ଜିକରଣ ହୋଇଥିବା ବେଳେ ୧୧ ଗୋଟି ମାମଲା ଆଜି ନୂଆ ଭାବେ ଜନଶୁଣାଣୀ ସ୍ଥାନରେ ପଞ୍ଜିକରଣ ହୋଇଛି । ଆଜି କେବଳ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ୩୦ ଗୋଟି ମାମଲାରୁ ୨୮ ଗୋଟି ମାମଲାର ହିଁ ବିଚାର କରାଯାଇଥିବା ବେଳେ ୨ ଗୋଟି ମାମଲା ଅନୁପସ୍ଥିତ କାରଣରୁ ବିଚାର କରାଯାଇନଥିଲା । ଆଜି ନୂତନ ଭାବେ ପଞ୍ଜୀକୃତ ହୋଇଥିବା ୧୧ ଗୋଟି ମାମଲାର କୌଣସି ବିଚାର କରାଯାଇନଥିଲା । ବିଚାର କରାଯାଇଥିବା ମାମଲା ଗୁଡ଼ିକ ମଧ୍ୟରୁ ୧୧ ଗୋଟି ମାମଲାର ଉଭୟ ପକ୍ଷ ଥିବାବେଳେ ୧୫ ଗୋଟି ମାମଲାର କେବଳ ଅଭିଯୋଗକାରୀ ଥିଲେ ଏବଂ ୨ ଗୋଟି ମାମଲାର କେବଳ ବିପକ୍ଷ ଦଳ ଥିଲେ । ବିଚାର କରାଯାଇଥିବା ମାମଲା ଗୁଡିକ ମଧ୍ୟରୁ ୮ ଗୋଟି ମାମଲାର ତତକାଳ ସମାଧାନ ହୋଇଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବକରଙ୍କ ପାଖକୁ ୬ ଗୋଟି ମାମଲା ହସ୍ତାନ୍ତର କରାଯାଇଥିବା ବେଳେ ୧ ଗୋଟି ମାମଲା ଜିଲ୍ଲା ସୁରକ୍ଷା ଅଧିକାରିଣୀ ଯୁଥିକାରଣୀ ରାୟ ଏବଂ ୬ ଗୋଟି ମାମଲା ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି । ୭ ଗୋଟି ମାମଲାକୁ ପୁନର୍ବାର ପରବର୍ତ୍ତୀ ଜନଶୁଣାଣୀ କାର୍ଯ୍ୟକ୍ରମରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା: ପୁରୀ ଗଲେ ୨୩୨ ବରିଷ୍ଠ ନାଗରିକ ତୀର୍ଥଯାତ୍ରା




ବାରିପଦା, ୧୨/୩ (ନି.ପ୍ର): ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆଜି ମୟୂରଭଞ୍ଜ ଜିଲ୍ଲାରୁ ୨୩୨ ଜଣ ବରିଷ୍ଠ ନାଗରିକ ପୁରୀ ଅଭିମୁଖେ ତୀର୍ଥଯାତ୍ରା କରିଛନ୍ତି। ଶହୀଦ ସ୍ମୃତି ଭବନ ନିକଟରୁ ଓଏସ୍ଆରଟିସିର ୭ଟି ଅତ୍ୟାଧୁନିକ ବିଳାସପୂର୍ଣ୍ଣ ବସ୍ ଯୋଗେ ତୀର୍ଥଯାତ୍ରୀମାନେ ପୁରୀ ଯାଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଛନ୍ତି । ସରକାରଙ୍କ ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ଜଗନ୍ନାଥ ଦର୍ଶନର ଅଧୁରା ସ୍ୱପ୍ନ ସାକାର ହେଉଛି ଏବଂ ଏହି ଆଧ୍ୟାତ୍ମିକ ଅନୁଭୂତି ତାଙ୍କ ଜୀବନକୁ ସାର୍ଥକ କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଶୁଭାଶିଷ ନାୟକ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସୁଖମୟ ଓ ସୁରକ୍ଷିତ ଯାତ୍ରା କାମନା କରିଛନ୍ତି । ତୀର୍ଥଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସହାୟକ ଅଧିକାରୀ ଭାବେ ଦେବବ୍ରତ ମିଶ୍ର, ତନ୍ମୟ ଦାସ, ରୁଦ୍ର କିଶୋର ସ୍ୱାଇଁ, ବିନୟ କୁମାର ସି, ଏମ୍. ମହେନ୍ଦ୍ର ସୋରେନ ଓ କାରୁ ମାରାଣ୍ଡି ପ୍ରମୁଖ ଯାତ୍ରାରେ ସାମିଲ ହୋଇଛନ୍ତି । ଯାତ୍ରା ପୂର୍ବରୁ ବାରିପଦା ଷ୍ଟାଡିୟମରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ଯାତ୍ରା ପାଇଁ ଫିଟ୍ ଘୋଷଣା କରିଥିଲେ । ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ସୁପ୍ରିମକୋର୍ଟରେ ଆଂଚଳିକ ବେଂଚ ପ୍ରତିଷ୍ଠା କରନ୍ତୁ: ପି. ୱିଲସନ୍

ନୂଆଦିଲ୍ଲୀ, ୧୨/୩ : ଗୁରୁବାର ରାଜ୍ୟସଭାରେ ଶୂନ୍ୟ କାଳରେ ନ୍ୟାୟିକ ସଂସ୍କାର ପ୍ରସଙ୍ଗ ଉଠାଇ ଦ୍ରାବିଡ ମୁନେତ୍ର କାଝାଗମ ସଦସ୍ୟ ପି. ୱିଲସନ୍ ସୁପ୍ରିମକୋର୍ଟରେ ଆଂଚଳିକ ବେଂଚ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ସେ କହିଥିଲେ ଯେ ଏହା ଦେଶର ବିଭିନ୍ନ ଅଂଶର ଲୋକଙ୍କ ପାଇଁ ନ୍ୟାୟ ପାଇବାକୁ ସହଜ କରିବ ଏବଂ ନ୍ୟାୟ ବ୍ୟବସ୍ଥାକୁ ଅଧିକ ସୁଗମ କରିବ।"ସାଂସଦ ନ୍ୟାୟପାଳିକାରେ ସାମାଜିକ ପ୍ରତିନିଧିତ୍ୱର ଅଭାବ ଉପରେ ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ। ସେ ଦର୍ଶାଇଥିଲେ ଯେ ଗତ ପାଂଚ ବର୍ଷରେ ହାଇକୋର୍ଟରେ ନିଯୁକ୍ତ ୫୯୩ ଜଣ ବିଚାରପତିଙ୍କ ମଧ୍ୟରୁ ୪୭୩ ଜଣ, ଅର୍ଥାତ୍ ପ୍ରାୟ ୮୦ ପ୍ରତିଶତ ପ୍ରମୁଖ ସମ୍ପ୍ରଦାୟର। ଏହି ସମୟରେ, ସୁପ୍ରିମକୋର୍ଟରେ ବର୍ତମାନ କେବଳ ଜଣେ ମହିଳା ବିଚାରପତି, ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟର ଦୁଇଜଣ ଏବଂ ଅନୁସୂଚିତ ଜାତିର ଜଣେ ଅଛନ୍ତି, ଯେତେବେଳେ ଅନୁସୂଚିତ ଜନଜାତିର କୌଣସି ବିଚାରପତି ନାହାନ୍ତି।"ଦେଶର ସମାଜର ବିବିଧତାକୁ ପ୍ରକୃତରେ ପ୍ରତିଫଳିତ କରିବା ପାଇଁ ନ୍ୟାୟପାଳିକାରେ ବ୍ୟାପକ ସାମାଜିକ ପ୍ରତିନିଧିତ୍ୱ ଜରୁରୀ।"ସେ ନ୍ୟାୟପାଳିକାରେ ବିଚାରପତିଙ୍କ ସଂଖ୍ୟା କମ ଥିବା ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ସେ କହିଥିଲେ ଯେ ଦେଶରେ ବିଚାରପତି-ଜନସଂଖ୍ୟା ଅନୁପାତ ଯଥେଷ୍ଟ କମ୍, ଏବଂ ଉଚ୍ଚ ନ୍ୟାୟାଳୟରେ ବହୁ ସଂଖ୍ୟକ ପଦବୀ ଖାଲି ପଡ଼ିଛି, ଯେତେବେଳେ ମଞ୍ଜୁରୀପ୍ରାପ୍ତ କ୍ଷମତା ମଧ୍ୟ ପର୍ଯ୍ୟାପ୍ତ ନୁହେଁ।"ବିଚାରାଳୟ ଉପରେ ଜନସାଧାରଣଙ୍କ ଆସ୍ଥା ବଜାୟ ରଖିବା ପାଇଁ ଗୁରୁତର ଅଭିଯୋଗ ଏବଂ ଯଥେଷ୍ଟ ପ୍ରମାଣର ସମ୍ମୁଖୀନ ହେଉଥିବା ବିଚାରପତିମାନଙ୍କୁ ନିଲମ୍ବିତ କରିବା ପାଇଁ ଏକ ଆଇନଗତ ବ୍ୟବସ୍ଥା ସୃଷ୍ଟି କରିବାକୁ ସାଂସଦ ଦାବି କରିଥିଲେ। ସେ କହିଥିଲେ ଯେ ବର୍ତମାନର ମହାଭିଯୋଗ ପ୍ରକ୍ରିୟା ଲମ୍ବା ଏବଂ ଅତ୍ୟନ୍ତ ଜଟିଳ।

# ଜିଲ୍ଲାସ୍ତରରେ ଶିଶୁ ଶ୍ରମିକ ବିଲୋପ ଓ ଯଶୋଦା ଯୋଜନା ମାଧ୍ୟମରେ ଶିଶୁଙ୍କୁ ଦକ୍ଷତା ବିକାଶରେ ସାମିଲ ସକାଶେ କର୍ମଶାଳା




ଭଦ୍ରକ , ୧୨/୩ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଭଦ୍ରକ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିଶୁ ଶ୍ରମିକ ବିଲୋପ ଓ ଯଶୋଦା ଯୋଜନା ମାଧ୍ୟମରେ ଶିଶୁ ଙ୍କୁ ଦକ୍ଷତା ବିକାଶ ରେ ସାମିଲ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଶିଶୁ ମଙ୍ଗଳ କମିଟି ର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣି ରୂପାଲି ମିତ୍ର, ଜିଲ୍ଲା ଶ୍ରମ ଅଧିକାରିଣୀ ପ୍ରେମ ମଞ୍ଜରୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଜିଲ୍ଲା କର୍ମ ନିୟୋଜନ ଓ ଦକ୍ଷତା ଅଧିକାରିଣୀ ଅନିତା ନାୟକ, ବିଜ୍ଞାନ ପରିଦର୍ଶିକା ହିମାଦ୍ରି ତନୟା ବିଶ୍ୱାଳ, ଶିଶୁ ମଙ୍ଗଳ ସଦସ୍ୟ ପ୍ରଦୀପ୍ତ କୁମାର କର , ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ।ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସ ଙ୍କ ମଞ୍ଚ ସଂଚାଳନ ରେ ବିଷୟ ବିଶାରଦ ରୂପେ କଲ୍ୟାଣ କିଶୋର ମହାନ୍ତି ଓ ବରିଷ୍ଠ ନାଗରିକ ପରିଷଦ ର ପରାମର୍ଶ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ କିଶୋର ନ୍ୟାୟ ଆଇନ ବ୍ୟବସ୍ଥାରେ ଶିଶୁ ମାନଙ୍କୁ ଦକ୍ଷତା ବିକାଶ ସକାଶେ ଯଶୋଦା ଯୋଜନା ମାଧ୍ୟମରେ କିପରି ସାମିଲ କରାଯିବ ଓ ଜିଲ୍ଲା ସ୍ତରରେ ଶିଶୁ ଶ୍ରମିକ ବିଲୋପ ପାଇଁ ସବୁସ୍ତରରୁ ବ୍ୟକ୍ତି ବିଶେଷ ଙ୍କ ପ୍ରଚେଷ୍ଟା ଆବଶ୍ୟକ । ଶିଶୁ ଶ୍ରମିକ,ଭିକ୍ଷା ବୃତ୍ତି,ଅବହେଳିତ ଶିଶୁ ଙ୍କୁ ଉଦ୍ଧାର କରିବା ସହ ଥଇଥାନ ପାଇଁ ବିଧିବଦ୍ଧ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ । ଶିଶୁ ଶ୍ରମିକ ଭଳି କୁତ୍ସିତ ପ୍ରଥା କୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତି ଓ ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ମତ ପାଇଥିଲା ।ଏଥିପାଇଁ ସମସ୍ତ ବ୍ୟକ୍ତି ଓ ଅଂଶୀଦାର ପ୍ରମୁଖ ସହଯୋଗ କରିବା ଆବଶ୍ୟକ ବୋଲି କର୍ମଶାଳା ରେ ଉଲ୍ଲେଖ ହୋଇଥିଲା। ତେବେ ଜିଲ୍ଲା ଶିଶୁ ଶ୍ରମିକ ମୁକ୍ତ ହୋଇପାରିବ ବୋଲି ଅତିଥି ମାନେ ମତ ପ୍ରଦାନ କରିଥିଲେ। ତତ୍ ସହ ତୃଣ ମୂଳ ସ୍ତରରେ ପିତୃ ମାତୃ ହୀନ ଶିଶୁ ଙ୍କୁ ଯଶୋଦା ଯୋଜନା ରେ ସାମିଲ ସକାଶେ ସମସ୍ତଙ୍କୁ ଆଲୋକପାତ କରାଯାଇଥିଲା ।କର୍ମଶାଳା ରେ ସମସ୍ତ ବ୍ଲକ୍ ରୁ ଶିଶୁ ବିକାଶ ଅଧିକାରିଣୀ, ମହିଳା ପରିଦର୍ଶିକା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଶିଶୁ ଅନୁଷ୍ଠାନ ର କର୍ମକର୍ତ୍ତା, ଚାଇଲ୍ଡ ଲାଇନ ର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଢ଼ିଆରୀ, ରମାକାନ୍ତ ଜେନା, ଲକ୍ଷ୍ମଣ ଜେନା, ଦିଗ୍ ବିଜୟ ମହାନ୍ତି,ଚନ୍ଦ୍ରକାନ୍ତ ଗୋଚ୍ଛାୟତ ସମେତ ଶିଶୁ ସୁରକ୍ଷା ୟୁନିଟ ର ସ୍ୱାଗତିକା ବାରିକ୍,ବିଶ୍ୱ ନାରାୟଣ ପଣ୍ଡା,ମହେଶ ଚନ୍ଦ୍ର ଦାଶ,ଦମୟନ୍ତୀ ଦାଶ , ଲକ୍ଷ୍ମୀ ପ୍ରିୟା ମଲ୍ଲିକ, ସୁଭାଶିଷ ମିଶ୍ର, କୁଳଦୀପ ଜେନା, ଧୀରଜ୍ ବାରିକ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ। ପରିଶେଷରେ ବିଶ୍ୱ ନାରାୟଣ ପଣ୍ଡାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଂଶୁଘାତ ମୁକାବିଲା: ଖରାଦିନେ ହେବନି ବିଦ୍ୟୁତ କାଟ୍

ଭୁବନେଶ୍ୱର, ୧୨/୩ (ନି.ପ୍ର): ଅଂଶୁଘାତ ମୁକାବିଲା, ଖରା ଦିନେ ହେବନି ବିଦ୍ୟୁତ କାଟ୍ । ୩୧ ପୌରାଞ୍ଚଳ ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ହିଟୱେଭ ଆକ୍ସନ ପ୍ଲାନ । ୧୦ ପୌରାଞ୍ଚଳ ହିଟୱେଭ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି । ୩୦ ଜିଲ୍ଲା ଓ ଟ୍ୱିନ ସିଟି ପାଇଁ ପ୍ରସ୍ତୁତ ହୋଇଛି ହିଟୱେଭ ଆକ୍ସନ ପ୍ଲାନ । ଏହାସହିତ ଅଂଶୁଘାତ ମୁକାବିଲା ପାଇଁ ରାଜ୍ୟ ଓ ଜିଲ୍ଲାସ୍ତରରେ ଖୋଲିଛି କଣ୍ଟ୍ରୋଲ ରୁମ । ଜାତୀୟ ବିପର୍ଯ୍ୟୟ ତାଲିକାରେ ସାମିଲ ହେବ ହିଟୱେଭ, ସୁପାରିଶ କରିଛନ୍ତି ୧୬ ତମ ଅର୍ଥ କମିସନ । ଏନେଇ ଗୃହରେ ଲିଖିତ ଉତ୍ତର ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।

# ଯୁଗପୁରା ବଜାର ଓ ରେଳ ଷ୍ଟେସନ ପାଇଁ ଏ.ଟି.ଏମ୍‌ର ଆବଶ୍ୟକତା: ଯାତ୍ରୀ ହୀନସ୍ତା

ବୈଶିଙ୍ଗା , ୧୨/୩ (ନି.ପ୍ର): ବୈଶିଙ୍ଗା ବଜାର ତଥା ୧୮ନଂ ଜାତୀୟ ରାଜପଥ ବରଜପୁର ଛକ ଠାରୁ ତିନି କିମି ଦୂରରେ ଅବସ୍ଥିତ ଯୁଗପୁରା ରେଳ ଷ୍ଟେସନ। ନିକଟବର୍ତ୍ତୀ ସ୍ଥାନରେ ଛୋଟ ବଡ଼ ଦୋକାନ ମାନଙ୍କୁ ନେଇ ଏକ ବଜାର ସୃଷ୍ଟି ହେଉଥିବା ଲକ୍ଷ କରାଯାଇଛି। ଏଥି ସହିତ ଆମ୍ବିକା ରାଇସ ମିଲ ସଂଲଗ୍ନ ଷ୍ଟେସନ ବଜାର, ୫୦ ମିଟର ଦୂରରେ ସନ୍ତରା ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ କାର୍ଯ୍ୟାଳୟ, ପୋଷ୍ଟ ଅଫିସ ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ର ଶାଖା ସ୍ଥାପିତ ହୋଇଛି। ଜିଲ୍ଲାର ସର୍ବପୁରାତନ ରାଇସ୍ ମିଲ୍ ମଧ୍ୟ କାର୍ଯ୍ୟକ୍ଷମ। ସ୍ୱଳ୍ପ ଦୂରତା ରେ ଉତ୍ତର ଓଡ଼ିଶାର ସର୍ବବୃହତ 'ବୈଶିଙ୍ଗା ଅରୋ ଫ୍ଲୋର ମିଲ' ଅବସ୍ଥିତ। ଯୁଗପୁରା ବଜାର ଓ ସନ୍ନିକଟ ଅଞ୍ଚଳର ଜନସଂଖ୍ୟା ପଚିଶ ହଜାର ରୁ ଉର୍ଦ୍ଧ୍ୱ। ତେବେ ଏଠାରେ ଏଟିଏମ୍ ଟିଏ ନଥିବା ଅଞ୍ଚଳବାସୀଙ୍କ ଦୁଃଖର କାରଣ ହୋଇଛି। ଅନେକ ସମୟରେ ଟ୍ରେନ ଧରିବାକୁ ଆସୁଥିବା ଯାତ୍ରୀଙ୍କ ଟଙ୍କା ଦରକାର ପଡିଲେ ତୁରନ୍ତ ମିଳି ପାରେ ନାହିଁ, ଗ୍ରାମ୍ୟ ବ୍ୟାଙ୍କରେ ଲାଇନରେ ଛିଡ଼ା ହୋଇ ରହିବାକୁ ପଡୁଥିବା ଅଞ୍ଚଳବାସୀଙ୍କ ଅଭିଯୋଗ। ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀ ମାନଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଅର୍ଥରାଶି ପ୍ରଦାନ କରାଯାଉଥିବା ବେଳେ ଆବଶ୍ୟକ ସମୟରେ ଟଙ୍କା ଉଠାଇବା ପାଇଁ ଏକ ମାତ୍ର ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଭିଡ଼ ଯୋଗୁଁ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।ନୋଚେତ ୨/୩ କିମି ଦୂରରେ ବୈଶିଙ୍ଗା ସ୍ଥିତ ଏଟିଏମ୍ କୁ ଆସିବାକୁ ପଡୁଛି ।ଏଣୁ ଜିଲ୍ଲାପାଳ ଏଦିଗରେ ଜରୁରୀ ପଦକ୍ଷେପ ଗ୍ରହଣ କରିବା ସହିତ ବ୍ୟାଙ୍କ ଅଧିକାରୀ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଏକ ଏଟିଏମ୍ ସ୍ଥାପନ କରାଇବା ପାଇଁ ଯୁଗପୁରା ବଜାର ବ୍ୟବସାୟୀ ସଂଘ ଓ ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନେ ଦାବି କରିଛନ୍ତି। ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ମଧ୍ୟ ନଜିର ନାହିଁ। ଏଠାରେ ଏଟିଏମ୍ ସ୍ଥାପନ କରାଗଲେ ରେଳ ଯାତ୍ରୀ ତଥା ଅଞ୍ଚଳବାସୀ ଉପକୃତ ହୋଇପାରିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆମେରିକା-ଇସ୍ରାଏଲ...

ଏହି ୩ ସର୍ତ୍ତ ପୂରଣ ହେଲେ ଇରାନ ଯୁଦ୍ଧ ବନ୍ଦ କରିବ।" ଇରାନୀୟ ରାଷ୍ଟ୍ରପତିଙ୍କ ଯୁଦ୍ଧ ବିରତି ପ୍ରସ୍ତାବ ପୂର୍ବରୁ ଇରାନ ସଶସ୍ତ୍ର ବଳର ମୁଖପାତ୍ର ଅବୋଲଫଜଲ ଶେକାରଚି କହିଥିଲେ ଯେ ଗଲ୍ଫ ଦେଶର କୌଣସି ପୋର୍ଟ, କୌଣସି ଅର୍ଥନୀତିକ ଠିକଣା ଓ କେନ୍ଦ୍ର ଇରାନ ଟାର୍ଗେଟରୁ ବାହାରେ ନାହାନ୍ତି। ଯଦି ୱାଶିଂଟନ ଇରାନୀୟ ପୋର୍ଟ ଉପରେ ହମଲା କରେ, ତା'ହେଲେ ଆମେ ମଧ୍ୟ ସେଗୁଡ଼ିକୁ ଟାର୍ଗେଟ କରିବୁ। ଯଦି ଇରାନୀ ପୋର୍ଟ ଉପରେ ଆକ୍ରମଣ କରାଯିବ, ତା'ହେଲେ ଏଯାଏ ଆମେ କରିଥିବା ଅପରେସନ ଠାରୁ ଆହୁରି ଅଧିକ ଗୁଣା ଶକ୍ତି ସହ ହମଲା କରାଯିବ। ଆମେ ଗଲ୍ଫ ଦେଶଗୁଡ଼ିକୁ ସେମାନଙ୍କ ମାଟିରେ ଥିବା ଆମେରିକୀୟଙ୍କୁ ବହିଷ୍କୃତ କରିବାକୁ ନିବେଦନ କରୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି ଯେ ଆମେରିକା ଓ ତେଲ ଅଭିଭର ଘନଘନ ଆକ୍ରମଣ ସତ୍ତ୍ୱେ ଇରାନ ସରକାର ଭୁଶୁଡ଼ିବାର କୌଣସି ଗ୍ୟାରେଣ୍ଟୀ ନାହିଁ। ଇରାନ ଯୁଦ୍ଧକୁ ଲମ୍ବା ସମୟଧରି ଜାରି ରଖିପାରେ ବୋଲି ମଧ୍ୟ ସେମାନେ ଗୁଇନ୍ଦା ସୂଚନା ପାଇଛନ୍ତି। ଏହା ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ସେ ଚାହିଁଲେ ଇରାନ ସହ ଚାଲିଥିବା ଯୁଦ୍ଧ ଶେଷ ହୋଇଯିବ।

### ଡରାଇଲାଣି ତାତି,...

ଖରାଦିନ ପାଇଁ ସରକାରଙ୍କ ପ୍ରସ୍ତୁତି ନେଇ ଗୃହରେ ଉତ୍ତର ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଖରାଦିନରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସରବରାହ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ସେହିପରି ଅଂଶୁଘାତ ମୁକାବିଲା ପାଇଁ ୩୧ ପୌରାଞ୍ଚଳ ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ହିଟ୍‌ୱେଭ୍ ଆକ୍ସନ୍ ପ୍ଲାନ୍ । ୧୦ ପୌରାଞ୍ଚଳ ହିଟ୍‌ୱେଭ୍ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ହୋଇଛି । ରାଜ୍ୟ ଓ ଜିଲ୍ଲାସ୍ତରରେ ଖୋଲିଛି କଣ୍ଟ୍ରୋଲ ରୁମ ।

### କେବଳ ଆୟ ଆଧାରରେ...

କର୍ମଚାରୀଙ୍କ ପିଲାମାନଙ୍କୁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରିଛନ୍ତି, କାରଣ ସେମାନଙ୍କୁ ଆଉ କେବଳ ସେମାନଙ୍କ ଦରମା ଉପରେ ଆଧାରିତ ସଂରକ୍ଷଣରୁ ବାଦ୍ ଦିଆଯିବ ନାହିଁ । ହଜାର ହଜାର ଯୁବକ ଯୁବତୀଙ୍କ ପାଇଁ ଚାକିରି ଏବଂ ପଦୋନ୍ନତିର ଦ୍ୱାର ଖୋଲିଲା । ଏହି ନିଷ୍ପତ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ପୂର୍ବବର୍ତ୍ତୀ ଭାବରେ କାର୍ଯ୍ୟକାରୀ ହେବ, ଯାହା ଦ୍ୱାରା ଭୁଲ ପରିଭାଷା ଯୋଗୁଁ ପୂର୍ବରୁ ସଂରକ୍ଷଣରୁ ବାଦ ପଡ଼ିଥିବା ଅନେକଙ୍କୁ ଲାଭ ମିଳିବ। ସୁପ୍ରିମକୋର୍ଟ ୨୦୧୨ ରୁ ୨୦୧୭ ମଧ୍ୟରେ ହୋଇଥିବା ସିଭିଲ୍ ସେବା ପରୀକ୍ଷା ସହିତ ଜଡିତ ଆଇନଗତ ଲଢ଼େଇ ଲଢୁଥିବା ପ୍ରାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରିଛନ୍ତି। କୋର୍ଟ ଆଗାମୀ ଛଅ ମାସ ମଧ୍ୟରେ ଏହି ମାମଲାଗୁଡ଼ିକୁ ପୁନଃ ଯାଞ୍ଚ କରିବାକୁ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମାନ୍ୟତା ପ୍ରଦାନ କରିବାକୁ ଡିଓପିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ପ୍ରକ୍ରିୟା ବିଦ୍ୟମାନ କର୍ମଚାରୀଙ୍କ ବରିଷ୍ଠତାକୁ ପ୍ରଭାବିତ କରିବ, ତେବେ ସରକାରଙ୍କୁ ସେମାନଙ୍କ ପାଇଁ ଅତିରିକ୍ତ ପଦବୀ ସୃଷ୍ଟି କରିବାକୁ ପଡିବ, ଯାହା ସରକାର ପୂର୍ବରୁ ପ୍ରତିଶ୍ରୁତି ମଧ୍ୟ ଦେଇ ସାରିଛନ୍ତି । ବିଶେଷଜ୍ଞମାନଙ୍କ ଅନୁସାରେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଭବିଷ୍ୟତର ସମସ୍ତ ସିଭିଲ୍ ସର୍ଭିସ୍ ପରୀକ୍ଷା ଏବଂ ସରକାରୀ ଚାକିରି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବ। ବୈଧ ଓବିସି-ଏନ୍‌ସିଏଲ୍ ପ୍ରମାଣପତ୍ରଗୁଡ଼ିକୁ ଏବେ ଭବିଷ୍ୟତ ପରୀକ୍ଷାରେ ପ୍ରାଥମିକତା ଦିଆଯିବ, ଏବଂ କେବଳ ଦରମା ଆଧାରରେ ଆବେଦନ ପ୍ରତ୍ୟାଖ୍ୟାନ ଶେଷ ହୋଇଯିବ।

### ପାକିସ୍ତାନର ଶିଳ୍ପ...

ସୁଇ ଗ୍ୟାସ୍ କ୍ଷେତ୍ରରୁ କରାଚୀକୁ ଇନ୍ଧନ ନେଇଯାଉଥିବା ୩୬ ଇଞ୍ଚର ପ୍ରମୁଖ ପାଇପଲାଇନକୁ ବିସ୍ଫୋରକ ଦ୍ୱାରା ଉଡ଼ାଇ ଦିଆଯାଇଛି। ବିଆରଜି ମୁଖପାତ୍ର ଦୋସ୍ତାଇନ୍ ବଲୁଚ୍ କହିଛନ୍ତି ଯେ, ବଲୁଚିସ୍ତାନର ପ୍ରାକୃତିକ ସମ୍ପଦକୁ ପାକିସ୍ତାନ ସରକାର ଯେଉଁ ଶୋଷଣ କରୁଛନ୍ତି, ଏହା ତାହାର କଡ଼ା ଜବାବ । ଅନ୍ୟପଟେ, ବଲୁଚିସ୍ତାନ ଲିବରେସନ ଫ୍ରଣ୍ଟ (ବିଏଲଏଫ୍) ସେନା ବିରୁଦ୍ଧରେ ଏକ ବଡ଼ ଅପରେସନ ଆରମ୍ଭ କରିଛି। ଟମ୍ପ ଅଞ୍ଚଳର ଆପସି ଖାନଠାରେ ଥିବା ପାକିସ୍ତାନୀ ସାମରିକ ଚେକପୋଷ୍ଟକୁ ଚାରିପଟୁ ଘେରିଯାଇ ବିଏଲଏଫ୍ ଯୋଦ୍ଧାମାନେ ରକେଟ୍, ମୋର୍ଟାର ଓ ସ୍ନାଇପର ରାଇଫଲ୍‌ରେ ପ୍ରବଳ ଗୁଳିବର୍ଷା କରିଥିଲେ। ଏହି ଭୟଙ୍କର ରକ୍ତପାତରେ ୧୫ ଜଣ ପାକିସ୍ତାନୀ ସୈନିକ ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି। ସେନା ମୃତଦେହ ଉଦ୍ଧାର କରିବାକୁ ଯାଉଥିବା ସମୟରେ ବିଦ୍ରୋହୀମାନେ ପୂର୍ବରୁ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ କରିଥିଲେ, ଯେଉଁଥିରେ ସାମରିକ ଗାଡ଼ି ସହ ଆହୁରି ୪ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ, ତୁରବତ ନିକଟରେ ପଞ୍ଜାବ ପ୍ରଦେଶକୁ ଯାଉଥିବା ଦୁଇଟି ଗ୍ୟାସ୍ ଟ୍ୟାଙ୍କରକୁ ବିଦ୍ରୋହୀମାନେ ନିଆଁ ଲଗାଇ ଭସ୍ମ କରିଦେଇଛନ୍ତି। ଏହି ଘଟଣା ପରେ ପାକିସ୍ତାନର ଶିଳ୍ପାଞ୍ଚଳଗୁଡ଼ିକୁ ଗ୍ୟାସ୍ ଯୋଗାଣ ବନ୍ଦ ହୋଇଯାଇଥିବାରୁ ଦେଶରେ ଏକ ବଡ଼ ଧରଣର ଅର୍ଥନୈତିକ ସଙ୍କଟ ଦେଖାଦେଇଛି ।

### ଯଥେଷ୍ଟ ଗ୍ୟାସ୍ ଅଛ...

ଚଢ଼ଉ ପାଇଁ ବିଭାଗୀୟ ଅଧିକାରୀ ନିୟୋଜିତ ଅଛନ୍ତି। କଳାବଜାର ଖବର ମିଳିଲେ ଦୃଢ଼ ପଦକ୍ଷେପ ନେବାକୁ ସେ କହିଛନ୍ତି। କଟକ ବଡ଼ ମେଡିକାଲ ଭଳି ସମ୍ବେଦନଶୀଳ ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ମାର୍କେଟିଙ୍ଗ ଅଫିସରମାନେ ସ୍ଥିତି ଅନୁଧ୍ୟାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ବିଭାଗୀୟ ସଚିବ ସଞ୍ଜୟ କୁମାର ସିଂହ, ରାଜ୍ୟ ଖାଦ୍ୟ ନିଗମର ପରିଚାଳନା ନିର୍ଦ୍ଦେଶକ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆମେରିକାରେ ୭୫୦...

ଟ୍ରମ୍ପ ପ୍ରଶାସନ ପ୍ରଥମେ ୧୫୦୦ ସ୍ଲିପର୍ ସେଲ୍ ଏଜେଣ୍ଟଙ୍କୁ ଧରିଥିଲେ କିନ୍ତୁ ସେମାନଙ୍କ ମଧ୍ୟରୁ ୭୫୦ ଜଣଙ୍କୁ ମୁକ୍ତ କରାଯାଇଥିଲା। ଏବେ, ସେମାନେ ସମସ୍ତେ ଆମେରିକାରେ ଲୁଚି ରହିଛନ୍ତି। ସେମାନଙ୍କ ବିଷୟରେ ସୂଚନା ମଧ୍ୟ ନାହିଁ । ରାଷ୍ଟ୍ରପତି ହେବା ପରେ, ଟ୍ରମ୍ପ ପୂର୍ବର ଜୋ ବାଇଡେନ ପ୍ରଶାସନ ଉପରେ ଇରାନୀ ସ୍ଲିପର୍ ସେଲ୍‌କୁ ମଜବୁତ କରିବାର ଅଭିଯୋଗ ମଧ୍ୟ ଲଗାଇଥିଲେ। ଆମେରିକାରେ ଇରାନୀ ସ୍ଲିପର୍ ସେଲ୍‌ର ଏଜେଣ୍ଟମାନେ ଡୋନାଲ୍ଡ ଟ୍ରମ୍ପ ଏବଂ ପୂର୍ବତନ ଏନ୍‌ଏସ୍‌ଏ ଜନ୍ ବୋଲ୍ଟନଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ହତ୍ୟା କରିବାକୁ ଚେଷ୍ଟା କରୁଥିବାର ଅଭିଯୋଗ ହୋଇଛି। ଏଫ୍‌ବିଆଇ ଅନୁସାରେ ଇରାନୀ ସ୍ଲିପର ସେଲ୍ ରାଷ୍ଟ୍ରପତି ଟ୍ରମ୍ପ ଏବଂ ଅନ୍ୟ ଅନେକ ଉଚ୍ଚ ଆମେରିକୀୟ ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରୁଛନ୍ତି। ଏହା ସହିତ ଲସ୍ ଆଞ୍ଜେଲସ୍ ସମେତ ଆମେରିକାରେ ରହୁଥିବା ୭ ଲକ୍ଷରୁ ଅଧିକ ଇରାନୀ-ଆମେରିକୀୟ ନାଗରିକ ମଧ୍ୟ ସ୍ଲିପର୍ ସେଲ୍ ଟାର୍ଗେଟରେ ଅଛନ୍ତି।

# ଜେଏସଡବ୍ଲ୍ୟୁର ସମର୍ଥ କେନ୍ଦ୍ରରେ ମହିଳା ଦିବସ ପାଳନ: ମା' ମାନଙ୍କୁ ସମ୍ମାନିତ



ପାରାଦୀପ, ୧୨/୩ (ନି.ପ୍ର): ପାରାଦୀପ ଅନ୍ତର୍ଗତ ନୂଆଗାଁରେ ଅବସ୍ଥିତ ଜେଏସଡବ୍ଲୁ ଫାଉଣ୍ଡେସନର ସମର୍ଥ ଯୁବ ବିକାଶ କେନ୍ଦ୍ରରେ ମହିଳା ଦିବସ ଉତ୍ସାହ ଓ ଉଦ୍ଦୀପନା ର ସହିତ ପାଳିତ ହୋଇଯାଇଛି ।ଏହି ଅବସରରେ ଉକ୍ତ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ମାଆମାନଙ୍କୁ ସମ୍ମାନ ଜଣାଇ ଏକ ଅର୍ଥପୂର୍ଣ୍ଣ ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମାଆମାନଙ୍କର ଶକ୍ତି, ସମର୍ପଣ ଓ ତ୍ୟାଗକୁ ସ୍ୱୀକାର କରାଯାଇଥିଲା। ଯେଉଁମାନେ ନିଜ ସନ୍ତାନଙ୍କ ଭବିଷ୍ୟତ ଗଢ଼ିବାରେ ମୁଖ୍ୟ ଭୂମିକା ନିଭାଇ ଥାଆନ୍ତି ।ଉକ୍ତ ଉତ୍ସବ କୁ ମାଆମାନେ ଆନନ୍ଦମୟ ପରିବେଶରେ କେକ କାଟି ମହିଳା ଦିବସ କୁ ପାଳନ କରିଥିଲେ। ଏହି ଉପଲକ୍ଷେ ମାଆ ମାନଙ୍କୁ ସମ୍ମାନ ସ୍ୱରୂପ ଉପହାର ପ୍ରଦାନ କରାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନୂଆଗାଁ ସରପଞ୍ଚ ଶ୍ରୀମତୀ ସୁଚିତ୍ରା ମନ୍ତ୍ରୀ, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡର ଉପାଧ୍ୟକ୍ଷ (ପ୍ରଶାସନ) ଶ୍ରୀ ମନୋଜ ସିଂହ,ଜେଏସଡବ୍ଲୁ ଫାଉଣ୍ଡେସନ (ସିଏସଆର)ର ଲୋକେସନ୍ ହେଡ୍ ଶ୍ରୀ ଅଭିଜିତ ମହାନ୍ତି ଏବଂ ଗୁରୁକୁଳ ଫାଉଣ୍ଡେସନର ମୁଖ୍ୟ ଶ୍ରୀ ସୂରଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁକୁଳ ଫାଉଣ୍ଡେସନର ଶିକ୍ଷକ,କର୍ମଚାରୀ ଓ ଅନେକ ଛାତ୍ରଛାତ୍ରୀ ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ ।ଆଲୋଚନା ସେସନରେ ଝରଣା ନାୟକ, କଲ୍ୟାଣୀ ଦାସଙ୍କ ସମେତ ଅନ୍ୟାନ୍ୟ ମାଆମାନେ ନିଜ ଝିଅ ମାନଙ୍କର ପ୍ରେରଣାଦାୟକ ଯାତ୍ରା ବିଷୟରେ ଅନୁଭବ ବାଣ୍ଟିଥିଲେ। ସେମାନେ କହିଥିଲେ ଯେ ସମର୍ଥ ଯୁବ ବିକାଶ କେନ୍ଦ୍ର ଯୁବ ପିଢ଼ିକୁ ମାର୍ଗଦର୍ଶନ,ଶିକ୍ଷା ଓ ନୂତନ ସୁଯୋଗ ପ୍ରଦାନ କରି ଜୀବନକୁ ପରିବର୍ତ୍ତନ କରୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯେତେବେଳେ ମାଆ ମାନେ ସଶକ୍ତ ହୁଅନ୍ତି ଏବଂ ସନ୍ତାନ ମାନେ ଠିକ୍ ଶିକ୍ଷା ଓ ସମର୍ଥନ ପାଆନ୍ତି,ସମାଜର ଭବିଷ୍ୟତ ଅଧିକ ଉଜ୍ଜ୍ୱଳ ଓ ସୁଦୃଢ଼ ହୋଇ ଉଠିଥାଏ ବୋଲି ମତ ପ୍ରକାଶ ପାଇଥିଲା।

# ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟରେ ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଜଳେଶ୍ୱର, ୧୨/୩ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ,ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ବାଲେଶ୍ୱରଙ୍କ ସହଯୋଗରେ ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ ଆୟୋଜନରେ ଜଳେଶ୍ୱର ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରରେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ,ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତରେ ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହିତ ଅସ୍ଥିଶଲ୍ୟ,ରକ୍ତ ହୀନତା, ସ୍ନାୟୁ ଆଘାତ, ଦୃଷ୍ଟିବାଧିତ, ମାନସିକ ଅଗ୍ରସର, ବିଭାଗର ଡ଼ାକ୍ତର ମାନେ ଉପସ୍ଥିତ ରହି ସବୁ ବିଭାଗର ହିତାଧିକାରୀ ମାନଙ୍କୁ ପରୀକ୍ଷା କରି ଚିହ୍ନଟ କରାଯାଇ ଥିଲା।ସମସ୍ତ ୱାର୍ଡ଼ କାଉନ୍ସିଲର, ଅଙ୍ଗନବାଡ଼ି,ଆଶାକର୍ମୀ ମାନେ ଉପସ୍ଥିତ ରହି ଏହି ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ସହଯୋଗ କରିଥିଲେ।ଏହି ଶିବିରରେ ଅସ୍ଥିଶଲ୍ୟ,ରକ୍ତ ହୀନତା,ସ୍ନାୟୁ ଆଘାତ ବିଭାଗ ପକ୍ଷରୁ-୧୧୦,ଦୃଷ୍ଟିବାଧିତ ବିଭାଗପକ୍ଷରୁ ୨୮,ମାନସିକ ଅଗ୍ରସର ପକ୍ଷରୁ ୩୨ ଜଣ,ମେଡିସିନ୍ ଭାଗ ପକ୍ଷରୁ ୨୮, ମଲ୍ଟିପିଲ ପିଡବୁଡ଼ି ବିଭାଗ ପକ୍ଷରୁ ୧୪ ଜଣ ମୋଟ ୨୧୨ ଜଣ ଏହି ସବୁ ବିଭାଗରେ ପଞ୍ଜିକରଣ କରି ଡ଼ାକ୍ତର ମାନଙ୍କ ଠାରୁ ପରୀକ୍ଷା କରେଇ ଥିଲେ।



# ଉଦଳାରେ ବଜାର ଦର ନିର୍ଦ୍ଧାରଣ କରୁଛି କିଏ ? : ଦ୍ୱନ୍ଦରେ ଉଭୟେ ଖାଉଟି ଓ ଚାଷୀ



ଉଦଳା, ୧୨/୩ (ନି.ପ୍ର): କିଛିବର୍ଷ ପୁର୍ବରୁ ଉଦଳା ସହର ମଧ୍ୟରେ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ବଜାରରେ ମାଛ ଓ ମାଂସର କିଲୋଗ୍ରାମ ପ୍ରତି ବିକ୍ରୟ ମୂଲ୍ୟ କେତେ ଟଙ୍କା ରହିବ ଲେଖାଥିବା ସୂଚନା ଫଳକ ଦେଖିବାକୁ ମିଳୁଥିଲା । ଏହାଦ୍ୱାରା ବଜାରରେ ମାଛ ଓ ମାଂସର ଦର ବିଜ୍ଞାପିତ ଅଂଚଳ ନିର୍ଦ୍ଧାରଣ କରୁଛି ବୋଲି ବୁଝାପଡୁଥିଲା । କିଛିବର୍ଷ ପରେ ଏହି ସବୁ ସୂଚନା ଫଳକ ଗୁଡ଼ିକୁ ଉଠାଇ ଦିଆଗଲା । କିଛିଦିନ ପରେ ଏହିସବୁ ସ୍ଥାନ ମାନଙ୍କରେ ନିୟନ୍ତ୍ରିତ ବଜାର କମିଟି, ଉଦଳା ତରଫରୁ ମାଛ ଓ ମାଂସର ଦରଦାମ ଲେଖାଥିବା ସୂଚନା ଫଳକ ଲଗାଗଲା । ଏବେ ବଜାରରେ ମାଛ ଓ ମାଂସର ଦର ନିୟନ୍ତ୍ରିତ ବଜାର କମିଟି ଉଦଳା ଦ୍ୱାରା ନିର୍ଦ୍ଧାରଣ ହେଉଛି ବୋଲି ବୁଝିହେଲା । ଏବେ କିନ୍ତୁ ଦିର୍ଘ ୨୫ ବର୍ଷରୁ ଅଧିକ ସମୟ ଧରି ମାଛ ଓ ମାଂସର ବଜାରଦର କେତେ ରହିବ ଏବଂ ଏହା କିଏ ନିର୍ଦ୍ଧାରଣ କରୁଛି ଲେଖାଥିବା ସୂଚନା ଫଳକ କୌଣସି ସ୍ଥାନରେ ଆଦୌ ଦେଖିବାକୁ ମିଳୁନାହିଁ । ବଜାରରେ ବର୍ତ୍ତମାନ ଯେ କୌଣସି ଲୋକକୁ ପଚାରିଦେଲେ ଧାନର ଦର ସରକାର ନିର୍ଦ୍ଧାରଣ କରୁଛନ୍ତି କହିଦେବ । କିନ୍ତୁ ଧାନ ବାଦ ପନିପରିବା, ମାଛ, ମାଂସ ଇତ୍ୟାଦିର ଦର କିଏ ନିର୍ଦ୍ଧାରଣ କରୁଛି ପଚାରିଲେ ଏହା କାହାକୁ ଜଣାନଥିବାର ଉତର ଆସିବ । ଏହାଦ୍ୱାରା ଉଭୟେ ଖାଉଟି ଓ ଚାଷୀ ଦ୍ୱନ୍ଦରେ ପଡ଼ିଛନ୍ତି । ଏଥିପାଇଁ ପ୍ରବଳ ଜନଅସନ୍ତୋଷ ବଢ଼ିବଢ଼ି ଚାଲିବା ସହ ଆଗାମି ଦିନରେ ଏକ ଆନ୍ଦୋଳନ ଦାନା ବାନ୍ଧୁଥିବାର ଜଣାଯାଇଛି ।

# ଶ୍ରୀହୀନ ହେବାକୁ ଯାଉଛି ମା’ ଭୂଦାରଚଣ୍ଡୀଙ୍କ ପୀଠ: ପ୍ରତିକାର ନେଇ ଉଠିଲା ଦାବି



ନୀଳଗିରି , ୧୨/୩ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସଜନାଗଡର ମା’ଭୂଦାରଚଣ୍ଡୀ ପୀଠର ସ୍ୱତନ୍ତ୍ରତା ରହିଛି । ମା’ଙ୍କ ସ୍ଥାପନାନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନଥିଲେ ମଧ୍ୟ ଲୋକକଥା ଅନୁଯାୟୀ ୧୪୫୨ଖ୍ରୀଷ୍ଟାବ୍ଦରେ ରାଜା ବିରାଟ ଭୂଜଙ୍ଗ ମାନ୍ଧାତା ମା’ଙ୍କ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶପାଇ ମା’ଙ୍କ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ । ତେବେ ପ୍ରାଚୀନ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ମନ୍ଦିରର ନିଖୁଣ କାରୁକାର୍ଯ୍ୟ ଏବେ ବିପଦରେ । ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହେବାକୁ ଯାଉଛି ମନ୍ଦିର ଏବଂ ମନ୍ଦିର ବେଢ଼ା । ରାଜ୍ୟ ଦେବୋତ୍ତର ବିଭାଗ ଅଧିନରେ ଥିବା ଏହି ମନ୍ଦିରର ସୁରକ୍ଷାପାଇଁ ପ୍ରଶାସନର ଆନ୍ତରିକତା ନଥିବା ବାରିହୁଏ । ଦୀର୍ଘ ୫/୬ବର୍ଷ ତଳେ ମନ୍ଦିରର ମୁଖ୍ୟପୂଜକ ବିଜୟ କୁମାର ପଣ୍ଡାଙ୍କ ଉଦ୍ୟମରେ କିଛି ଶ୍ରଦ୍ଧାଳୁ, ଭକ୍ତ ଏବଂ ବଦାନ୍ୟବ୍ୟକ୍ତିଙ୍କ ସହାୟତାରେ ମନ୍ଦିରର ରଙ୍ଗ ଦିଆଯାଇଥିବା ବେଳେ ଏବେ ମୁଖ୍ୟମନ୍ଦିର, ନାଟମଣ୍ଡପ ଏବଂ ମନ୍ଦିର ବେଢ଼ାରେ ସିଉଳିଲାଗି କଳା ପଡ଼ିଯିବା ଏବଂ ବର୍ଷାଦିନେ ଅଧିକାଂଶସ୍ଥାନରୁ ପ୍ଲାଷ୍ଟର ଛାଡି ପାଣିଗଳିବା ଦେଖିବାକୁ ମିଳିଛି । ଫଳରେ ମନ୍ଦିରର ସ୍ଥାୟୀତ୍ୱନେଇ ଆଶଙ୍କା ପ୍ରକାଶପାଇଛି । ନୀଳଗିରି ଠାକୁରମାହାଲକୁ ପୂଜକ ବିଜୟ ପଣ୍ଡା ଏନେଇ ଅବଗତ କରିଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ । ତେବେ ରାଜ୍ୟ ପର୍ଯ୍ୟଟନବିଭାଗ ଦ୍ୱାରା ୨୦ଲକ୍ଷ ଟଙ୍କାର ଅନୁଦାନ ଆସିଥିଲେ ହେଁ ଦୁଇଟି ପର୍ଯ୍ୟାୟରେ ଟେଣ୍ଡର ହୋଇଥିଲା । ମାତ୍ର ପ୍ରଥମଥର ଜଣେ ମାତ୍ର ଆବେଦନକରିଥିବା ବେଳେ ଦ୍ୱିତୀୟଥର ଟେଣ୍ଡରରେ କେହି ଟେଣ୍ଡରଧାରି ଆବେଦନ କରିନଥିବାରୁ ଏହାର ଉନ୍ନତିକରଣ ହୋଇପାରିନଥିବା ନୀଳଗିରି ବିଡ଼ିଓ ବିକ୍ରମକେଶରୀ ପରିଡା ସୂଚନା ଦେଇଛନ୍ତି । ଯଦି ଖୁବଶୀଘ୍ର ମନ୍ଦିରର ମରାମତି ଓ ରଙ୍ଗକାର୍ଯ୍ୟ ନହୁଏ ତେବେ ମନ୍ଦିର ଶ୍ରୀହୀନହେବା ସହିତ ପାଣିଗଳି ମନ୍ଦିରପ୍ରତି ବିପଦଥିବାର ଆଶଙ୍କା ରହିଛି । ଏଦିଗରେ ପ୍ରଶାସନ ଯତ୍ନବାନ ନହେଲେ ପୁରାତନ କୀର୍ତ୍ତିରାଜିର ଏହି ମନ୍ଦିରଟି ନିଜର ଅସ୍ତିତ୍ୱ ହରାଇବବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶପାଇଛି ।

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା’ ‘ମାଳତୀ’



ଉଦଳା, ୧୨/୩ (ନି.ପ୍ର): ଖୁଂଟା ବ୍ଲକର କରକଟିଆ ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବାସିନ୍ଦା ମାଳତି ହେମ୍ବ୍ରମ ଦିର୍ଘବର୍ଷ ଧରି ବିଧବା ଜୀବନ ବିତାଉଥିବାର ଜଣାଇଛନ୍ତି । ତାଙ୍କର ସ୍ୱାମୀ ମଙ୍ଗଲ ହେମ୍ବ୍ରମଙ୍କର ଦେହାନ୍ତ ହୋଇଯିବା ପରେ ସେ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ୱାର ଗୁହାରି ଜଣାଇଥିବାର କହିଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି ଶୁଣି ନାହାଁନ୍ତି କି ଭତା ପ୍ରଦାନ କରିନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି । ତାଙ୍କର ଏକମାତ୍ର ପୁତ୍ର ‘ବାପୁନ’ ଏଠାରେ କୌଣସି କାମଧନ୍ଦା ନପାଇ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଚାଲିଯାଇଥିବାର ଜଣାଇଛନ୍ତି ‘ମାଳତି’ ଏଠାରେ ଏକାକି ରହିବା ସହ ଖୁବ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ ହେଉଛନ୍ତି । ତାଙ୍କର ଦୁଃଖକୁ ବୁଝି ତାଙ୍କୁ ତୁରନ୍ତ ଭତା ପ୍ରଦାନ କରିବାକୁ ଜନଜାଗୃତି ମଂଚର ସ୍ୱେଚ୍ଛାସେବି କୌଳାଶ ଚନ୍ଦ୍ର ନାୟକ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି ।

# ଓଏପିଏଫ କର୍ମଚାରୀ ସରୋଜ ନାୟକଙ୍କ କାର୍ଯ୍ୟରତ ସମୟରେ ଦେହାନ୍ତ

ଜଳେଶ୍ୱର, ୧୨/୩ (ନି.ପ୍ର):ଜଳେଶ୍ୱର ଥାନାର କାର୍ଯ୍ୟରତ ଥିବା ସମୟରେ ଓଏପିଏଫ କର୍ମଚାରି ସରୋଜ ନାୟକଙ୍କ ହଠାତ ଦେହାନ୍ତ ଘଟିଛି ।ସୂଚନାରୁ ପ୍ରକାଶ ଯେ ଆଜି ଦିନ ୧୨ ଘଟିକା ସମୟରେ ଜଳେଶ୍ୱର ଥାନାର ଓଏପିଏଫ କର୍ମଚାରି ସରୋଜ ନାୟକ କୌଣସି ଏକ ପାଇଁ ଜଳେଶ୍ୱର କୋଟକୁ ସାକ୍ଷୀ ଦେବା ପାଇଁ ଯାଇଥିଲେ ।କୋଟ ପରିସରରେ ସାକ୍ଷୀ ଦେବା ପାଇଁ ପ୍ରସ୍ତୁତ ନେବା ସମୟରେ ହଠାତ ତାଙ୍କ ମୁଣ୍ଡ ବୁଲେଇବାରୁ ସେଠାରେ ଲୋକ ମାନେ ତାଙ୍କୁ ଧରି ସୁଆଇ ଦେଇ ଥିଲେ ।ଦେଖିଲା ବେଳକୁ ପାଟି ଦେଇ ଫେଣ ବାହାରୁଛି । କୋର୍ଟ ପରିସରରେ ଥିବା ଥାନା ଅଧିକାରୀ ମାନେ ଜଳେଶ୍ୱର ଥାନାକୁ ଖବର ଦେଇଥିଲେ । ସେଠାରେ ଜଳେଶ୍ୱର ଥାନା ର ଅଧିକାରୀ ମାନେ ପହଞ୍ଚି ସଙ୍ଗେ ସଙ୍ଗେ ଜଳେଶ୍ୱର ହସ୍ପିଟାଲ କୁ ଆଣି ଚିକିତ୍ସା କରିବା ସମୟରେ ଅଧିକ ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ନିଆ ଯାଇ ଥିଲା । ସେଠାରେ ପୁଣି ଗୁରୁତର ହେବାରୁ କଟକ ମୁଖ୍ୟ ଡାକ୍ତର ଖାନାକୁ ନେବା ବାଟରେ ଭଦ୍ରକ ଠାରେ ତାଙ୍କର ଦେହାନ୍ତ ଘଟିକା ବୋଲି ଥାନାର ଅଧିକାରୀ ମାନେ କହିଛନ୍ତି ।ସରୋଜ ନାୟକ ଦେଢ଼ ବର୍ଷ ପୂର୍ବେ ବିବାହ କରିଥିଲେ,ତାଙ୍କର ୬ ମାସର ପୁଅ ଟିଏ ଅଛି । ଏହି ମୃତ୍ୟୁ ଖବର ପାଇ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା,ଆଇଆଇସି ଅଶୋକ କୁମାର ବାରିକ,ସବ ଇନ୍ସପେକ୍ଟର ଚିରଞ୍ଜିବି ରାଉତ, ବନିତା ନାୟକ ଓ ରାଜଲକ୍ଷ୍ମୀ ଦାସ,ଏଏସଆଇ ଧିରେନ ସାମଲ, ସୃଷ୍ଟିଧର ବେହେରା, ଦିଲ୍ଲୀପ କୁମାର ମୁଖୀ, ଲମ୍ବୁଧର ମୁର୍ମୁ, ଚିନ୍ମୟ ପଲେଇ ଓ ଜଳେଶ୍ୱର ହୋମଗାର୍ଡ ସଙ୍ଘର ସଭାପତି ପ୍ରଦୀପ କୁମାର ଜେନା ଙ୍କ ସହ ସମସ୍ତ ଅଧିକାରୀ ମାନେ ଶୋକ ପ୍ରକାଶ କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି ସହିତ ପରିବାରଙ୍କୁ ସାହସ ଦେବା ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥ ଠାରେ ପ୍ରାର୍ଥନା କରିଛନ୍ତି ।

# ଜାତୀୟ ରାଜପଥ ୧୮ନଂ ରୁ ରଘୁନାଥପୁର ମୁଖ୍ୟ ରାସ୍ତା ବିପଦଜନକ

ବୈଶିଙ୍ଗା, ୧୨/୩ (ନି.ପ୍ର): ଗୋଟିଏ ପଞ୍ଚାୟତର ମୂଖ୍ୟ ରାସ୍ତା କେତେ ଅବହେଳିତ ଆଉ ବିପଦ ଜନକ ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନି । ବେତନଟୀ ବ୍ଲକ ଅନ୍ତର୍ଗତ ଗଡଦେଉଳିଆ ପଞ୍ଚାୟତର ଏକ ମୂଖ୍ୟ ରାସ୍ତା ୧୮ନଂ ଜାତୀୟ ରାଜପଥରୁ ରଘୁନାଥପୁର ପର୍ଯ୍ୟନ୍ତ ଦୁଇ କିଲୋମିଟର ଲମ୍ବିଛି । କିଛି ରାସ୍ତା ମେଟାଲ ଓ ମୋରମ ହୋଇଥିବା ବେଳେ, ୫୦ ମିଟର କଙ୍କ୍ରୀଟ ହୋଇଛି ବାକି ଦେଢ଼ କିଲୋମିଟର ରାସ୍ତା ପୁରା ପାଣି କାଦୁଅରେ ପଚପଚ ହୋଇଛି । ସାଇକେଲ ଓ ବାଇକ୍ ଯିବାକୁ ମଧ୍ୟ ଲୋକେ ଡରୁଛନ୍ତି,ସେ ସ୍ଥାନରେ କାର କିମ୍ବା ବଡ ଗାଡି ଯିବା ମୁସ୍କିଲ ହୋଇପଡିଛି । ଅନୁସନ୍ଧାନରୁ ଯାହା ଜଣାପଡ଼ିଛି । ଏହି ମଧ୍ୟ ବର୍ତ୍ତୀ ରାସ୍ତାଟି କଳମା ପଞ୍ଚାୟତରେ ଅବସ୍ଥିତ । ବର୍ତ୍ତମାନର ବିଧାୟକ ସନାତନ ବିଜୁଳି ଏହି କଳମା ପଞ୍ଚାୟତର ବାସିନ୍ଦା ଅଟନ୍ତି । ମାତ୍ର ନିଜ ପଞ୍ଚାୟତ ପ୍ରତି ବିଧାୟକ କେମିତି ସମ୍ବେଦନଶୀଳ ନୁହନ୍ତି ତାହାହିଁ ଚିନ୍ତାର ବିଷୟ ପାଲଟିଛି । ସରକାରୀ ସ୍ତରରେ ଏହି ରାସ୍ତାର ଫିଜିବିଲିଟି ନିଆ ଯାଇ କାର୍ଯ୍ୟ କରାଯିବା ପାଇଁ ମଞ୍ଜୁରୀ ମିଳିଥିଲା, ମାତ୍ର ବିଧାୟକ ଙ୍କ ଚାପରେ ଏହି ରାସ୍ତା ନିର୍ମାଣ ହୋଇ ପାରୁନଥିବା ଅଭିଯୋଗ ଆସିଛି । ବେତନଟି ବିଡିଓ ସୁଶାନ୍ତ କୁମାର ସୁତାର ଏହି ରାସ୍ତା ନିର୍ମାଣ ପାଇଁ ସରଜମିନ ତଦନ୍ତ କରିଥିଲେ ମଧ୍ୟ କେବେ ହେବ ତାହାର କୌଣସି ହିସାବ ନାହିଁ । ରୋଗୀ ଆଣିବାକୁ ଆମ୍ବୁଲାନ୍ସ ଯିବା ପାଇଁ ମଧ୍ୟ ମନାକରି ଦେଉଛନ୍ତି । ଅଟୋ ଓ କାର ଭଡା ଗଲେ ଅଧିକ ଟଙ୍କା ନେବାକୁ ଦାବୀ କରୁଛନ୍ତି ନୋଚେତ୍ ମନା କରି ଦେଉଛନ୍ତି । ତେଣୁ ରଘୁନାଥପୁର ଗ୍ରାମର ସାଧାରଣ ଲୋକଙ୍କ ଅବସ୍ଥା ବେହାଲ ହୋଇ ପଡ଼ିଛି । ତୁରନ୍ତ ଏହି ରାସ୍ତା ନିର୍ମାଣ କରାଯିବା ପାଇଁ ସାଧାରଣରେ ଦାବୀ ହେଉଛି ।

# ବସ୍ତା ପ୍ରିନ୍ସ କଲ୍ୟାଣ ମଣ୍ଡପରେ କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବସ୍ତା, ୧୨/୩ (ନି.ପ୍ର): ଆଜି ବସ୍ତାସ୍ଥିତ କଟିପୋଲ ପ୍ରିନ୍ସ କଲ୍ୟାଣ ମଣ୍ଡପ ପରିଗରରେ ବସ୍ତା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଅଛି । ପୂର୍ବତନ ଜ୍ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ଏକ ସାମ୍ବାଦିକ ସମ୍ମିଳନୀ ରେ ଶ୍ରୀ ରବୀନ୍ଦ୍ର ଜେନା ଙ୍କ ବିଜେପି ରେ ମିଶିବାକୁ ନେଇ ଏଇଭଳି ଚୋକ ଠୋକ ମନ୍ତବ୍ୟ ଦେଇଛନ୍ତି । ମିଶ୍ରଣ ର ଟାଇମିଂ କୁ ନେଇ ମଧ୍ୟ ଶ୍ରୀ ଗିରି ବିଜେପି ଦଳ କୁ କଟାକ୍ଷ କରି କହିଛନ୍ତି ବିଜେପି ନେତା ତଥା ବର୍ତମାନ ର ସାଂସଦ ଶ୍ରୀ ପ୍ରତାପ ଷଡ଼ଙ୍ଗୀ ଶ୍ରୀ ଜେନା ଙ୍କ ସିବିଆଇ ଓ ଚିଟଫଣ୍ଡ ସମ୍ପର୍କିତ କେସ ବାବଦରେ ଅତି କଟୁ ମନ୍ତ୍ୟବ ଦେଇଥିଲା ବେଳେ ଆଜି ସିବିଆଇ ପକ୍ଷରୁ ୧୨।୩।୨୦୨୬ କେସ ର କୋର୍ଟ ତାରିଖ ଓ ୧୬। ୩।୨୦୨୬ ରାଜ୍ୟସଭା ଭୋଟ ପାଇଁ ପରସ୍ପର ଆବଶ୍ୟକତା କୁ ଉପଲବ୍ଧି କରି ଶ୍ରୀ ଜେନା ଙ୍କୁ ବିଜେପି କୁଳେଇ ନେଇ ବିଜେପି ୱାସିଂ ମେସିନ ରେ ପୁରେଇ ସଫା କରିଛନ୍ତି । ପୁଣି ଶ୍ରୀ ଜେନା ଙ୍କ ଭଳି ଜଣେ ବିଚାରଧାରା ବିହୀନ ବହୁରୂପୀ ଏଣ୍ଡୁଅ ସଦୃଶ ରାଜନେତା ଙ୍କ ମାୟାଜାଲ ରୁ ଦୁରେଇ ରହିବା ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀ ଭୋଟର ମାନଙ୍କୁ ନିବେଦନ କରିଥିଲେ ପୂର୍ବତନ କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ଯୁକ୍ତ ଗିରି । ଶ୍ରୀ ଗିରି ଆଗାମୀ ଦିନରେ ଶ୍ରୀ ଜେନା ଙ୍କ କ୍ଷମତା ଲୋଭ ଓ ନିଜର ସୁରକ୍ଷା ପାଇଁ ବିଜେପି କୁ ଯାଇ ଆରମ୍ଭ କରିଥିବା ରାଜନୀତି ର ପର୍ଦାଫାଶ କରିବା ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀ ର ପ୍ରତ୍ୟେକ ପଞ୍ଚାୟତ ରେ “ପର୍ଦାଫାଶ ଯାତ୍ରା ” କରାଯିବ ବୋଲି ଘୋଷଣା କରିଥିଲେ । ବସ୍ତା ନିର୍ବାଚନ ମଣ୍ଡଳୀ ନେତା ଶ୍ରୀ ବିଜନ ନାୟକ ଶ୍ରୀ ଜେନା ଙ୍କୁ ଆହ୍ୱାନ ଦେଇ କହିଥିଲେ ବିଜେପି ରେ ମିଶି ଶ୍ରୀ ଜେନା ବସ୍ତା ଭୋଟର ମାନଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ତେଣୁ ତୁରନ୍ତ ତାଙ୍କ ସହଧର୍ମିଣୀ ବସ୍ତା ବିଧାୟିକା ନିଜର ବିଧାୟକ ପଦବୀ ରୁ ଇସ୍ତଫା ଦେଇ ସାନି ମତ ଭିକ୍ଷା କରନ୍ତୁ । ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା, ଜ୍ଜିଲ୍ଲା କଂଗ୍ରେସ ଉପସଭାପତି ସୁଧାଂଶୁ ଜେନା ଜୟନ୍ତ କୁମାର ମହାପାତ୍ର ମନୋଜ କୁମାର ମହାନ୍ତି ଅରୁଣ ମଣ୍ତଳ ମଦନଭକ୍ତା ସମେତ କଂଗ୍ରେସ କର୍ମୀ ଉପସ୍ଥିତଥିଲେ ।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୪୫ତମ ପ୍ରତିଷ୍ଠା ଦିବସ ପାଳନ



ଭଦ୍ରକ , ୧୨/୩ (ନି.ପ୍ର): ଜିଲ୍ଲାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ର ୪୫ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇ ପତାକା ଉତ୍ତୋଳନ କରାଯାଇଛି, ଭଦ୍ରକରେ, ବନ୍ତ ଛକ, ବାସୁଦେବପୁର, ଚାନ୍ଦବାଲି, ଆଗର ପଡା ରେ ମଧ୍ୟ ପାଳନ କରାଯାଇଛି,୧୯୮୧ ମସିହାରେ ମହିଳା ସମିତି ପ୍ରତିଷ୍ଠା କରା ଯାଇଥିଲା, ଏହାର ମୁଖ୍ୟ ଉଦେଶ୍ୟ ଗଣତନ୍ତ୍ର, ସମାନତା , ନାରୀ ମୁକ୍ତି ଅଟେ। ଏହି ସଙ୍ଗଠନ ରେ ଯେ କୌଣସି ମହିଳା, ଯେଉଁ ଜାତି, ଧର୍ମ ବର୍ଣ୍ଣ ନର୍ବିଶେଷରେ ସଭ୍ୟ ହୋଇ ପାରିବେ, ଆଜି ସାରା ଭାରତ ବର୍ଷରେ ୨୬ଟି ରାଜ୍ୟରେ ମହିଳା ସମିତି ମହିଳାଙ୍କ ଅଧିକାର ପାଇଁ ଲଢ଼େଇ କରୁଅଛି, ଆଜି ୧କୋଟିରୁ ଅଧିକ ମହିଳା ଏହି ସାଙ୍ଗ ଠନ ରେ କାମ କରୁଛନ୍ତି । ଦେଶରେ ଅଧିକାଂଶ ମହିଳା ସହର ଓ ଗ୍ରାମିଣ କ୍ଷେତ୍ର ରେ କାମ କରୁଛନ୍ତି ।ଯେ ପର୍ଯ୍ୟନ୍ତ ମହିଳା ଟିଏ ସମାନ ଅଧିକାର, ସାମାଜିକ, ରାଜନୈତିକ, ଆର୍ଥିକ କ୍ଷେତ୍ରରେ ନ ମିଳିଛି ଏବଂ ମହିଳା ଟି ବ୍ୟକ୍ତି ହିସାବରେ ଏ ସମାଜରେ ଗ୍ରହଣ ନକରିଛି , ସେ ପର୍ଯ୍ୟନ୍ତ ଏ ଲଢ଼େଇ ଜାରି ରହିଥିବା ବୋଲି ଅଖିଳ ଭାରତ ଗଣ ତାନ୍ତ୍ରିକ ମହିଳା ସମିତି ର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ମତବ୍ୟକ୍ତ କରିଛନ୍ତି, ମହିଳା ସମିତି ର ଜିଲ୍ଲା ସଭାପତି ମମତା ଜେନା, ପ୍ରଭାତୀ ଜେନା, ସୀତା ରାଣୀ ଦାସ, କାମିନୀ ଭୋଇ, ରୋଜାଲିନ ସାମ୍ୟବାଦୀ, ପକିନି ମୁଣ୍ଡା, ସୁରୁ ପ୍ରଭୃତି ପତାକା ଉତ୍ତୋଳନରେ ଯୋଗ ଦେଇଥିଲେ ।

# ଦେଶୀମଦ କାରଖାନା ଉପରେ ଚଢ଼ାଉ



ବେତନଟୀ/ବୈଶିଙ୍ଗା, ୧୨/୩ (ନି.ପ୍ର): ବଡ଼ସାହି ଥାନା ଅଧୀନ ଅସ୍ତଝରଣ, ମଙ୍ଗଡିଆ ଏବଂ କମଳାଶୋଳ ଠାରେ ଚାଲିଥିବା ଚୋରା ଦେଶିମଦ କାରଖାନା ଉପରେ ଗୁରୁବାର ମିଳିତ ଚଢ଼ାଉ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ ଘଟଣାରେ ଗୁରୁବାର ଅପରାହ୍ନ ସାଢେ଼୪ଟାରେ ପୃଥକ ମାମଲା ରୁଜୁକରି ତଦନ୍ତ ଆରମ୍ଭକଲା ବେତନଟୀ ଅବକାରୀ ବିଭାଗ । ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଅବକାରୀ ମୋବାଇଲ ୟୁନିଟ ସମେତ ଖୁଣ୍ଟା, ଉଦଳାଟିମ ପ୍ରମୁଖ ମିଳିତ ଭାବରେ ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ଅତର୍କିତ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ମଦମାଫିଆ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଅସ୍ତଝରଣରେ ୫ହଜାର ୩ଶହକେଜି ପୋଚ, ୪୨୦ଲିଟର ରନ୍ଧାମଦ, ମଙ୍ଗଡିଆରେ ୪ହଜାର ୭ଶହ କେଜି ମହୁଲପୋଚ ଏବଂ ୩୭୦ଲିଟର ରନ୍ଧାମଦ ସମେତ କମଳାଶୋଳରେ ୪ହଜାର ୯ଶହ କେଜି ପୋଚ ଏବଂ ୪୬୦ଲିଟର ରନ୍ଧାମଦ ଏହିପରି ସର୍ବମୋଟ ୧୪ହଜାର ୯ଶହ କେଜି ପୋଚ ଏବଂ ୧୨୫୦ଲିଟର ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡ଼ିକୁ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ଏଥିସହିତ ଘଟଣାସ୍ଥଳରୁ ବହୁ ପରିମାଣର ପ୍ଲାଷ୍ଟିକଡ୍ରମ, ଆଲୁମିନିୟମ ଡ଼େକଚି ସମେତ ଅନ୍ୟାନ୍ୟ ସରଞ୍ଜାମ ଗୁଡିକୁ ଜବତ କରାଯାଇଛି । ଏନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ଗୁରୁବାର ଅପରାହ୍ନରେ ମାମଲା ରୁଜୁକରି ଅଧିକ ତଦନ୍ତ ଆରମ୍ଭ କରାଯାଇଛି ।

# ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠାର ଅଗ୍ରଗତି ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୨/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ମୁହାଣରେ ବନ୍ଦର ପ୍ରତିଷ୍ଠା ନେଇ ପ୍ରକଳ୍ପ ବିଳମ୍ବିତ ହୋଇଚାଲିଛି । ନିର୍ମାଣାଧୀନ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତାବସ୍ଥା ଓ ଅଗ୍ରଗତି ସମ୍ପର୍କରେ ବିଧାନସଭାରେ ସଦର ବିଧାୟକ ମାନସ କୁମାର ଦତ୍ତପ୍ରଶ୍ନ ଉଠାଇଛନ୍ତି । ପ୍ରସ୍ତାବିତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ନେଇଥିବା ସଂସ୍ଥା ସହିତ ଏଥି ନିମନ୍ତେ ଜାରି ହୋଇଥିବା ନିୟମାବଳୀ ସମ୍ପର୍କରେ ସୂଚନା ଦେବାକୁ ବିଧାୟକ ଶ୍ରୀ ଦତ୍ତ ବିଭାଗୀୟ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହା ସହିତ ପ୍ରକଳ୍ପର ଖର୍ଚ୍ଚ ଅଟକଳ ଏବଂ କେବେ ସୁଦ୍ଧା ଏହି ବନ୍ଦର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ସେ ସମ୍ପର୍କରେ ବିଧାୟକ ଶ୍ରୀ ଦତ୍ତ ଜାଣିବାକୁ ଚାହିଁଥିଲେ । ଏହି ପ୍ରଶ୍ନର ଉତ୍ତର ରଖି ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ, ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ମୁହାଣ ଚୌମୁଖ ଠାରେ ଏକ ଅଣ-ବୃହତ ବନ୍ଦର ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି । ଏହି ବନ୍ଦରର ବିକାଶ ନିମନ୍ତେ କ୍ରିଏଟିଭ ପୋର୍ଟ ଡେଭେଲପମେଂଟ ଲିମିଟେଡ (ସମ୍ପ୍ରତି ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ)ଙ୍କ ସହିତ ରାଜ୍ୟ ସରକାର ଗତ ୨୦୦୮ ମସିହା ଜାନୁଆରୀ ୧୧ ତାରିଖରେ ଏକ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ସରକାରୀ ଘରୋଇ ସହଭାଗିତା (ପବ୍ଲିକ - ପ୍ରାଇଭେଟ ପାର୍ଟନରସିପ୍) ଆଧାରରେ କରାଯାଉଛି । ରାଜ୍ୟ ସରକାରଙ୍କ ସହିତ ହୋଇଥିବା ରିହାତି ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ ବନ୍ଦରର ବିକାଶ କାର୍ଯ୍ୟ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ ସଂସ୍ଥା କରୁଅଛି । ଏହି ପ୍ରକଳ୍ପ ନିମନ୍ତେ ଆବଶ୍ୟକୀୟ ୯୬୧.୧୮୦ ଏକର ସରକାରୀ ଜମି ମଧ୍ୟରୁ ୬୯୨.୬୮୦ ଏକର ଜମି ବନ୍ଦର ବିକାଶ ସଂସ୍ଥାକୁ ସରକାର ହସ୍ତାନ୍ତର କରି ସାରିଛନ୍ତି । ଆବଶ୍ୟକୀୟ ଅବଶିଷ୍ଟ ଜମି ହସ୍ତାନ୍ତର କାର୍ଯ୍ୟ ବିଭିନ୍ନ କାରଣ ପାଇଁ ସମ୍ଭବ ହୋଇପାରିନାହିଁ । ଏ ଦିଗରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ବନ୍ଦରକୁ ସଡକ ଓ ରେଳ ପଥ ଦ୍ୱାରା ସଂଯୋଗ କରିବା ଦିଗରେ ଆବଶ୍ୟକୀୟ ସରକାରୀ ଓ ବେସରକାରୀ ଜମି ଅଧିଗ୍ରହଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ପ୍ରଥମ ପର୍ଯ୍ୟାୟ ବିକାଶ ନିମନ୍ତେ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୩୪୫ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି । ୧୨ଟି ବର୍ଥ ସମ୍ବଳିତ ଏହି ବନ୍ଦର ପ୍ରତିଷ୍ଠା ମାଧ୍ୟମରେ ବାର୍ଷିକ ୨୫ ମିଲିୟନ ମେଟ୍ରିକ ଟନରୁ ୫୫ମିଲିୟନ ମେଟ୍ରିକ ଟନ ପଣ୍ୟ ପରିବହନ ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida